VISION DOCUMENT
2036 | 2047

# ଓଡ଼ିଶା ଭିଜନ

## କାର୍ଯ୍ୟକାରୀ ସାରାଂଶ

୨୦୩୬ | ୨୦୪୭

**ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା**





# ଓଡ଼ିଶା ଭିଜନ

## କାର୍ଯ୍ୟକାରୀ ସାରାଂଶ

୨୦୩୬ - ୨୦୪୭

## ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା

**କୃତଜ୍ଞତା**

ଏହି ଭିଜନ ଡକ୍ୟୁମେଣ୍ଟକୁ ରୂପ ଦେବାରେ ନୀତି ଆୟୋଗର ଅବଦାନ ପାଇଁ ରାଜ୍ୟ ସରକାର ଗଭୀର ଭାବେ କୃତଜ୍ଞ ।

ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପ୍ରଥମେ ଜୁନ୍ ୨୦, ୨୦୨୫ରେ ଭାରତର ସମ୍ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସେହି ଦିନଠାରୁ ଏହି ଦସ୍ତାବିଜଟିକୁ ଅଫିସିଆଲ୍ ପୋର୍ଟାଲ *(https://vision.odisha.gov.in)* ରେ ଓଡ଼ିଶା ଭିଜନ ପୋର୍ଟାଲ୍ ତଥା ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର ୱେବସାଇଟରେ ସାଧାରଣ ଲୋକଙ୍କ ଅବଗତି ନିମନ୍ତେ ଅପଲୋଡ୍ କରାଯାଇଛି ।

ଜୁନ୍ ୨୦୨୫

ଯୋଜନା ଓ ସଂଯୋଜନ ବିଭାଗ

ଓ ଡ଼ି ଶା  ସ ର କା ର

ସ୍ୱତ୍ୱ ୨୦୨୫
ଓଡ଼ିଶା ସରକାର
ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ପ୍ରକାଶିତ
ସର୍ବସ୍ୱତ୍ୱ ସଂରକ୍ଷିତ । ଏହି ପ୍ରକାଶନର କୌଣସି ଅଂଶକୁ ଓଡ଼ିଶା
ସରକାରଙ୍କର ପ୍ରାକ୍ ଅନୁମତି ବିନା କୌଣସି ଭାବେ ବା ମାଧ୍ୟମରେ
ପୁନଃପ୍ରକାଶନ, ସଂରକ୍ଷଣ ବା ସଞ୍ଚାରଣ କରାଯିବ ନାହିଁ ।
............
ଡିଜାଇନ୍:
ଥାର୍ଡ ଆଇ କମ୍ୟୁନିକେସନସ୍, ଭୁବନେଶ୍ୱର
ମୁଦ୍ରଣ:
ଓଡ଼ିଶା ସରକାରଙ୍କ ପ୍ରେସ୍, ମଧୁପାଟଣା, କଟକ

ବୈଧାନିକ ସତର୍କତା:

'ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭' ହେଉଛି ଏକ ଦୂରଦର୍ଶୀ ତଥା ପ୍ରଗତିଶୀଳ ଦସ୍ତାବିଜ ଯାହାକି ବିଭିନ୍ନ ସ୍ତରରେ ପରାମର୍ଶକ୍ରମେ ରୂପାୟିତ ହୋଇଛି । ଏହା ଏକ ସ୍ଥିର ଯୋଜନା ନୁହେଁ ବରଂ ଏକ ପରିବର୍ତ୍ତନଶୀଳ ଢାଞ୍ଚା ଯାହାକି ଦେଖା ଦେଉଥିବା ଆହ୍ୱାନ ଅନୁଯାୟୀ ପରିବର୍ତ୍ତନ ଓ ସୁଯୋଗ ଅନୁସାରେ ସଂଶୋଧନ ପାଇଁ ଉଦ୍ଦିଷ୍ଟ । ସମସ୍ତ ଲକ୍ଷ୍ୟ ଓ ପୂର୍ବାନୁମାନ ସୂଚନାତ୍ମକ ମାତ୍ର, ଏହା ସାମ୍ପ୍ରତିକ ତଥ୍ୟ, ଧାରଣା ଓ ବିଶେଷଜ୍ଞଙ୍କ ପରାମର୍ଶ ଉପରେ ଆଧାରିତ ।



## ୧. ଉପକ୍ରମ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶା ଆଜି ବିକାଶ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ରୂପାନ୍ତରଣର ସନ୍ଧିକ୍ଷଣରେ ଠିଆ ହୋଇଛି । ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ କେବଳ ଏକ ସରକାରୀ ଦସ୍ତାବିଜ ନୁହେଁ, ବରଂ ରାଜ୍ୟ ତଥା ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ୩ ଲକ୍ଷ ୨୦ ହଜାରରୁ ଅଧିକ ନାଗରିକଙ୍କ ମତାମତ ଓ ପ୍ରସ୍ତାବ ଆଧାରରେ ପ୍ରସ୍ତୁତ ଏକ ଐତିହାସିକ ମାର୍ଗଦର୍ଶିକା ।

ଏହାର ପ୍ରସ୍ତୁତି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଏକ ସମାବେଶୀ ଏବଂ ସୁଦୂରପ୍ରସାରୀ ବିଚାରବିମର୍ଶ ପ୍ରକ୍ରିୟା ଗ୍ରହଣ କରାଯାଇଥିଲା । ରାଜ୍ୟର ସମସ୍ତ ଜିଲ୍ଲାର ଲୋକଙ୍କ ସହିତ ବିଶେଷଜ୍ଞ, ବିଭିନ୍ନ ଶିଳ୍ପ ସଂଗଠନ, ଛାତ୍ରଛାତ୍ରୀ, ନାଗରିକ ସମାଜ ଏବଂ ପ୍ରବାସୀ ଓଡ଼ିଆ ଏହି ଭିଜନକୁ ରୂପ ଦେବାରେ ବିଶେଷ ସହାୟକ ହୋଇଛନ୍ତି । ଏହାଛଡ଼ା ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ କର୍ମଶାଳା ତଥା ଯୁବବର୍ଗ, ମହିଳା, କୃଷକ, ଗବେଷକ ଏବଂ ଉଦ୍ୟୋଗୀମାନଙ୍କୁ ନେଇ ବିଷୟଭିତ୍ତିକ ଆଲୋଚନାର ଆୟୋଜନ କରାଯାଇଥିଲା । ଏହି ମାର୍ଗଦର୍ଶିକା ସେମାନଙ୍କ ମତାମତର ଏକ ବଳିଷ୍ଠ ପ୍ରତିଫଳନ ।

ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସମୟରେ ଏହି ଭିଜନକୁ ପ୍ରସ୍ତୁତ କରାଯାଇଛି । **୨୦୩୬**ରେ ଓଡ଼ିଶା **ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ** ପୂର୍ତ୍ତି ପାଳନ କରିବ । ସେହିପରି **୨୦୪୭**ରେ ଭାରତର **ସ୍ୱାଧୀନତାକୁ ୧୦୦ ବର୍ଷ** ପୂରଣ ହେବ । ଏହି ମାଇଲଖୁଣ୍ଟଗୁଡ଼ିକ କେବଳ ସ୍ମରଣୀୟ ବିଷୟ ନୁହେଁ – ଏହା ପ୍ରତିବଦ୍ଧତା ପ୍ରଦର୍ଶନ କରିବା ଲାଗି ଏକ ଆହ୍ୱାନ ।

ଏହି ଐତିହାସିକ ମୁହୂର୍ତ୍ତକୁ ସମ୍ମାନ ଦେଇ ଅଭିବୃଦ୍ଧି ଏବଂ ସମତା କ୍ଷେତ୍ରରେ ଏକ ଜାତୀୟ ଏବଂ ଅନ୍ତର୍ଜାତୀୟ ନେତୃତ୍ୱ ଭାବେ ନିଜକୁ ପ୍ରତିଷ୍ଠା କରିବା ଓଡ଼ିଶାର ଲକ୍ଷ୍ୟ । ଏହି ଭିଜନ ଯଦିଓ ଏକ ସାହସିକ କିନ୍ତୁ ହାସଲଯୋଗ୍ୟ ପଦକ୍ଷେପ । ଏହା ଅଧୀନରେ ଓଡ଼ିଶାର ଅର୍ଥନୀତିର ଆକାର ୨୦୩୬ ମସିହା ସୁଦ୍ଧା ୫୦ ହଜାର କୋଟି ଆମେରିକୀୟ ଡଲାର ଏବଂ ୨୦୪୭ ମସିହା ସୁଦ୍ଧା ୧.୫ ଲକ୍ଷ କୋଟି ଆମେରିକୀୟ ଡଲାର ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ଯାହାକି ବର୍ତ୍ତମାନର ଆକାରଠାରୁ ପ୍ରାୟ ପନ୍ଦର ଗୁଣ ଅଧିକ । ସମାବେଶୀ ବିକାଶ ଉପରେ ଆଧାରିତ ଏହି ଅର୍ଥନୈତିକ ଲକ୍ଷ୍ୟ ହାସଲ ଫଳରେ ରାଜ୍ୟରେ ଏକ କୋଟିରୁ ଅଧିକ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି ସାର୍ବଜନୀନ ସାକ୍ଷରତା ଓ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସହିତ ସବୁଜ ଶକ୍ତି, ପର୍ଯ୍ୟଟନ, ଉତ୍ପାଦନ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଓଡ଼ିଶା ଦେଶର ନେତୃତ୍ୱ ନେବ ।

ଏହା ଏକ ସାମୂହିକ ଯାତ୍ରା – ଲୋକଙ୍କ ଦ୍ୱାରା ପରିଚାଳିତ, ଗୌରବ ସହ ଜଡ଼ିତ ଏବଂ ଅର୍ଥପୂର୍ଣ୍ଣ । ଏହି ଭବିଷ୍ୟତକୁ ସାକାର କରିବାରେ ପ୍ରତ୍ୟେକ ଓଡ଼ିଆଙ୍କର ବିଶେଷ ଭୂମିକା ରହିଛି । ମିଳିତ ଭାବେ ଆମେ ଏକ ବିକଶିତ ଓଡ଼ିଶା ଗଢ଼ିବା – ଯାହା ଭାରତକୁ ନେତୃତ୍ୱ ଦେବ ଏବଂ ବିଶ୍ୱ ପାଇଁ ହେବ ପ୍ରେରଣାପଦ ହେବ ।

## ୨. ସାମର୍ଥ୍ୟ ଏବଂ ଆହ୍ୱାନ

ଆମ ରାଜ୍ୟ ଏକ ନିର୍ଣ୍ଣାୟକ ମୁହୂର୍ତ୍ତରେ ଛିଡ଼ା ହୋଇଛି । ଅପାର ସାମର୍ଥ୍ୟରେ ସଜ୍ଜିତ ହୋଇ ଏହା ସମାବେଶୀ ଓ ଦୀର୍ଘସ୍ଥାୟୀ ବିକାଶ ଦିଗରେ ଏହାର ଯାତ୍ରାକୁ ତ୍ୱରାନ୍ୱିତ କରିବାକୁ ପ୍ରସ୍ତୁତ । ଭିଜନ ୨୦୩୬ ଏବଂ ୨୦୪୭ର ରୂପରେଖ ରାଜ୍ୟର ସାଂସ୍କୃତିକ ସମୃଦ୍ଧି, ପ୍ରାକୃତିକ ପ୍ରାଚୁର୍ଯ୍ୟ ଏବଂ ମାନବସମ୍ବଳର ଦୃଢ଼ ମୂଳଦୁଆ ଉପରେ ଆଧାରିତ । ଏଥିରେ ନିରନ୍ତର ଢାଂଚାଗତ ପ୍ରତିବନ୍ଧକକୁ ଦୂର କରି ରାଜ୍ୟର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିବାର ଜରୁରୀ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଛି ।

### ଆମ ରାଜ୍ୟର ଅପାର ସମ୍ଭାବନା

- **ସାଂସ୍କୃତିକ ଏବଂ ହସ୍ତଶିଳ୍ପ ଐତିହ୍ୟ:** ଆମ ରାଜ୍ୟର ସାଂସ୍କୃତିକ ଆତ୍ମା ଏହାର ଶହ ଶହ ବର୍ଷ ତଳର ଅନନ୍ୟ କଳା, ବିଭିନ୍ନ ପର୍ବପର୍ବାଣୀ ଏବଂ ବିଶ୍ୱବ୍ୟାପୀ ପ୍ରଶଂସିତ ହସ୍ତଶିଳ୍ପ ମାଧ୍ୟମରେ ଉଜ୍ଜ୍ୱଳ ହୋଇଥାଏ । ରଥଯାତ୍ରାର ଗରିମାଠାରୁ ଆରମ୍ଭକରି ସାଢ଼େ ତିନି ଲକ୍ଷରୁ ଅଧିକ କାରିଗର ଏବଂ ବୁଣାକାରଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ ପର୍ଯ୍ୟନ୍ତ, ସାଂସ୍କୃତିକ ବିବିଧତା ଆମ ପାଇଁ ଗର୍ବର ବିଷୟ ଏବଂ ଆର୍ଥିକ ସୁଯୋଗର ପରିଚାଳକ ହୋଇପାରିଛି ।
- **ପ୍ରାକୃତିକ ସମ୍ବଳ ଏବଂ ଶକ୍ତି କ୍ଷେତ୍ରରେ ଅଗ୍ରଣୀ:** ୫୫% ଲୁହାପଥର, ୧୦୦% କ୍ରୋମାଇଟ୍ ଏବଂ ୭୩% ବକ୍ସାଇଟ୍ ସହ ଆମ ରାଜ୍ୟ ଦେଶର ଶିଳ୍ପ ଇଞ୍ଜିନର ଏକ ପ୍ରମୁଖ ସ୍ତମ୍ଭ ପାଲଟିଛି । ୧୧,୦୦୦ ମେଗାୱାଟରୁ ବଳକା ବିଦ୍ୟୁତ୍ ଶକ୍ତି ଆମକୁ ଭବିଷ୍ୟତର ଅଭିବୃଦ୍ଧି ପାଇଁ ଇନ୍ଧନ ଯୋଗାଇବା ସହ ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣରେ ନେତୃତ୍ୱ ନେବା ପାଇଁ ସକ୍ଷମ କରିଛି ।
- **ଯୁବ ଓ ସକ୍ରିୟ ଜନସଂଖ୍ୟା:** ଜନସଂଖ୍ୟାର ୬୯% ଲୋକ କାମ କରିବା ବୟସ ବର୍ଗର ହୋଇଥିବା ବେଳେ ପ୍ରତିବର୍ଷ କର୍ମଶକ୍ତିରେ ଯୋଗ ଦେଉଥିବା ଦୁଇ ଲକ୍ଷରୁ ଅଧିକ ସ୍ନାତକ – ବିଶେଷକରି ଯୁବବର୍ଗ - ଆମ ଆର୍ଥିକ ଆକାଂକ୍ଷାର ମେରୁଦଣ୍ଡକୁ ମଜବୁତ କରିଥା'ନ୍ତି । ଏହାସହିତ ମହିଳା ସଶକ୍ତିକରଣ ଏବଂ ସମାବେଶୀ ଶ୍ରମଶକ୍ତି ଉପରେ ବିଶେଷ ଧ୍ୟାନ ଦିଆଯାଉଛି ।
- **ନୀଳ ଓ ସବୁଜ ସମ୍ପତ୍ତି:** ୫୭୫ କିଲୋମିଟର ବ୍ୟାପୀ ଉପକୂଳ, ମୁଣ୍ଡପିଛା ୩୦୦୦+ ଘନ ମିଟର ଜଳ ଏବଂ ଘଞ୍ଚ ଜଙ୍ଗଲ ଅଭିନବ ପରିବେଶଗତ ଲାଭ ପ୍ରଦାନ କରିଥାଏ । ଏହି ପ୍ରାକୃତିକ ସମ୍ପଦ ଜୀବିକା ବିକାଶକୁ ସହାୟକ ହେବା ସହିତ, ଜଳବାୟୁ ସହନଶୀଳତା ଏବଂ ସାମୁଦ୍ରିକ ଅର୍ଥନୀତିର ବିକାଶ ପାଇଁ ପ୍ରଚୁର ସମ୍ଭାବନା ପ୍ରଦାନ କରିଛି ।

### ସମାଧାନ ପାଇଁ ଢାଞ୍ଚାଗତ ଆହ୍ୱାନ

ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ସହ ଓଡ଼ିଶା ଭିଜନର ଲକ୍ଷ୍ୟ ସାଧନ କରିବା ପାଇଁ ବିକାଶ କ୍ଷେତ୍ରରେ ଥିବା ଜଟିଳ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ ହେବ ।

- **ଅଣବ୍ୟବହୃତ ଶିଳ୍ପ ସମ୍ଭାବନା:** ଉତ୍ପାଦନ ଏବଂ ନିର୍ମାଣ କ୍ଷେତ୍ର ନିମ୍ନ ମୂଲ୍ୟ-ଶୃଙ୍ଖଳାର ସମନ୍ୱୟ, ସୀମିତ ବିବିଧତା ଏବଂ ଦକ୍ଷ ମାନବସମ୍ବଳର ଅଭାବ ଭଳି ସମସ୍ୟାର ସମ୍ମୁଖୀନ ହେଉଥିବାରୁ ନିଯୁକ୍ତି ସୃଷ୍ଟି ଏବଂ ଆର୍ଥିକ ବିକାଶ କ୍ଷେତ୍ରରେ ନିମ୍ନମାନର ପ୍ରଦର୍ଶନ କରୁଛି ।
- **ଦୀର୍ଘସ୍ଥାୟୀ ବିକାଶ ସହିତ ଅଭିବୃଦ୍ଧି:** ଶିଳ୍ପ ସମ୍ପ୍ରସାରଣ ଯେଉଳି ଆବଶ୍ୟକ, ପରିବେଶର ସୁରକ୍ଷା ମଧ୍ୟ ଅନୁରୂପ ଭାବେ ଗୁରୁତ୍ୱପୂର୍ଣ୍ଣ । ଉତ୍ତୋଳନ କ୍ଷେତ୍ର ଉପରେ ଅତ୍ୟଧିକ ନିର୍ଭରଶୀଳତା ଦୀର୍ଘକାଳୀନ ପରିବେଶ ଏବଂ ଆର୍ଥିକ ସୁରକ୍ଷାକୁ ପ୍ରଭାବିତ କରିପାରେ ।
- **ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ମନ୍ଥରତା:** ବିଭିନ୍ନ ଅନୁମୋଦନରେ ବିଳମ୍ବ, ଖଣ୍ଡିତ କାର୍ଯ୍ୟାନ୍ୱୟନ ଏବଂ ଦକ୍ଷତାର ଅଭାବ ପ୍ରକଳ୍ପକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ତେଣୁ ଦ୍ରୁତ, ଉତ୍ତରଦାୟୀ ଏବଂ ସମନ୍ୱିତ କାର୍ଯ୍ୟକାରିତା ଏହାର ସମାଧାନ ଗୁରୁତ୍ୱପୂର୍ଣ୍ଣ ।

- **ଆଞ୍ଚଳିକ ଅସମାନତା:** ସହରାଞ୍ଚଳ-ଶିଳ୍ପାଞ୍ଚଳ କ୍ଷେତ୍ରରେ ଅଭିବୃଦ୍ଧି କେନ୍ଦ୍ରୀଭୂତ ହୋଇଥିବା ବେଳେ ରାଜ୍ୟର ଅନେକ ଜିଲ୍ଲା - ବିଶେଷକରି ଦକ୍ଷିଣ ଏବଂ ପଶ୍ଚିମାଂଚଳ - ଏଥିରୁ ବଂଚିତ ହୋଇ ରହିଛି । ପ୍ରତ୍ୟେକ ଗ୍ରାମରେ ବିଜୁଳି ଯୋଗାଣରେ ଭୋଲଟେଜ୍ ସମସ୍ୟା, ସୀମିତ ସ୍ୱାସ୍ଥ୍ୟସେବା ଏବଂ ପର୍ଯ୍ୟାପ୍ତ ପରିବହନ ବ୍ୟବସ୍ଥା ନଥିବା ଅଂଚଳର ବିକାଶକୁ ସୁନିଶ୍ଚିତ କରିବା ପାଇଁ ନିବେଶର ଆବଶ୍ୟକତା ରହିଛି ।
- **ସୀମିତ ନବସୃଜନ ପରିସଂସ୍ଥାନ:** ଗବେଷଣା ଓ ବିକାଶ କ୍ଷେତ୍ରରେ ଜିଏସଡିପିର ୧ ପ୍ରତିଶତରୁ କମ୍ ଖର୍ଚ୍ଚ ହେଉଥିବା ବେଳେ, ସବୁଜ ଶକ୍ତି, ଡିଜିଟାଲ ସେବା ଏବଂ ଉନ୍ନତ ଉତ୍ପାଦନ ଶିଳ୍ପ କ୍ଷେତ୍ର ଆଗକୁ ବଢ଼ିବା ଲାଗି ଆମ ରାଜ୍ୟକୁ ଗବେଷଣା ପ୍ରତିଷ୍ଠାନ, ଷ୍ଟାର୍ଟ-ଅପ୍ ଏବଂ ନୂଆ ଯୁଗର ଉଦ୍ୟୋଗଗୁଡ଼ିକୁ ସହାୟତା ପ୍ରଦାନ କରିବାର ଆବଶ୍ୟକତା ରହିଛି ।

*ସମୃଦ୍ଧ ସମ୍ବଳ, ଦୃଢ଼ ଉତ୍ସାହ ଏବଂ ଏକ ମିଳିତ ଉଦ୍ଦେଶ୍ୟ ଆମର ପାଥେୟ । କିନ୍ତୁ ଭିଜନ ୨୦୩୬ ଏବଂ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ ବିଭିନ୍ନ ଆହ୍ୱାନର ମୁକାବିଲା କରିବା ଓ ଏହାକୁ ଅତିକ୍ରମ କରିବା ଲାଗି ଆମର ଦୃଢ଼ ପ୍ରୟାସର ଆବଶ୍ୟକତା ରହିଛି । ବଡ଼ଧରଣର ସଂସ୍କାର, ଗୋଷ୍ଠୀଗତ ପରିଚାଳନା ଏବଂ ସମାବେଶୀ ଅଭିବୃଦ୍ଧି ରଣନୀତି ମାଧ୍ୟମରେ ଆମ ରାଜ୍ୟ ସ୍ଥାୟୀ ଏବଂ ସମାନୁପାତିକ ବିକାଶ କ୍ଷେତ୍ରରେ ଏକ ଜାତୀୟ ମଡେଲ ହେବାକୁ ପ୍ରସ୍ତୁତ ।*



## ୩. ଭିଜନକୁ କାର୍ଯ୍ୟକାରୀ କରିବା: ପରିବର୍ତ୍ତନର ମାର୍ଗ

ଆମର ଅନ୍ତର୍ନିହିତ ସାମର୍ଥ୍ୟକୁ ଆଧାରକରି ଏବଂ ଆଗକୁ ଆସୁଥିବା ଆହ୍ୱାନଗୁଡ଼ିକ ପ୍ରତି ସମ୍ପୂର୍ଣ୍ଣ ସଚେତନ ରହିବା ସହିତ ରାଜ୍ୟ ବର୍ତ୍ତମାନ ସୁଚିନ୍ତିତ, ଯୋଜନାବଦ୍ଧ କାର୍ଯ୍ୟକ୍ରମ ହାତକୁ ନେଇଛି । ବିଭିନ୍ନ କ୍ଷେତ୍ର ଉପରେ ଆଧାରିତ ଅଭିବୃଦ୍ଧିକୁ ଗୁରୁତ୍ୱ ଦେବା, ସମ୍ଭାବନାର ସମ୍ପ୍ରସାରଣ କରିବା ଏବଂ ଭୌଗୋଳିକ, ଲିଙ୍ଗଗତ ଓ ସବୁପିଢ଼ିର ନାଗରିକଙ୍କ ନିକଟରେ ବିକାଶର ଲାଭ କିପରି ପହଁଚି ପାରିବ, ସେ ଦିଗରେ ବିଶେଷ ଧ୍ୟାନ ଦିଆଯାଉଛି ।

ଯଦିଓ ଏହାର ଦିଗ ସୁସ୍ପଷ୍ଟ, ତଥାପି ଏହି ଯାତ୍ରାକୁ ସଫଳ କରିବା ପାଇଁ ବଳିଷ୍ଠ ଚୟନ, ଦୀର୍ଘକାଳୀନ ନିବେଶ ଏବଂ ପରିବର୍ତ୍ତନ ସହ ଖାପ ଖୁଆଇପାରୁଥିବା ସକ୍ରିୟ ସଂସ୍ଥାଗୁଡ଼ିକର ଆବଶ୍ୟକତା ରହିଛି । ଆଗାମୀ ଦୁଇ ଦଶନ୍ଧି ପ୍ରତ୍ୟେକ ଓଡ଼ିଆ ପରିବାର ପାଇଁ ଜୀବନଧାରଣ ମାନରେ ଉନ୍ନତି ସହ ଆବଶ୍ୟକ ସୁଯୋଗ ଓ ସମ୍ମାନ ଉପଲବ୍ଧ କରିବାରେ ନିର୍ଣ୍ଣାୟକ ହେବ ।

### ଅଗ୍ରାଧିକାର କ୍ଷେତ୍ର ମାଧ୍ୟମରେ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା

୨୦୩୬ ଏବଂ ୨୦୪୭ ପାଇଁ ପରିକଳ୍ପିତ ପୂର୍ଣ୍ଣ ଅର୍ଥନୈତିକ ସମ୍ଭାବନାକୁ ସାକାର କରିବା ଲାଗି ଛଅଟି ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି:

- **ଉତ୍ପାଦନ ଏବଂ ମୂଲ୍ୟଯୁକ୍ତ ଶିଳ୍ପ**: ପ୍ରଚୁର ପରିମାଣର କଂଚାମାଲ ଉପଲବ୍ଧ ଥିବାରୁ ଆନୁଷଙ୍ଗିକ ପ୍ରକ୍ରିୟାକରଣ ଶିଳ୍ପ କ୍ଷମତାକୁ ବ୍ୟାପକ କରିବା, ଉଚ୍ଚ ମୂଲ୍ୟର ରପ୍ତାନିକୁ ପ୍ରୋତ୍ସାହିତ କରିବା ଏବଂ ସେମିକଣ୍ଡକ୍ଟର, ପ୍ରତିରକ୍ଷା ଓ ଇଲେକ୍ଟ୍ରୋନିକ୍ସ ଭଳି ପ୍ରଯୁକ୍ତିବିଦ୍ୟା ଆଧାରିତ ଆଧୁନିକ ଶିଳ୍ପ ତଥା ସବୁଜ ସାମଗ୍ରୀ ଶିଳ୍ପକୁ ଆକର୍ଷିତ କରିବା ଆଜିର ଲକ୍ଷ୍ୟ । ସ୍ୱତନ୍ତ୍ର ଶିଳ୍ପ କରିଡର ଏବଂ ପାର୍କ ଏହି ପରିବର୍ତ୍ତନକୁ ଦୃଢ଼ୀଭୂତ କରିବ ।
- **ପର୍ଯ୍ୟଟନ, ସଂସ୍କୃତି ଏବଂ ସୃଜନଶୀଳ ଅର୍ଥ ବ୍ୟବସ୍ଥା**: ଐତିହ୍ୟ ପର୍ଯ୍ୟଟନ, ଉପକୂଳ ଏବଂ ଇକୋ-ଟୁରିଜିମ୍ ତଥା ଆଧୁନିକ ଭିତ୍ତିଭୂମିର ମିଶ୍ରଣ ଦ୍ୱାରା ଓଡ଼ିଶା ଏକ ଶୀର୍ଷସ୍ତରୀୟ ଗନ୍ତବ୍ୟସ୍ଥଳ ହେବାକୁ ଲକ୍ଷ୍ୟ ରଖିଛି । ଏକାଧିକ ସଂଯୁକ୍ତ ପର୍ଯ୍ୟଟନ ହବ୍, ଐତିହ୍ୟ ସଂରକ୍ଷଣ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ସାଂସ୍କୃତିକ ପ୍ରୋତ୍ସାହନ ଯୋଜନାକୁ ପରିବର୍ଦ୍ଧିତ କରାଯିବ ।
- **ଆଇଟି, ଆଇଟିଇଏସ୍ ଏବଂ ଡିଜିଟାଲ ସେବା**: ଏକ ଆଧୁନିକ ଡିଜିଟାଲ ହବ୍ ଭାବେ ଗଢ଼ି ଉଠୁଥିବା ଭୁବନେଶ୍ୱରର ପରିଚୟକୁ ଆଧାରକରି ରାଜ୍ୟ ସର୍ବସାଧାରଣଙ୍କ ପାଇଁ ଡିଜିଟାଲ ଭିତ୍ତିଭୂମି, ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ ଏବଂ ବିଭିନ୍ନ କ୍ଷେତ୍ର ଉପରେ ଆଧାରିତ ଦକ୍ଷତାବିକାଶ ଦିଗରେ ନିବେଶ କରୁଛି, ଯାହାଦ୍ୱାରା ଆଧୁନିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ।
- **ପରିବହନ ଏବଂ ଲଜିଷ୍ଟିକ୍ସ**: ବନ୍ଦର, ଏକ୍ସପ୍ରେସୱେ, ରେଳ ମାଲ ପରିବହନ ସଂଯୋଗ ଏବଂ ଶୀତଳ ଶୃଙ୍ଖଳ ଭିତ୍ତିଭୂମି କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନିବେଶ ଜରିଆରେ ବହୁମୁଖୀ ସଂଯୋଗୀକରଣକୁ ସୁଦୃଢ଼ କରାଯାଉଛି । ଆଭ୍ୟନ୍ତରୀଣ ବଜାରକୁ ବିଶ୍ୱ ଯୋଗାଣ ଶୃଙ୍ଖଳା ସହିତ ଯୋଡ଼ିବା ସହ ଓଡ଼ିଶା ଭାରତ ପାଇଁ ପୂର୍ବାଂଚଳର ଲଜିଷ୍ଟିକ୍ସ ପ୍ରବେଶ ଦ୍ୱାର ହେବାକୁ ଚାହୁଁଛି ।
- **ସବୁଜ ଓ ସ୍ୱଚ୍ଛ ଇନ୍ଧନ**: ଅକ୍ଷୟଶକ୍ତିର ବିପୁଳ ସମ୍ଭାବନା ଏବଂ ବଳକା କ୍ଷମତା ସହିତ ସୌର, ଜଳବିଦ୍ୟୁତ, ସବୁଜ ହାଇଡ୍ରୋଜେନ୍ ଏବଂ ବାୟୋମାସ ମୂଲ୍ୟ ଶୃଙ୍ଖଳକୁ ବ୍ୟାପକ କରିବା ଉପରେ ରାଜ୍ୟ ଗୁରୁତ୍ୱ ଦେଉଛି । ଲକ୍ଷ୍ୟ ହେଉଛି ଓଡ଼ିଶାକୁ ସବୁଜ ଶକ୍ତିର ଏକ ପ୍ରମୁଖ ରପ୍ତାନିକାରୀ ରାଜ୍ୟ ଭାବେ ଗଢ଼ିତୋଳିବା ସହ ଶକ୍ତି ଉତ୍ପାଦନ ପାଇଁ ଆବଶ୍ୟକ ବିଭିନ୍ନ ଯନ୍ତ୍ରାଂଶର ନିର୍ମାଣ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବା ।
- **କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର**: ଅଧିକ ଅର୍ଥକାରୀ ଫସଲ, ଦୁଗ୍ଧ, ମତ୍ସ୍ୟଚାଷ ଏବଂ ଖାଦ୍ୟ ପ୍ରକ୍ରିୟାକରଣରେ ବିବିଧକରଣ ଦ୍ୱାରା କୃଷିକ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ହେଉଛି । ଜଳବାୟୁ ଅନୁକୂଳ କୃଷିର ପ୍ରସାର ସହିତ ବଜାର ସଂଯୋଗକୁ ସୁନିଶ୍ଚିତ କରି ଚାଷୀମାନଙ୍କ ଆୟ ବୃଦ୍ଧି କରିବା ସରକାରଙ୍କ ଲକ୍ଷ୍ୟ ।

## ଆନୁଷ୍ଠାନିକ ସଂଚାଳକ ଏବଂ ପ୍ରାଶାସନିକ ପ୍ରାଥମିକତା

ବିଭିନ୍ନ କ୍ଷେତ୍ରୀୟ ପରିବର୍ତ୍ତନ ସହିତ ରାଜ୍ୟ କିପରି ଯୋଜନା ପ୍ରସ୍ତୁତି କରୁଛି ଏବଂ ବିଭିନ୍ନ ସେବା ପ୍ରଦାନ ତଥା ପ୍ରଶାସନିକ ଦକ୍ଷତା ବୃଦ୍ଧି କରୁଛି, ତାହା ଉପରେ ଏହି ଭିଜନରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ପ୍ରମୁଖ ସଂଚାଳକଗୁଡ଼ିକ ମଧ୍ୟରେ ରହିଛି:

- **ଏକକ ଯୋଜନା ଏବଂ ବିତରଣ ବ୍ୟବସ୍ଥା:** ସରକାରଙ୍କ ବିଭିନ୍ନ ବିଭାଗ ଏବଂ ବିଭିନ୍ନ ସ୍ତରରେ ପ୍ରତ୍ୟକ୍ଷ, ଡିଜିଟାଲ ଏବଂ ଆର୍ଥିକ ଯୋଜନାର ସମନ୍ୱୟକୁ ପ୍ରାଥମିକତା ଦିଆଯାଇଛି । ଡିଜିଟାଲ ଡ୍ୟାସବୋର୍ଡ, ଜିଆଇଏସ ଉପକରଣ ଏବଂ ରିଅଲ-ଟାଇମ୍ ମନିଟରିଂ ସିଷ୍ଟମକୁ ଆନୁଷ୍ଠାନିକ ଭାବେ ବ୍ୟବହାର କରାଯାଉଛି ।
- **ସାର୍ବଜନୀନ ଆର୍ଥିକ ପରିଚାଳନା ସଂସ୍କାର:** ବିତ୍ତୀୟ ଦାୟିତ୍ୱବୋଧ, ପୁଞ୍ଜି ବ୍ୟୟ ଉପରେ ନଜର ରଖିବା ଏବଂ ଫଳାଫଳ ଆଧାରିତ ବ୍ୟୟ ଅଟକଳକୁ ସୁଦୃଢ଼ କରାଯାଉଛି, ଯାହାଦ୍ୱାରା ଅଭିବୃଦ୍ଧିକୁ ନିବେଶ ଆଧାରିତ, ସମାବେଶୀ ଏବଂ ଦୀର୍ଘସ୍ଥାୟୀ କରାଯାଇପାରିବ ।
- **ମାନବସମ୍ବଳ ଏବଂ ଦକ୍ଷତା ବ୍ୟବସ୍ଥା:** ଉଚ୍ଚ-ଅଭିବୃଦ୍ଧି କ୍ଷେତ୍ରର ଆବଶ୍ୟକତାକୁ ନଜରରେ ରଖି ଓଡ଼ିଶା ଭବିଷ୍ୟତ ପାଇଁ ଦକ୍ଷତା ବିକାଶ କ୍ଷେତ୍ରକୁ ସୁଦୃଢ଼ କରୁଛି । ଦୀର୍ଘକାଳୀନ ଦକ୍ଷ ମାନବସମ୍ବଳ ଲାଗି ସ୍ୱତନ୍ତ୍ର ଦକ୍ଷତା ବିଶ୍ୱବିଦ୍ୟାଳୟ ଏବଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି ।
- **ସହରାଞ୍ଚଳ ପ୍ରଶାସନର ରୂପାନ୍ତରଣ:** ୨୦୪୭ ମସିହା ସୁଦ୍ଧା ରାଜ୍ୟରେ ସହରୀକରଣ ୬୦% ପହଞ୍ଚିବା ଆକଳନ କରାଯାଉଛି । ତେଣୁ ସହରଗୁଡ଼ିକ କିପରି ବାସ ଉପଯୋଗୀ ହେବ ଏବଂ ଦୀର୍ଘସ୍ଥାୟୀ ବିକାଶର ମାଧ୍ୟମ ହେବ, ସେ ଦିଗରେ ପଦକ୍ଷେପ ନିଆଯିବ । ନୂତନ ଟାଉନସିପ୍ ପ୍ରତିଷ୍ଠା ସହ ସ୍ୱଚ୍ଛ ଇନ୍ଧନ ପରିଚାଳିତ ପରିବହନ ବ୍ୟବସ୍ଥା ଏବଂ ସହରାଂଚଳ ନବସୃଜନ କେନ୍ଦ୍ର ସ୍ଥାପନ ଉପରେ ଗୁରୁତ୍ୱ ଦିଆଯିବ ।
- **ଜଳବାୟୁ ପ୍ରତିରୋଧ କ୍ଷମତା ଏବଂ ବିପର୍ଯ୍ୟୟ ପରିଚାଳନା:** ସମନ୍ୱିତ ଉପକୂଳ ଜୋନ୍ ପରିଚାଳନା, ପରିବେଶ ପ୍ରତିରୋଧୀ ଆବାସ ତଥା ଜଳବାୟୁ ଆଧାରିତ ଆର୍ଥିକ ପ୍ଲାଟଫର୍ମ ବ୍ୟବହାର କରି ଜଳବାୟୁ-ଅନୁକୂଳ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ନେତୃତ୍ୱ ନେବାକୁ ଲକ୍ଷ୍ୟ ରଖିଛି ।

## ଭବିଷ୍ୟତର ମାର୍ଗ

ବାର୍ଷିକ କ୍ଷେତ୍ରୀୟ ଲକ୍ଷ୍ୟ, ୩୬ ପାଇଁ ୩୬ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଏବଂ ପ୍ରମୁଖ ଆନୁଷ୍ଠାନିକ ଢାଞ୍ଚା ମାଧ୍ୟମରେ ଆକାଂକ୍ଷାରୁ କାର୍ଯ୍ୟସାଧନ ପର୍ଯ୍ୟନ୍ତ ମାର୍ଗ ପ୍ରସ୍ତୁତ ହୋଇଛି ।


୨୦୩୬ ଏବଂ ୨୦୪୭ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଥିବା ବେଳେ, ପରିବର୍ତ୍ତନର ଧାରା ଆରମ୍ଭ ହୋଇସାରିଛି ଯାହାକି ଆମର ଆର୍ଥିକ ପ୍ରଗତି, ଭିତ୍ତିଭୂମିର ବ୍ୟାପକ ବିକାଶ, କଲ୍ୟାଣକାରୀ ଯୋଜନାର ପ୍ରସାର ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ଲୋକଙ୍କ ଭାଗିଦାରୀ ମାଧ୍ୟମରେ ପ୍ରତିଫଳିତ ହେଉଛି ।

ଆଗକୁ ଯାହା ରହିଛି ତାହା କେବଳ ଆର୍ଥିକ ସମ୍ପ୍ରସାରଣ ନୁହେଁ, ବରଂ ଏକ ଆଧୁନିକ କିନ୍ତୁ ମୂଳ ସହିତ ଦୃଢ଼ ଭାବରେ ଜଡ଼ିତ, ପ୍ରତିଦ୍ୱନ୍ଦ୍ୱିତାମୂଳକ ଅଥଚ ସହାନୁଭୂତିଶୀଳ ଏବଂ ଉଚ୍ଚାଭିଳାଷୀ ଅଥଚ ସମାବେଶୀ ସମାଜର ସୃଷ୍ଟି ।

ଏକ ଗୌରବ ଏବଂ ଅର୍ଥପୂର୍ଣ୍ଣ ମାର୍ଗରେ ଏକାଠି ଚାଲିବା ଦ୍ୱାରା ଆମ ରାଜ୍ୟ କେବଳ ଏହାର ଲକ୍ଷ୍ୟ ହାସଲ କରିବ ନାହିଁ, ବରଂ ଭାରତ ଏବଂ ଦେଶ ବାହାରେ ଜନ ନେତୃତ୍ୱାଧୀନ ବିକାଶ ମଡେଲ ପାଇଁ କ'ଣ ସମ୍ଭବ ତାହା ପୁନଃ ପରିଭାଷିତ କରିବ ।

## ରାଜ୍ୟ ସକଳ ଘରୋଇ ଉତ୍ପାଦର ଆକଳନ

**ରାଜ୍ୟ ସକଳ ଘରୋଇ ଉତ୍ପାଦ ଚଳନ୍ତି ମୂଲ୍ୟରେ (ବାସ୍ତବ ଅଭିବୃଦ୍ଧି ହାର)**
**ଲକ୍ଷ କୋଟି ଟଙ୍କାରେ**




| | | | |
|---|---|---|---|
| ମୁଣ୍ଡପିଛା | **୧.୮ ଲକ୍ଷ ଟଙ୍କା**<br>ସର୍ବଭାରତୀୟସ୍ତର ୨ଲକ୍ଷରୁ କମ୍[୪] | **୯.୬ ଲକ୍ଷ ଟଙ୍କା**<br>ଆଜିର ବ୍ରାଜିଲ୍ ସହିତ ତୁଳନୀୟ[୪] | **୩୨ ଲକ୍ଷ ଟଙ୍କା**<br>ଆଜିର ପର୍ତ୍ତୁଗାଲ ସହିତ ତୁଳନୀୟ[୪] |

[୧] ମୁଦ୍ରାସ୍ଫିତୀ, ଧରାଯାଇଥିବା- ୫.୧% (୧୨ବର୍ଷ ଐତିହାସିକ); ଆମେରିକୀୟ - ଭାରତୀୟ ମୁଦ୍ରା ହ୍ରାସ ୨.୬% (୨୦ ବର୍ଷ ଐତିହାସିକ)
[୨] ପ୍ରକୃତ ଘରୋଇ ଉତ୍ପାଦ; ସିଏଜିଆର- (ଐତିହାସିକ) ଆର୍ଥିକବର୍ଷ ୨୦୧୨-୨୦ (କୋଭିଡ ପୂର୍ବରୁ) ଆକଳନ
[୩] ୨୦୩୬ ଏବଂ ୨୦୪୭ ଆର୍ଥିକବର୍ଷ ୨୦୩୭ ଏବଂ ୨୦୪୮କୁ ପ୍ରତୀକ କରିଥାଏ
[୪] ବିଶ୍ୱବ୍ୟାଙ୍କ

# ତ୍ୱରିତ ବିକାଶପାଇଁ ପ୍ରମୁଖ କ୍ଷେତ୍ର

ଚଳନ୍ତି ମୋଟ ଘରୋଇ ଉତ୍ପାଦ; ପ୍ରତ୍ୟେକ ସଂଖ୍ୟା ଆମେରିକୀୟ ବିଲିୟନ ଡଲାରରେ

| | କ୍ଷେତ୍ର | ଆର୍ଥିକ ବର୍ଷ ୨୦୨୪-୨୫(ଜିଏସ୍‌ଭିଏ) | ୨୦୪୭(ଜିଏସ୍‌ଭିଏ)[୧] | ସିଏଜିଆର(ପ୍ରକୃତ) |
|---|---|---|---|---|
| ପ୍ରାଥମିକ କ୍ଷେତ୍ର | କୃଷି | ୧୪ | ୧୦୦ | ୩-୪% |
| | ମତ୍ସ୍ୟ ଏବଂ ପଶୁସମ୍ପଦ | ୫ | ୮୦ | ୯-୧୦% |
| | ଖଣି | ୯ | ୬୦ | ୭-୮% |
| ମାଧ୍ୟମିକ କ୍ଷେତ୍ର | ଉତ୍ପାଦନ | ୨୩ | ୪୦୦ | ୧୧-୧୨% |
| | ନିର୍ମାଣ | ୮ | ୩୫ | ୫-୬% |
| | ଶକ୍ତି ଏବଂ ଅନ୍ୟାନ୍ୟ ଉପଯୋଗିତା | ୩ | ୪୦ | ୮-୯% |
| ତୃତୀୟ ସେବା କ୍ଷେତ୍ର | ବ୍ୟବସାୟ ଏବଂ ହୋଟେଲ | ୧୦ | ୨୩୦ | ୧୧-୧୨% |
| | ଅନ୍ୟାନ୍ୟ (ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ସାଧାରଣ ପ୍ରଶାସନ) | ୧୨ | ୧୪୫ | ୧୧-୧୨% |
| | ଗମନାଗମନ, ଷ୍ଟୋରେଜ ଏବଂ ଯୋଗାଯୋଗ | ୬ | ୮୦ | ୧୦-୧୧% |
| | ରିୟଲ ଇଷ୍ଟେଟ ଏବଂ ବୃତ୍ତିଗତ ସେବା | ୬ | ୧୩୫ | ୯-୧୦% |
| | ବିତ୍ତୀୟ ସେବା | ୩ | ୪୦ | ୯-୧୦% |
| | ମୋଟ ଘରୋଇ ଉତ୍ପାଦ[୨] (ଆକଳିତ ମୋଟ ରାଜ୍ୟ ସଂଯୋଗିତ ମୂଲ୍ୟ + କର - ରିହାତି) | ଆମେରିକୀୟ ଡଲାର ୧୧୩ ବିଲିୟନ (ଭାରତୀୟ ମୁଦ୍ରା ୯.୫ ଲକ୍ଷ କୋଟି)[୩] | ଆମେରିକୀୟ ଡଲାର ୧.୫ ଟ୍ରିଲିୟନ (ଭାରତୀୟ ମୁଦ୍ରା ୧୭୫ ଲକ୍ଷ କୋଟି)[୩] | ୮-୧୦% |

[୧] ୨୦୪୭ ଇଙ୍ଗିତ କରେ ଆର୍ଥିକବର୍ଷ ୨୦୪୭-୨୦୪୮

[୨] ମୋଟ ଘରୋଇ ଉତ୍ପାଦ = ମୋଟ ରାଜ୍ୟ ସଂଯୋଗିତ ମୂଲ୍ୟ (କ୍ଷେତ୍ରିୟ) + ଉତ୍ପାଦ ଉପରେ ନିଟ୍ କର ଓ ରିହାତି । ଏଠାରେ ଦର୍ଶାଯାଇଥିବା କ୍ଷେତ୍ରୀୟ ମୋଟ ରାଜ୍ୟ ସଂଯୋଗିତ ମୂଲ୍ୟ ହେଉଛି ୯୯ ବିଲିୟନ ଆମେରିକୀୟ ଡଲାର (ଆର୍ଥିକବର୍ଷ ୨୦୨୪-୨୫) ଏବଂ ୧.୩୪୫ ଟ୍ରିଲିୟନ ଆମେରିକୀୟ ଡଲାର (୨୦୪୭)

[୩] ଏଥିରେ ଭାରତୀୟ ମୁଦ୍ରା ୧.୮ ଲକ୍ଷ କୋଟି (୨୦୨୪-୨୫ ଆର୍ଥିକବର୍ଷ) ଏବଂ ଭାରତୀୟ ମୁଦ୍ରା ୨୬ ଲକ୍ଷ କୋଟି (ଆର୍ଥିକବର୍ଷ ୨୦୪୭-୨୦୪୮)ର କର ପରିମାଣ ଅନ୍ତର୍ଭୁକ୍ତ

## ନିଯୁକ୍ତି ସୁଯୋଗ ସୃଷ୍ଟି

କୃଷି | ଉତ୍ପାଦନ ଏବଂ ନିର୍ମାଣ | ସେବା

| | ଆର୍ଥିକ ବର୍ଷ ୨୦୨୪ | ୨୦୩୬ | ୨୦୪୭ |
|---|---|---|---|
| ମୋଟ ନିଯୁକ୍ତି (କୋଟିରେ) | ~୨.୨ | ~୨.୮ | ~୩.୩ |
| ଶିଳ୍ପଭିତ୍ତିକ ନିଯୁକ୍ତି (କୋଟିରେ) | 1.1 / 0.6 / 0.6 | 1 / 0.8 / 1 | 0.9 / 1.1 / 1.3 |
| ଉଦୀୟମାନ ନିଯୁକ୍ତିଦାତା କ୍ଷେତ୍ରଗୁଡ଼ିକ | କୃଷି, ନିର୍ମାଣ, ହୋଲସେଲ ଓ ଖୁଚୁରା ବ୍ୟାପାର | ପର୍ଯ୍ୟଟନ, ମୂଲ୍ୟଯୁକ୍ତ ଉତ୍ପାଦନ, ପରିବହନ, ଆଇଟି/ ଆଇଟିଏସ/ ବୃତ୍ତିଗତ ସେବା | ଆଇଟି/ଆଇଟିଏସ, ଉନ୍ନତଶିଳ୍ପ, ପ୍ରଗତିଶୀଳ ଗବେଷଣା ଏବଂ ଜ୍ଞାନଭିତ୍ତିକ ସେବା, କାନ ନୀଳ ଅଧନୀ ବିତ୍ତୀୟ ସେବା |
| ଶ୍ରମିକ ଅଂଶଗ୍ରହଣ ହାର (୧୫+) | ~୬୩% <br> ୫୮% ଭାରତ ତୁଳନାରେ | ~୭୪% | ~୮୨% <br> ବର୍ତ୍ତମାନର ଜର୍ମାନୀ ସହିତ ସମାନ |
| ମହିଳା ଶ୍ରମିକ ଅଂଶଗ୍ରହଣ ହାର(୧୫+) | ~୪୮% / ୦.୯କୋଟି ନିଯୁକ୍ତିପ୍ରସ୍ତ <br> ୪୦% ଭାରତ ତୁଳନାରେ | ~୬୦% / ୧.୧କୋଟି ନିଯୁକ୍ତିପ୍ରାପ୍ତ | ~୭୦% / ୧.୪କୋଟି ନିଯୁକ୍ତିପ୍ରାପ୍ତ <br> ୭୦% ଭିଏତନାମ ତୁଳନାରେ |

### ବିକଶିତ ଓଡ଼ିଶା ; ସାମଗ୍ରିକ ବିକାଶ ଦ୍ୱାରା ସମସ୍ତଙ୍କର ସମୃଦ୍ଧି ଓ ସୁସ୍ଥତାର ପଥ ସୁଗମ କରିବା




**ସୁସ୍ଥତା**
ସମ୍ଭାବ୍ୟ ଆୟୁ >୮୧, ୫୫% ନବୀକରଣଶକ୍ତି ମିଶ୍ରଣ

**ସମୃଦ୍ଧି**
ଆମେରିକୀୟ ଡଲାର ୧.୫ ଟ୍ରିଲିୟନ ଅର୍ଥନୀତି ଆମେରିକୀୟ ଡଲାର ୨୮୦୦୦ ମୁଣ୍ଡପିଛା ଆୟ, ୨୪ ମିଲିୟନ ନୂତନ ଅଣକୃଷି ନିଯୁକ୍ତି

**ସମାନତା ଏବଂ ସମ୍ମାନ**
୭୦% ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର, <୫% ବହୁମୁଖୀ ଦାରିଦ୍ର୍ୟ(ମୁଣ୍ଡ ଗଣତି ଅନୁପାତ) ୫୦% ତୃତୀୟ ସ୍ତରୀୟ ନାମଲେଖା ଅନୁପାତ

## ସୁସ୍ଥତା ଏବଂ ସମାନତା ଲକ୍ଷ୍ୟ

### ୨୦୩୬ ଓ ୨୦୪୭ ପାଇଁ ଲକ୍ଷ୍ୟ

| ସୁସ୍ଥତା | | | | |
|---|---|---|---|---|
| **ସୁଚକାଙ୍କ** | **ଏକକ** | **ବର୍ତ୍ତମାନ ସ୍ଥିତି** | **୨୦୩୬** | **୨୦୪୭** |
| ସମ୍ଭାବ୍ୟ ଆୟୁଷ | ବୟସ | ୭୦ | ୭୫ | ୮୧ |
| ୫ବର୍ଷରୁ କମ୍ ଶିଶୁ ମୃତ୍ୟୁ ହାର | % | ୧୮% | ୧୨% | ୫% |
| ମାତୃ ମୃତ୍ୟୁ ଅନୁପାତ | ପ୍ରତି ଏକଲକ୍ଷ ଜୀବନ ଜନ୍ମରେ | ୧୧୯ | <୫୦ | <୫ |
| ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ | | ୫୦-୧୦୦ | ୬୦ | ୫୦ |
| ଅକ୍ଷୟ ଶକ୍ତିର ଅଂଶ | ମୋଟ ଉତ୍ପାଦନର ଅଂଶ | ୧୦% | ୪୫% | ୫୫% |
| **ସମୃଦ୍ଧି** | | | | |
| **ସୁଚକାଙ୍କ** | **ଏକକ** | **ବର୍ତ୍ତମାନ ସ୍ଥିତି** | **୨୦୩୬** | **୨୦୪୭** |
| ରାଜ୍ୟ ସକଳ ଘରୋଇ ଉତ୍ପାଦନ (ଚଳନ୍ତି ମୂଲ୍ୟରେ) | ୟୁଏସ ଡଲାର-ବିଲିୟନ | ୧୧୩ | ୫୦୦ | ୧୫୦୦ |
| ମୁଣ୍ଡପିଛା ଆୟ (ଚଳନ୍ତି ମୂଲ୍ୟରେ) | ୟୁଏସ ଡଲାର | ୨.୨ | ୯ | ୨୮ |
| ଅଣ କୃଷି ନିଯୁକ୍ତି ସୃଷ୍ଟି | ମିଲିୟନ | -୧୧ | ୧୯ | ୨୪ |
| ଶିଳ୍ପ ଉତ୍ପାଦନର ଅଂଶ | %ରାଜ୍ୟ ଜିଏସ୍‌ଭିଏର ଅଂଶ | ୨୩% | ୩୦% | ୩୪% |
| ସହରିକରଣ ହାର | % | ୧୭%[3] | ୪୦% | ୬୦% |
| **ସମାନତା ଏବଂ ସମ୍ମାନ** | | | | |
| **ସୁଚକାଙ୍କ** | **ଏକକ** | **ବର୍ତ୍ତମାନ ସ୍ଥିତି** | **୨୦୩୬** | **୨୦୪୭** |
| ମହିଳା ଶ୍ରମିକ ଅଂଶଗ୍ରହଣହାର ୧୫+ ବୟସ | % | ୪୮% | ୬୦% | ୭୦% |
| ବହୁମୁଖୀ ଦାରିଦ୍ର୍ୟ | ମୁଣ୍ଡଗଣତି ଅନୁପାତ | ୧୬% (୨୦୨୦-୨୧) | ୧୧% | ୫% |
| ଉଚ୍ଚ ମାଧ୍ୟମିକ ଶିକ୍ଷା (ଜିଇଆର)[୧] | % | ୪୪% | ୭୦% | ୯୦% |
| ତୃତୀୟ ସ୍ତର (ଜିଇଆର)[୧] ଏସଇଡିଜି[୨]ଙ୍କ ପାଇଁ | % | - | ୩୦% | ୫୦% |

[୧] ମୋଟ ନାମଲେଖା ଅନୁପାତ


[୨] ଜାତୀୟ ଶିକ୍ଷାନୀତିରେ ବାକ୍ଷ୍ୟା କରାଯାଇଥିବା ସାମାଜିକ-ଅର୍ଥନୈତିକ ଅନୁନ୍ନତ ବର୍ଗ (ଏସଇଡିଜି)

[୩] ୨୦୧୧ ଜନଗଣନା ଅନୁଯାୟୀ ବାଖ୍ୟା

## ୪. ଏକ ବିକଶିତ ଓଡ଼ିଶା ପାଇଁ ମୂଳଦୁଆ

ଓଡ଼ିଶାର ଭବିଷ୍ୟତ ଏକ ଦୃଢ଼ ମୂଳଦୁଆ ଉପରେ ପ୍ରତିଷ୍ଠିତ ଯେଉଁଠି ନୀତି ନିର୍ଦ୍ଧାରଣର କେନ୍ଦ୍ରରେ ରହିଛି ଜନସାଧାରଣ, ବିକାଶ ଏବଂ ଗୌରବ ଭଳି ବିଷୟ । ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ଛଅଟି ପ୍ରମୁଖ ସ୍ତମ୍ଭ ଉପରେ ପ୍ରସ୍ତୁତ ହୋଇ ରାଜ୍ୟର ମୂଳ ବିକାଶ ଲକ୍ଷ୍ୟକୁ ପ୍ରତିଫଳିତ କରୁଛି । ପ୍ରତ୍ୟେକ ସ୍ତମ୍ଭ ଏକାଧିକ ବିଷୟ ଉପରେ ଆଧାରିତ ଅଧ୍ୟାୟକୁ ଏକାଠି କରୁଛି, ଯାହା ଓଡ଼ିଶାର ବାସ୍ତବତା ଏବଂ ସମ୍ଭାବନା ପରିପ୍ରେକ୍ଷୀରେ ଆମର ଲକ୍ଷ୍ୟକୁ କାର୍ଯ୍ୟରେ ପରିଣତ କରିବାରେ ସହାୟକ ହେବ ।

ଗ୍ରାମୀଣ ସମୁଦାୟକୁ ସଶକ୍ତ କରିବାଠାରୁ ଆରମ୍ଭକରି ଆର୍ଥିକ ପରିବର୍ତ୍ତନ ଆଣିବା, ସାଂସ୍କୃତିକ ପରିଚୟକୁ ସୁରକ୍ଷିତ ରଖିବାଠାରୁ ଆରମ୍ଭକରି ଜନସେବାକୁ ଦକ୍ଷତାର ସହ ପରିଚାଳନା କରିବା – ଏହି ସ୍ତମ୍ଭଗୁଡ଼ିକ ଓଡ଼ିଶା ଭିଜନର ସମାବେଶୀ, ଭବିଷ୍ୟତମୁଖୀ ଭାବନାକୁ ପ୍ରତିଫଳିତ କରୁଛି ।





# ନାଗରିକଙ୍କୁ ପ୍ରାଥମିକତା

ବିକାଶ ଲୋକମାନଙ୍କଠାରୁ ଆରମ୍ଭ ଏବଂ ଲୋକମାନଙ୍କ ସହିତ ଶେଷ ହୋଇଥାଏ । ଏହି ସ୍ତମ୍ଭ ସମସ୍ତଙ୍କ ପାଇଁ, ବିଶେଷକରି ମହିଳା, ଯୁବକ ଏବଂ ଦୁର୍ବଳ ବର୍ଗ ଲାଗି ସମାନତା, ସମ୍ମାନ ଏବଂ ସୁଯୋଗକୁ ଗୁରୁତ୍ୱ ପ୍ରଦାନ କରିଥାଏ । ଏହା ସାମଗ୍ରିକ ମାନବ ବିକାଶ ଉପରେ ଧ୍ୟାନ ଦେବା ସହିତ ପ୍ରତ୍ୟେକ ନାଗରିକ ଯେପରି ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ପୋଷଣ ଏବଂ ଜୀବିକାର ସୁଯୋଗ ପାଇପାରିବେ ତାହା ସୁନିଶ୍ଚିତ କରିଥାଏ ।

ଏହି ସ୍ତମ୍ଭ ଅଧୀନରେ ଥିବା ଅଧ୍ୟାୟଗୁଡ଼ିକ ମଧ୍ୟରେ ରହିଛି:

- **ମହିଳା ନେତୃତ୍ୱାଧୀନ ବିକାଶ:** ସୁଭଦ୍ରା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ପ୍ରଗତିକୁ ଶକ୍ତି ଯୋଗାଇବା
- **ଗୁଣାତ୍ମକ ଶିକ୍ଷା:** ପିଲାବେଳୁ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିବା
- **ବିଶ୍ୱସ୍ତରୀୟ ଉଚ୍ଚ ଶିକ୍ଷା:** ଭବିଷ୍ୟତର ସଫଳତା ପାଇଁ ଶିକ୍ଷା
- **ଓଡ଼ିଶାରେ କୁଶଳୀ, ବିଶ୍ୱ ପାଇଁ ଦକ୍ଷତା ବିକାଶ**
- **ସୁସ୍ଥ ଓଡ଼ିଶା:** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଲବିକ ଉନ୍ନତି
- ସମସ୍ତଙ୍କ ପାଇଁ ପୋଷଣଜନିତ ସୁସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା
- **ଯୁବ ଓଡିଶା:** ଓଡ଼ିଶାର କ୍ରୀଡ଼ା ଏବଂ ସୁସ୍ୱାସ୍ଥ୍ୟ ବିପ୍ଳବକୁ ଆଗେଇ ନେବା
- **ସମାବେଶୀ ଏବଂ ସନ୍ତୁଳିତ ଅଭିବୃଦ୍ଧି:** ସମାନତା ଏବଂ ସମ୍ମାନ ଉପରେ ଆଧାରିତ ଭବିଷ୍ୟତର ନିର୍ମାଣ



# ମହିଳା-ନେତୃତ୍ୱାଧୀନ ବିକାଶ

ସୁଭଦ୍ରା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ପ୍ରଗତିକୁ ଶକ୍ତି ଯୋଗାଣ

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- ଏସଡିଜି ସୂଚକାଙ୍କ ୫ ଅଧୀନରେ ଲିଙ୍ଗଗତ ସମାନତା କ୍ଷେତ୍ରରେ ଭାରତର ଶୀର୍ଷ ତିନୋଟି ରାଜ୍ୟ ମଧ୍ୟରେ ସ୍ଥାନିତ ହେବା
- ଶ୍ରମଶକ୍ତିରେ ମହିଳାଙ୍କ ଅଂଶଗ୍ରହଣ ହାର ୭୦ ପ୍ରତିଶତକୁ ବୃଦ୍ଧି କରିବା ଲାଗି କର୍ମଜୀବୀ ମହିଳାମାନଙ୍କ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ (ଏସଏଚଜି) ପାଇଁ ଜୀବିକା ବିକାଶର ସୁଯୋଗ ବୃଦ୍ଧି
- ବିଶେଷକରି ଦୁର୍ବଳ ଏବଂ ଅବହେଳିତ ବର୍ଗର ମହିଳାମାନଙ୍କ ପାଇଁ ସୁରକ୍ଷା ଏବଂ ନିରାପତ୍ତା ବ୍ୟବସ୍ଥା ବୃଦ୍ଧି

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଏହିସବୁ ଲକ୍ଷ୍ୟ ହାସଲ କରିବା ପାଇଁ ପୂର୍ବ ଅଧ୍ୟାୟରେ (ଗୁଣାତ୍ମକ ଶିକ୍ଷା, ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା, ଓଡ଼ିଶାରେ ଦକ୍ଷତା ବିକାଶ, ବିଶ୍ୱ ପାଇଁ ଦକ୍ଷତା ବିକାଶ, ସୁସ୍ଥ ଓଡ଼ିଶା, ଲଜିଷ୍ଟିକ୍, ଭିତ୍ତିଭୂମି ସଂଯୋଗ ଏବଂ ସେବାକ୍ଷେତ୍ରର ସମ୍ପ୍ରସାରଣ ଇତ୍ୟାଦି) ସଂଲଗ୍ନ ବିଭିନ୍ନ ପଦକ୍ଷେପ ସଂପର୍କରେ ଏହି ଅଧ୍ୟାୟରେ ସଂକ୍ଷେପରେ ଦିଆଯାଇଛି । ଏହାଛଡ଼ା, ରାଜ୍ୟ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଆଗାମୀ ଦିନରେ ଅତିରିକ୍ତ ଗୁରୁତ୍ୱ ଦେବ:

ସ୍ୱତନ୍ତ୍ର 'ପିଙ୍କ୍ ଜୋନ୍' ଭଳି ଭିତ୍ତିଭୂମି ସୃଷ୍ଟି, ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ସହାୟତା ଏବଂ ସାଇବର ଧମକ ଓ ଠକେଇ ଇତ୍ୟାଦି ରୋକିବା ପାଇଁ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା

ଏକ ସକ୍ଷମ ପରିବେଶ ମାଧ୍ୟମରେ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇବ, ଯେଉଁଥିରେ କ୍ରେଚ୍ ନିର୍ମାଣ, ପରିମଳ ସୁବିଧା, ଚାକିରି ପାଇଁ ଡିଜିଟାଲ୍ ପ୍ଲାଟଫର୍ମ ଏବଂ ବେତନ କ୍ଷେତ୍ରରେ ଲିଙ୍ଗଗତ ସମାନତା ସୁନିଶ୍ଚିତ ହେବ । ସେହିପରି ଦକ୍ଷତା ବିକାଶ କ୍ଷେତ୍ରରେ ଲିଙ୍ଗଗତ ବ୍ୟବଧାନ ଦୂର କରିବା ପାଇଁ ପାଣ୍ଠି ବ୍ୟବସ୍ଥା ଏବଂ ସମାବେଶୀ କାର୍ଯ୍ୟକ୍ଷେତ୍ର ପାଇଁ ଲିଙ୍ଗଗତ ବ୍ୟାଜ୍ ଇତ୍ୟାଦି ଏଥିରେ ଅନ୍ତର୍ଭୁକ୍ତ ।

ମହିଳା ନେତୃତ୍ୱାଧୀନ ଏମଏସଏମଇ ଶିଳ୍ପ ସଂଖ୍ୟା ବୃଦ୍ଧି କରିବା ସହ ବ୍ରାଣ୍ଡିଂ, ବଜାର-ସଂଯୋଗ, ଉତ୍ପାଦନରେ ସମ୍ପ୍ରସାରଣ, ଉତ୍ପାଦର ବିବିଧିକରଣ ଓ ଆବଶ୍ୟକ ପରାମର୍ଶ ପ୍ରଦାନକରି ଏସଏଚଜି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ମହିଳାମାନଙ୍କ ପାଇଁ ଜୀବିକା ବିକାଶରେ ଉନ୍ନତି ଆନୟନ ।

ଦୁର୍ବଳ ଓ ଅସହାୟ ମହିଳା ଏବଂ କିଶୋରୀମାନଙ୍କୁ ସଶକ୍ତ କରିବା ଲାଗି ସେମାନଙ୍କ ଅଧିକାର ଏବଂ ସହାୟତା ବ୍ୟବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିବା, ଯେପରିକି ଆଇନଗତ ଏବଂ ପରାମର୍ଶ ସେବାକୁ ସୁଦୃଢ଼ କରିବା, ପୁନର୍ବାସ ପରିସଂସ୍ଥାନକୁ ଶକ୍ତିଶାଳୀ କରିବା ଏବଂ ସାମାଜିକ ଓ ଆଚରଣ ପରିବର୍ତ୍ତନ ପାଇଁ ଏକ ଯୋଗାଯୋଗ ନୀତି କାର୍ଯ୍ୟକାରୀ କରିବା ।

ବର୍ତ୍ତମାନର ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଯାଇ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ଢାଞ୍ଚାରେ ବ୍ୟାପକ ପରିବର୍ତ୍ତନ ଆଣିବା, ରାଜ୍ୟ ମହିଳା ଓ ଶିଶୁ ସଂସ୍ଥାନ (ଏସଆଇଡବ୍ଲ୍ୟୁସି)କୁ ସଶକ୍ତ କରିବା, ପ୍ରମାଣ ଆଧାରିତ ଗବେଷଣା ପାଇଁ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା କରିବା ସହ ମହିଳା ନେତୃତ୍ୱାଧୀନ ବିକାଶ ଲାଗି ବିଭିନ୍ନ ପଦକ୍ଷେପକୁ କାର୍ଯ୍ୟକାରୀ କରିବା ।

## ଭିଜନ ଓ ସଫଳତା

**ଭିଜନ ୨୦୪୭**


ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଆର୍ଥିକ ସୁଯୋଗ ସୃଷ୍ଟି କରିବା ସହ ସକାରାତ୍ମକ ଭେଦଭାବକୁ ପ୍ରୋତ୍ସାହିତ କରିବା, ସୁରକ୍ଷା ଏବଂ ପସନ୍ଦ କରିବାର ସ୍ୱାଧୀନତାକୁ ସୁନିଶ୍ଚିତ କରିବା, ନେତୃତ୍ୱରେ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ସକାରାତ୍ମକ ଭେଦଭାବ ମାଧ୍ୟମରେ ସାମାଜିକ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବାକୁ ଉଦ୍ୟମ କରିବା

**୭୦%**
ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର

**ଶ୍ରେଷ୍ଠ ୩**
ଏସଡିଜି-୫ ଅଧୀନରେ ଲିଙ୍ଗଗତ ସମାନତା କ୍ଷେତ୍ରରେ ଭାରତୀୟ ରାଜ୍ୟଗୁଡ଼ିକର ପ୍ରଦର୍ଶନ

**>୫୦%**
ଏମଏସଏମଇ ମାଲିକାନାରେ ମହିଳାଙ୍କ ପ୍ରତିନିଧିତ୍ୱ

**≥୧**
ଶିକ୍ଷାରେ ଲିଙ୍ଗଗତ ସମାନତା ଅନୁପାତ



## ଭିଜନ ଓ ସଫଳତା

| ବିଷୟବସ୍ତୁ | ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|---|
| ସ୍ୱାସ୍ଥ୍ୟ | ମାତୃ ମୃତ୍ୟୁ ଅନୁପାତ [୧] | ପ୍ରତି ଏକ ଲକ୍ଷ ଜୀବିତ ପ୍ରସବରେ ମାତୃ ମୃତ୍ୟୁ ସଂଖ୍ୟା | ୧୧୯ | <୧୦୦ | <୫୦ | <୫ |
| | ରକ୍ତହୀନତାର ଶିକାର କିଶୋରୀ ବାଳିକା (୧୫-୧୯ ବର୍ଷ) [୨] | % | ୬୫ | <୫୦ | <୩୦ | <୧ |
| | ରକ୍ତହୀନତାର ଶିକାର ସବୁ ମହିଳା(୧୫-୪୯ ବର୍ଷ) [୩] | % | ୬୪ | <୫୦ | <୨୫ | <୫ |
| | ଆନୁଷ୍ଠାନିକ ପ୍ରସବ[୪] | % | ୮୯ | >୯୦ | >୯୯ | >୯୯ |
| ଶିକ୍ଷା | ମହିଳା ସାକ୍ଷରତା (୭ ବର୍ଷ) [୫] | % | ୭୪ | ୮୫ | ୧୦୦ | ୧୦୦ |
| | ଲିଙ୍ଗଗତ ସମାନତା ସୂଚକାଙ୍କ (ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତର) | - | ୧ | ୧ | ୧ | ୧ |
| | ଲିଙ୍ଗଗତ ସମାନତା ସୂଚକାଙ୍କ (ଉଚ୍ଚ ଶିକ୍ଷା ସ୍ତର) | - | ୦.୮୮ | ୦.୯୫ | ୧ | ୧ |
| ଆର୍ଥିକ ସ୍ଥିତି | ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର (୧୫ ବର୍ଷ) [୬] | % | ୪୯ | ୫୪ | ୬୦ | ୭୦ |
| | ମହିଳାମାନଙ୍କ ପାଖରେ ଥିବା ମୋବାଇଲ ଫୋନ୍ ଯାହାକୁ ସେମାନେ ବ୍ୟବହାର କରନ୍ତି | % | ୫୦ | ୬୫ | ୮୦ | >୯୫ |
| | ମିଳୁଥିବା ହାରାହାରି ମଜୁରୀ/ବେତନର ମହିଳା-ପୁରୁଷ ଅନୁପାତ | - | ୦.୮ | ୦.୯ | ୧.୦ | ୧.୦ |
| | ଅଣ-କୃଷି କାର୍ଯ୍ୟକଳାପରେ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ | % | ପ୍ରଯୁଜ୍ୟ ନୁହେଁ | ୨୫ | ୩୩ | >୫୦ |
| | "ଲକ୍ଷପତି ଦିଦି' ଙ୍କ ସଂଖ୍ୟା (ପରିବାରର ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଅଧିକ) | ଲକ୍ଷ | ୨.୭ | ୨୦ | ୩୬ | ୬୦ |
| | "ମିଲିୟନେୟାର ଦିଦି'ଙ୍କ ସଂଖ୍ୟା (ପରିବାରର ବାର୍ଷିକ ଆୟ ୧୦ ଲକ୍ଷ ଟଙ୍କାରୁ ଅଧିକ) | ଲକ୍ଷ | ୦ | ୨ | ୫ | ୧୦ |
| ନେତୃତ୍ୱ | ମହିଳାଙ୍କ ମାଲିକାନାରେ କିମ୍ବା ନେତୃତ୍ୱରେ ଥିବା ଏମଏସଏମଇ[୭] | % | <୫ | ୧୫ | ୩୩ | ୫୦ |
| ସୁରକ୍ଷା | ବିବାହିତ ମହିଳା (୧୮-୪୯ବର୍ଷ) ଯେଉଁମାନେ ବୈବାହିକ ହିଂସାର ସମ୍ମୁଖୀନ ହୋଇଛନ୍ତି[୮] | % | ୩୧ | <୧୫ | <୫ | <୧ |
| | ମହିଳାଙ୍କ ପ୍ରତି ଅପରାଧ ହାର[୯] | ପ୍ରତି ୧ ଲକ୍ଷ ମହିଳାଙ୍କ ପିଛା ଅଭିଯୋଗ ହୋଇଥିବା ଅପରାଧ ସଂଖ୍ୟା | ୧୦୩ | <୫୦ | <୨୦ | <୫ |
| | ୧୮ ବର୍ଷ ବୟସ ପୂର୍ବରୁ ବିବାହ କରିଥିବା ମହିଳା(୨୦-୨୪ ବର୍ଷ) | % | ୨୧ | <୧୦ | <୫ | ୦ |

୧ ଭାରତ-୯୭, କେରଳ-୧୯, ନରୱେ ଏବଂ ସ୍ପେନ-୩, ଜାପାନ ଏବଂ ଜର୍ମାନୀ-୪; ୨ ଭାରତ-୧୯ % ; ୩ ଭାରତ-୫୭ %, ମଣିପୁର ଏବଂ ନାଗାଲାଣ୍ଡ-୨୯ %;
୪ କେରଳ-୧୦୦%; ୫ ଭାରତ-୮୦ %; ୬ ହିମାଚଳ ପ୍ରଦେଶ-୬୩%, ଛତିଶଗଡ଼-୫୨%, ଇଥିଓପିଆ-୭୫ %, ଭିଏତନାମ-୬୮ %

# ଗୁଣାତ୍ମକ ଶିକ୍ଷା

## ପିଲାବେଳୁ ମୂଳଦୁଆ ଗଠନ

### ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ଗୁଡ଼ିକ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- ସମସ୍ତ ସ୍ତରରେ (ପ୍ରାଥମିକ, ଉଚ୍ଚପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚମାଧ୍ୟମିକ) ୧୦୦ ପ୍ରତିଶତ ନାମଲେଖା ଅନୁପାତ (ଜିଇଆର) ହାସଲ କରିବା
- ସବୁ ପିଲାଙ୍କ ପାଇଁ ମୌଳିକ ପ୍ରାଥମିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନକୁ ସୁନିଶ୍ଚିତ କରିବା
- ଉଚ୍ଚପ୍ରାଥମିକ ସ୍ତରରେ ଡ୍ରପ୍ ଆଉଟ୍ ବା ବିଦ୍ୟାଳୟ ପାଠପଢ଼ା ଛାଡ଼ିବା ହାରକୁ ୦% କରିବା ଏବଂ ମାଧ୍ୟମିକ ସ୍ତରରେ ୪%ରୁ କମ୍ କରିବା
- ୧୦୦% ଛାତ୍ରଛାତ୍ରୀ ଡିଜିଟାଲ୍ ସାକ୍ଷର ଏବଂ ସାମାଜିକ ଭାବେ ସଚେତନ ହେବାକୁ ସୁନିଶ୍ଚିତ କରିବା
- ୧୦୦% ସାକ୍ଷରତା ହାର ହାସଲ କରିବା

### ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ରାଜ୍ୟ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଜାତୀୟ ଶିକ୍ଷା ନୀତି (ଏନଇପି) ସୁପାରିସ ଆଧାରରେ ସାତଟି ନୀତିଗତ ପଦକ୍ଷେପ ଗ୍ରହଣ କରିବ:

କାର୍ଯ୍ୟକଳାପ ଆଧାରିତ, ବହୁଭାଷୀ ପାଠ୍ୟକ୍ରମ ଏବଂ ତାଲିମପ୍ରାପ୍ତ ଶିକ୍ଷକମାନଙ୍କ ସହିତ ପ୍ରାରମ୍ଭିକ ବାଲ୍ୟକାଳର ଶିକ୍ଷାକୁ ପ୍ରାଥମିକତା ଦେବା

ପ୍ରଯୁକ୍ତିବିଦ୍ୟା-ସକ୍ଷମ ଭିତ୍ତିଭୂମି ବିକାଶ ସହିତ ମାଧ୍ୟମିକ ଶିକ୍ଷାକୁ ସାର୍ବଜନୀନ କରିବା

ସାମଗ୍ରିକ, ଫଳାଫଳଭିତ୍ତିକ, ଲିଙ୍ଗଗତ ସମ୍ବେଦନଶୀଳ ଏବଂ ପ୍ରଗତିଶୀଳ ତଥା ବହୁମୁଖୀ ଶିକ୍ଷାଧାରା ଓ ମୂଲ୍ୟାୟନ ବ୍ୟବସ୍ଥାର ବିକାଶ

ଧନ୍ଦାମୂଳକ ତାଲିମ, ନିଯୁକ୍ତି ଉପଯୋଗୀ ପ୍ରସ୍ତୁତି ସହ ଉଦ୍ୟୋଗୀ ମନୋଭାବ ସୃଷ୍ଟି ଉପରେ ଗୁରୁତ୍ୱ

ଅଭିଭାବକ ଏବଂ ସମାଜର ସକ୍ରିୟ ଯୋଗଦାନ ଆଧାରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବହୁସ୍ତରୀୟ ଏବଂ ସାମଗ୍ରିକ ସହାୟତା ବ୍ୟବସ୍ଥା ବିକଶିତ କରିବା

ନିରନ୍ତର ତାଲିମ, ନିରପେକ୍ଷ ବଦଳି ନୀତି ଏବଂ ବିଦ୍ୟାଳୟଗୁଡ଼ିକ ପାଇଁ ପ୍ରଦର୍ଶନ-ଭିତ୍ତିକ ପ୍ରୋତ୍ସାହନ ମାଧ୍ୟମରେ ଆଦର୍ଶ ଶିକ୍ଷକ ଏବଂ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା ବ୍ୟକ୍ତିମାନଙ୍କୁ ପ୍ରସ୍ତୁତ କରିବା

ସର୍ବୋତ୍ତମ ପ୍ରଶାସନ ବ୍ୟବସ୍ଥା ଏବଂ ସମ୍ବଳର ସଦୁପଯୋଗ ସୁନିଶ୍ଚିତ କରିବା

## ଭିଜନ ଓ ସଫଳତା

**ଭିଜନ ୨୦୪୭**

ଏକ "ଆଦର୍ଶ ବିଦ୍ୟାଳୟ ବ୍ୟବସ୍ଥା' ଗଢ଼ିତୋଳିବା ଯାହା ସମସ୍ତ ଛାତ୍ରଛାତ୍ରୀଙ୍କୁ ସାମଗ୍ରିକ, ଫଳାଫଳ-ଭିତ୍ତିକ ଶିକ୍ଷା ଏବଂ ଏକବିଂଶ ଶତାବ୍ଦୀକୁ ଆଖିରେ ରଖି ଦକ୍ଷତା ସମ୍ପନ୍ନ କରିପାରିବ

ଆଭ୍ୟନ୍ତରୀଣ ଅଭିବୃଦ୍ଧି ଏବଂ ସୃଜନଶୀଳ ଆତ୍ମ-ଅଭିବ୍ୟକ୍ତି, ତଥା ଲାଭଦାୟକ କିମ୍ବା ସ୍ୱ-ନିଯୁକ୍ତି ଉପରେ ଧ୍ୟାନ ଦେଇ ବିଦ୍ୟାଳୟ ବ୍ୟବସ୍ଥାର ବିଭିନ୍ନ ପର୍ଯ୍ୟାୟରେ ବିବିଧ ଦକ୍ଷତାର ବିକାଶ କରିବା

### ଆଦର୍ଶ ଛାତ୍ରଛାତ୍ରୀ

| | ମୂଳଦୁଆ ଆଧାରିତ ପ୍ରାକ-ବିଦ୍ୟାଳୟ (୩ ବର୍ଷ), କେ | ପ୍ରସ୍ତୁତି ଶ୍ରେଣୀ ୩-୫ | ମଧ୍ୟମ ଶ୍ରେଣୀ ୬-୮ | ମାଧ୍ୟମିକ ଶ୍ରେଣୀ ୯-୧୨ |
|---|---|---|---|---|
| **ଜ୍ଞାନ ଓ ଦକ୍ଷତା** | ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫଏଲଏନ) | ଦେଶ ଦୁନିଆ ବିଷୟରେ ମୌଳିକ ଜ୍ଞାନ | ବିଭିନ୍ନ ବିଷୟରେ ମୌଳିକ ଜ୍ଞାନ | କିଛି ନିର୍ଦ୍ଦିଷ୍ଟ ବିଷୟଗୁଡ଼ିକରେ ବିଶେଷଜ୍ଞତା |
| | ପରିବେଶଗତ ଅଧ୍ୟୟନ | ସାମାଜିକ ଏବଂ ବିଶ୍ୱ ପ୍ରସଙ୍ଗ | ପ୍ରଯୁକ୍ତି ସାକ୍ଷରତା ଏବଂ କୋଡିଂ, ଧନ୍ଦାମୂଳକ, ଉଦ୍ୟମିତା | |
| | ପର୍ଯ୍ୟବେକ୍ଷଣ କ୍ଷମତା | ତାର୍କିକ ଚିନ୍ତାଧାରା, ସୃଜନଶୀଳତା, ନବସୃଜନ | ବୈଜ୍ଞାନିକ ଆଭିମୁଖ୍ୟ, ଗବେଷଣା | ଜଟିଳ ଚିନ୍ତନ, ତର୍କ, ସମସ୍ୟାର ସମାଧାନ |
| | ସାମାଜିକ ଏବଂ ପାରସ୍ପରିକ ଯୋଗାଯୋଗ ଦକ୍ଷତା | | ସହଯୋଗ, ଯୋଗାଯୋଗ, ଦଳଗତ କାର୍ଯ୍ୟ ଦକ୍ଷତା | ନେତୃତ୍ୱ, ଯୋଜନା ପ୍ରସ୍ତୁତି ଦକ୍ଷତା |
| **ମାନସିକତା ଏବଂ ମନୋଭାବ** | ସକାରାତ୍ମକ ମନୋଭାବ, ଜିଜ୍ଞାସାନ | ।ଗରିକତ୍ୱ, ସଂସ୍କୃତି, ଶିଖିବାର ଇଚ୍ଛା | ନୈତିକତା, ଆଦର୍ଶ, ସହାନୁଭୂତି, ବିବିଧତା ପ୍ରତି ସମ୍ମାନ | ଆତ୍ମ-ସଚେତନତା, ବିକାଶ ମାନସିକତା, ଜୀବନରେ ସଠିକ ଦିଗ, ଗ୍ରହଣୀୟତା |



**କଲ୍ୟାଣ**
ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ

| ଶାରୀରିକ ସୁସ୍ଥତା | ମାନସିକ ସୁସ୍ଥତା | ସାମାଜିକ ସମ୍ପର୍କ | ବୋଧଶକ୍ତିର ବିକାଶ |
|---|---|---|---|


## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ୟୁନିଟ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ପ୍ରାଥମିକ ସର୍ବମୋଟ୍ ନାମଲେଖା ଅନୁପାତ (ଜିଇଆର) | % | ୯୭.୯ | ୧୦୦ | ୧୦୦ | ୧୦୦ |
| ଉଚ୍ଚ ପ୍ରାଥମିକ ଜିଇଆର | % | ୯୧.୩ | ୯୫ | ୧୦୦ | ୧୦୦ |
| ମାଧ୍ୟମିକ ଜିଇଆର | % | ୮୦.୩ | ୮୫ | ୯୦ | ୧୦୦ |
| ଉଚ୍ଚ ମାଧ୍ୟମିକ ଜିଇଆର | % | ୪୩.୬ | ୬୦ | ୮୦ | ୧୦୦ |
| ଉଚ୍ଚ ପ୍ରାଥମିକ ଡ୍ରପ୍ ଆଉଟ୍ ହାର | % | ୭.୩ | ୫ | ୨ | ୦ |
| ମାଧ୍ୟମିକ ଡ୍ରପ୍ ଆଉଟ୍ ହାର | % | ୨୭.୩ | ୨୦ | ୧୪ | ୪ |
| ଛାତ୍ର ଶିକ୍ଷକ ଅନୁପାତ (ସବୁ ସ୍ତର ପାଇଁ) | - | ୨୩ | ୧୮ | ୧୪ | ୧୦ |
| କମ୍ପ୍ୟୁଟର ସୁବିଧା ଥିବା ବିଦ୍ୟାଳୟଗୁଡ଼ିକ (ସବୁ ସ୍ତର ପାଇଁ) | % | ୨୬.୪ | ୪୫ | ୭୫ | ୧୦୦ |
| ସିଡବ୍ଲୁଏସଏନ[୧] ଅନୁକୂଳ ଭିତ୍ତିଭୂମି ଥିବା ବିଦ୍ୟାଳୟଗୁଡ଼ିକ | % | ୫୪ | ୭୦ | ୮୫ | ୧୦୦ |
| ସାକ୍ଷରତା ହାର | % | ୭୭.୩ | ୮୦ | ୯୦ | ୧୦୦ |









[୧] ସିଡବ୍ଲୁଏସଏନ: ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନେ

ସୌଜନ୍ୟ: ୟୁଡିଆଇଏସଇ, ଓଇସିଡି, ବିଶ୍ୱ ବ୍ୟାଙ୍କ, ୟୁନେସ୍କୋ, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର

# ବିଶ୍ୱସ୍ତରୀୟ ଉଚ୍ଚ ଶିକ୍ଷା

## ଭବିଷ୍ୟତର ସଫଳତା ପାଇଁ ଅଧ୍ୟୟନ

### ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛି

- ଲିଙ୍ଗଗତ ସମାନତା ଏବଂ ଅବହେଳିତ ବର୍ଗ ଉପରେ ବିଶେଷ ଗୁରୁତ୍ୱ ଦେଇ ୨୦୩୬ ସୁଦ୍ଧା ୫୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୬୦ ପ୍ରତିଶତ ତୃତୀୟକ ମୋଟ ନାମଲେଖା ଅନୁପାତ (ଜିଇଆର) ହାସଲ କରିବା
- ୨୦୪୭ ମସିହା ସୁଦ୍ଧା ୬୦ ପ୍ରତିଶତରୁ ଅଧିକ ସ୍ନାତକଙ୍କ ପାଇଁ ଚାକିରି, ଆତ୍ମନିଯୁକ୍ତି କିମ୍ବା ଉଚ୍ଚତର ଶିକ୍ଷା ସୁଯୋଗ ସୃଷ୍ଟି କରିବା
- ୨୦୩୬ ସୁଦ୍ଧା ଓଡ଼ିଶାର ଦୁଇଟି ଶିକ୍ଷାନୁଷ୍ଠାନକୁ ବିଶ୍ୱର ଶ୍ରେଷ୍ଠ ୫୦୦ ମାନ୍ୟତା ମଧ୍ୟରେ ସ୍ଥାନ ଦେବାକୁ ପ୍ରୟାସ କରିବା
- ପ୍ରତ୍ୟେକ ବ୍ଲକରେ ଅତିକମରେ ଦୁଇଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଏଚଇଆଇ) ଏବଂ ପ୍ରତ୍ୟେକ ଜିଲ୍ଲାରେ ଅତି କମରେ ଗୋଟିଏ ବହୁବିଷୟକ ଶିକ୍ଷା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ଏମଇଆରୟୁ) ପ୍ରତିଷ୍ଠା କରିବା

### ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

**ଏହାକୁ ହାସଲ କରିବା ପାଇଁ ଜାତୀୟ ଶିକ୍ଷା ନୀତିର (ଏନଇପି) ସୁପାରିସ ଅନୁଯାୟୀ ସାତଟି ପ୍ରମୁଖ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ପ୍ରତିଶ୍ରୁତିବଦ୍ଧ:**

୨୦୪୭ ମସିହା ସୁଦ୍ଧା ନାମଲେଖାକୁ ୧୦ ଲକ୍ଷରୁ ୪୦ ଲକ୍ଷକୁ ବୃଦ୍ଧି କରିବା ଲାଗି ସାରା ରାଜ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକର କ୍ଷେତ୍ର ବୃଦ୍ଧି କରିବା

ଶିଳ୍ପ-ସଂଯୁକ୍ତ ପାଠ୍ୟକ୍ରମ, ଦକ୍ଷତା ପ୍ରମାଣପତ୍ର ସହିତ ଦ୍ୱୈତ ଡିଗ୍ରୀ, ଏବଂ ଆପ୍ରେଣ୍ଟିସଶିପ-ସକ୍ଷମ ଡିଗ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ଭବିଷ୍ୟତର ପ୍ରସ୍ତୁତି ସୁନିଶ୍ଚିତ କରି ଅତିକମରେ ୭୫ ପ୍ରତିଶତ ସ୍ନାତକଙ୍କ ପାଇଁ ଚାକିରି କିମ୍ବା ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା

ନିରନ୍ତର ଶିକ୍ଷକ ତାଲିମ, ନିଯୁକ୍ତି ସଂସ୍କାର, ପ୍ରୋତ୍ସାହନ ଏବଂ ସ୍ୱତନ୍ତ୍ର ଟ୍ରାକ୍ ଆଦି ମାଧ୍ୟମରେ ଉଚ୍ଚ-ଗୁଣାତ୍ମକ ଶିକ୍ଷାଦାନ ଫଳାଫଳ ସୁନିଶ୍ଚିତ କରିବା

ସମସ୍ତ ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ବଂଚିତ ଗୋଷ୍ଠୀ (ଏସଇଡିଜି), ବିଶେଷକରି ମହିଳା, ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ବର୍ଗର ସଫଳତା ସୁନିଶ୍ଚିତ କରିବା

ଅନ୍ତର୍ଜାତୀୟ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟରେ ବିଦେଶର ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି ସହିତ ଓଡ଼ିଶାର ମୂଳନିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ବିଦେଶରେ ପାଠ ପଢ଼ିବା ସୁଯୋଗ ସୃଷ୍ଟି କରିବା


ନୂତନ ଶିକ୍ଷା-ସହର ଏବଂ ନିବେଶ ନୀତି ଅଧୀନରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ୨୫ରୁ ଅଧିକ ଶିକ୍ଷାନୁଷ୍ଠାନକୁ ଓଡ଼ିଶାରେ କ୍ୟାମ୍ପସ ପ୍ରତିଷ୍ଠା କରିବା ପାଇଁ ଆକୃଷ୍ଟ କରିବା

ଭଲ ପ୍ରଦର୍ଶନ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ଜାତୀୟ ଶିକ୍ଷାନୀତି ଆଧାରରେ ସ୍ୱାୟତ୍ତତା ପ୍ରଦାନ କରିବା ତଥା ଏବଂ ପର୍ଯ୍ୟାୟକ୍ରମେ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ଉଚ୍ଛେଦ କରିବା ଲାଗି ଆବଶ୍ୟକ ପ୍ରାଶାସନିକ ବ୍ୟବସ୍ଥାରେ ସଂସ୍କାର

## ଭିଜନ ଓ ସଫଳତା

### ଭିଜନ ୨୦୪୭

ବିଶ୍ୱ ମାନଦଣ୍ଡ ଅନୁଯାୟୀ ୧୦୦ଟି ଉନ୍ନତ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ଯାହା ନିଯୁକ୍ତି ଉପଯୋଗୀ ଏବଂ ଉଦ୍ୟୋଗ ଆଗ୍ରହୀ ପ୍ରତିଭାଙ୍କୁ ସୃଷ୍ଟି କରିବ





ସୂଚନା: "ଷ୍ଟାର୍ଟଅପ୍ ଓଡ଼ିଶା' ଏବଂ "ଗବେଷଣା ଏବଂ ଜ୍ଞାନ ଆଧାରିତ ଅର୍ଥନୀତି' ଅଧ୍ୟାୟ ଅଧୀନରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଉଦ୍ୟୋଗୀ ମନୋଭାବ ଏବଂ ନବସୃଜନ ଇକୋସିଷ୍ଟମର ପ୍ରୋତ୍ସାହନକୁ ଅନ୍ତର୍ଭୁକ୍ତ କରାଯାଇଛି

[1] ଜାତୀୟ ଅନୁଷ୍ଠାନିକ ମାନ୍ୟତାର ଢାଂଚା (ଏନଆଇଆରଏଫ)

## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ସାମ୍ପ୍ରତିକ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ତୃତୀୟକ ସର୍ବମୋଟ୍ ନାମଲେଖା ଅନୁପାତ (ଜିଇଆର) [୧] | % | ୨୨ | ୩୫ | ୫୦ | ୬୦ |
| ସବୁ ସ୍ନାତକଙ୍କ ପାଇଁ ଚାକିରି, ଉଦ୍ୟମିତା କିମ୍ବା ଉଚ୍ଚତର ଶିକ୍ଷା | % | – | ୨୫ | ୫୦ | ୭୫ |
| ବିଶ୍ୱର ଶୀର୍ଷ ମାନ୍ୟତା ପ୍ରାପ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର ସଂଖ୍ୟା (କ୍ୟୁଏସ୍ ରାଙ୍କିଙ୍ଗ୍) [୩] | # | ୦ | ଶୀର୍ଷ ୫୦୦ରେ ୧ | ଶୀର୍ଷ ୫୦୦ରେ ୩ | ଶୀର୍ଷ ୫୦୦ରେ ୫ |
| ଶୀର୍ଷ ୨୦୦ ମାନ୍ୟତାରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଖ୍ୟା [୪] | # | ୪ | ଶୀର୍ଷ ୨୦୦ରେ ୫ | ଶୀର୍ଷ ୨୦୦ରେ ୧୦ | ଶୀର୍ଷ ୨୦୦ରେ ୧୫ |
| ଓଡ଼ିଶାରେ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା [୧] | # | ୨.୩ ହଜାର | ୧୦ ହଜାର | ୨୫ ହଜାର | ୫୦ ହଜାର |
| ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ଅଂଶଧନ (ଏନବିଏ, ନାକ୍ ଏବଂ ଏନଆଇଆରଏଫ)[୪] | % | <୫% | ୫୦% | ୧୦୦% | ୧୦୦% |
| ସମାବେଶୀ ଭିତ୍ତିଭୂମି [୫] | % | – | ୭୫ | ୧୦୦ | ୧୦୦ |
| ସ୍ନାତକୋତ୍ତର କିମ୍ବା ବିଦେଶରେ ଗବେଷଣା ପାଇଁ ବର୍ତ୍ତମାନ ଏସସି/ଏସଟି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ | # | – | ୨୫୦ | ୫୦୦ | ୨୦୦୦ |
| ଛାତ୍ର-ଶିକ୍ଷକ ଅନୁପାତ | ଅନୁପାତ | | ୨୦:୧ | ୧୮:୧ | ୧୫:୧ |



[୧]ଏଆଇଏସଏଚଇ; [୨] ବିଶ୍ୱବ୍ୟାଙ୍କ; [୩]କ୍ୟୁଆକ୍ୱାରେଲି ସାଇମଣ୍ଡସ୍ ବିଶ୍ୱବିଦ୍ୟାଳୟ ମାନ୍ୟତା; [୪]ଏନଆଇଆରଏଫ ମାନ୍ୟତା ୨୦୨୨

[୫] ନାକ୍; [୬]ଛାତ୍ରୀ ନିବାସ, ସମସ୍ତ ଲିଙ୍ଗଗତ ଶୌଚାଳୟ, ଶାରୀରିକ ଭିନ୍ନକ୍ଷମଙ୍କ ପାଇଁ ସୁଗମ

# ଓଡ଼ିଶାରେ କୁଶଳୀ, ବିଶ୍ୱ ପାଇଁ ଦକ୍ଷତା ବିକାଶ

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛି

- ୨୦୪୭ ମସିହା ସୁଦ୍ଧା ବିଶ୍ୱ ଦକ୍ଷତା କେନ୍ଦ୍ରର (ଡବ୍ଲୁଏସସି) ଅତିକମରେ ସାତଟି କ୍ୟାମ୍ପସ୍, ୨୦୩୬ ମସିହା ସୁଦ୍ଧା ଅତିକମରେ ପାଞ୍ଚଟି କ୍ୟାମ୍ପସ୍ ପ୍ରତିଷ୍ଠା ଲକ୍ଷ୍ୟ
- ସମସ୍ତ ୩୧୪ଟି ବ୍ଲକରେ ଥିବା ଆଇଟିଆଇ/ ଆଇଟିସିଗୁଡ଼ିକୁ ଶିଳ୍ପ ପରିଚାଳିତ ଉତ୍କର୍ଷ କେନ୍ଦ୍ର (ସିଓଇ) ସହିତ ସଂଯୋଗ ସୁବିଧା
- ୨୦୪୭ ମସିହା ସୁଦ୍ଧା ସରକାରଙ୍କ ବାର୍ଷିକ ସ୍ୱଳ୍ପକାଳୀନ ଦକ୍ଷତା ବିକାଶ ତାଲିମ କ୍ଷମତାକୁ ୨.୫ ଲକ୍ଷକୁ ବୃଦ୍ଧି, ୨୦୩୬ ମସିହା ସୁଦ୍ଧା ୧.୫ ଲକ୍ଷରେ ପହଞ୍ଚାଇବା
- ୨୦୪୭ ମସିହା ସୁଦ୍ଧା ଅତି କମରେ ବାର୍ଷିକ ୧ ଲକ୍ଷ ଯୁବକଯୁବତୀଙ୍କୁ ବିଦେଶରେ ନିଯୁକ୍ତି ସୁଯୋଗ; ୨୦୩୬ ମସିହା ସୁଦ୍ଧା ବାର୍ଷିକ ପ୍ରାୟ ୨୫ ହଜାର ନିଯୁକ୍ତି ଲକ୍ଷ୍ୟ ହାସଲ

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ବିଶ୍ୱସ୍ତରୀୟ ଦକ୍ଷତା ବିକାଶ ପ୍ରତିଷ୍ଠାନ ପ୍ରତିଷ୍ଠା କରି "ସ୍କିଲ୍ଡ ଇନ୍ ଓଡ଼ିଶା' ବ୍ରାଣ୍ଡକୁ ଉନ୍ନତ କରିବା ସହିତ ଉଚ୍ଚସ୍ତରୀୟ ତାଲିମ, ଅତ୍ୟାଧୁନିକ ସୁବିଧା ଏବଂ ଶିଳ୍ପ-ଉପଯୋଗୀ ପାଠ୍ୟକ୍ରମ ପ୍ରଦାନ କରିବା

ନିଯୁକ୍ତି ସମ୍ଭାବନା ବୃଦ୍ଧି କରିବା ପାଇଁ ସମଗ୍ର ଦକ୍ଷତା ବିକାଶ କ୍ଷେତ୍ରକୁ ଶିଳ୍ପ ସହ ସଂଯୋଗ କରିବା । ଏହାସହ ରହିଛି ଆଧୁନିକ ପାଠ୍ୟକ୍ରମ ପ୍ରସ୍ତୁତି, ହାଣ୍ଡସ-ଅନ୍ ପ୍ରଶିକ୍ଷଣ ଓ ଶିଳ୍ପ ଅନୁଭୂତି ତଥା ଇଣ୍ଟର୍ଣ୍ଣସିପ୍ ଏବଂ ଆପ୍ରେଣ୍ଟିସ୍‌ସିପ୍ ଲାଗି ବିଭିନ୍ନ ସଂସ୍ଥାକୁ ଅନୁବନ୍ଧିତ କରିବା

ରାଜ୍ୟର ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ସୁଦୃଢ଼ କରି ସ୍ଥାନୀୟ ଓ ଅନ୍ତର୍ଜାତୀୟ ବଜାର ପାଇଁ କୁଶଳୀ ମାନବସମ୍ବଳ ପ୍ରସ୍ତୁତ କରିବା, ବିଭିନ୍ନ ବିଶ୍ୱସ୍ତରୀୟ ସହଭାଗିତା ଏବଂ ସ୍ଥାନୀୟ ଅଞ୍ଚଳର କୁଶଳୀ ପେସାଦାରଙ୍କ ସଫଳ କାହାଣୀକୁ ପ୍ରଦର୍ଶିତ କରି ଦକ୍ଷତା ବିକାଶ କ୍ଷେତ୍ରରେ ରାଜ୍ୟକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବା

ଶିକ୍ଷାନୁଷ୍ଠାନ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସଂପର୍କରେ ସଚେତନ କରିବା ସହିତ ଆବଶ୍ୟକ ସାର୍ଟିଫିକେଟ ହାସଲ କରିବା ଏବଂ ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଆଦି ସଂପର୍କରେ ସ୍ପଷ୍ଟ ଧାରଣା ଦେବା ପାଇଁ ଏକ ମାର୍ଗ ନିର୍ଣ୍ଣୟ କରିବା । ଏହାଦ୍ୱାରା ସେମାନେ ନିରନ୍ତର ଶିକ୍ଷା ଓ ତାଲିମ ପ୍ରତି ଆଗ୍ରହ ପ୍ରକାଶ କରିବା ସହ ନିଜର ପେସାଦାର ଉନ୍ନତି ଦିଗରେ ଧ୍ୟାନ ଦେଇପାରିବେ

କୁଶଳୀ କର୍ମଜୀବୀମାନଙ୍କୁ ଜୀବନବ୍ୟାପୀ ଶିକ୍ଷା ଏବଂ ଦକ୍ଷତା ବିକାଶର ସୁଯୋଗ ଦେବା ପାଇଁ ବିଭିନ୍ନ ଅପ୍-ସ୍କିଲିଂ ଓ ରି-ସ୍କିଲିଂ କାର୍ଯ୍ୟକ୍ରମ ସୁଲଭ କରିବା

ଏକ ସ୍ୱଚ୍ଛ ଏବଂ ବିବିଧ ଶ୍ରମଶକ୍ତି ସୃଷ୍ଟି କରିବା ପାଇଁ ସମାବେଶୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେବା

ଗିଗ୍ ଅର୍ଥବ୍ୟବସ୍ଥାର ବିଭିନ୍ନ ଆହ୍ୱାନର ମୁକାବିଲା କରିବା ଏବଂ ଏହାର ସମ୍ଭାବନାକୁ ହାସଲ କରିବା ପାଇଁ ଏକକ ରଣନୀତି ଆପଣାଇବା

## ଭିଜନ ଓ ସଫଳତା

### ଭିଜନ ୨୦୪୭

ଶୀର୍ଷସ୍ତରୀୟ ଅନୁଷ୍ଠାନ ପ୍ରତିଷ୍ଠା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଆଧାରରେ ତଥା ଶିଳ୍ପ-ଅନୁକୂଳ, ନିଯୁକ୍ତି-ଭିତ୍ତିକ ଏବଂ ଜୀବନବ୍ୟାପୀ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରି ଏକ ବିଶ୍ୱସ୍ତରୀୟ ଦକ୍ଷତା ବିକାଶ କେନ୍ଦ୍ର ରୂପେ ପରିଚିତ ହେବା

**୭**
ବିଶ୍ୱ ଦକ୍ଷତା କେନ୍ଦ୍ରର କ୍ୟାମ୍ପସ୍

**୧୦୦%**
ସମସ୍ତ ବ୍ଲକରେ ଆଇଟିଆଇ/ ଆଇଟିସି ସ୍ଥାପନ

**୧୦୦%**
ସମସ୍ତ ସରକାରୀ ଆଇଟିଆଇରେ ଶିଳ୍ପ-ପରିଚାଳିତ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା

**୨.୫ଲକ୍ଷ+**
ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ଷିକ ସ୍ୱଳ୍ପକାଳୀନ ତାଲିମର ଲାଭାର୍ଥୀ

**୧ ଲକ୍ଷ**
ଯୁବବର୍ଗଙ୍କୁ ବାର୍ଷିକ ବିଦେଶରେ ନିଯୁକ୍ତି



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ବିଶ୍ୱ ଦକ୍ଷତା କେନ୍ଦ୍ରର କ୍ୟାମ୍ପସ୍ | ସଂଖ୍ୟା | ୧ | ୩ | ୫ | ୭ |
| ବିଶ୍ୱ ଦକ୍ଷତା କେନ୍ଦ୍ରର ବାର୍ଷିକ ଗ୍ରହଣ କ୍ଷମତା | "୦୦୦ ସଂଖ୍ୟକ | ୨ | ୧୬ | ୩୦ | ୫୦ |
| ଆଇଟିଆଇ/ଆଇଟିସିଗୁଡ଼ିକର ସଂଖ୍ୟା | ଲକ୍ଷ ପିଛା | ୦.୨୩ | ୦.୨୫ | ୦.୪୫ | ୧.୦୦ |
| ଜୋନ୍ ସ୍ତରୀୟ ଆଇଟିଆଇ | ସଂଖ୍ୟା | ୦ | ୧୦ | ୧୫ | ୩୦ |
| ଆଇଟିଆଇଗୁଡ଼ିକରେ ଶିଳ୍ପ ସହଭାଗୀ ସିଓଇଗୁଡ଼ିକ | ସଂଖ୍ୟା | ୧୮ | ୭୯ | ୧୪୧ | ୩୧୪ |
| ସ୍ୱଳ୍ପ ଅବଧି ବିଶିଷ୍ଟ ଦକ୍ଷତା ବିକାଶ ପାଇଁ ବାର୍ଷିକ ସରକାରୀ କ୍ଷମତା | "୦୦୦ ସଂଖ୍ୟକ | ୩୫ | ୭୦ | ୧୫୦ | ୨୫୦ |
| ବାର୍ଷିକ ନାନୋ-ୟୁନିକର୍ଣ୍ଣ କାର୍ଯ୍ୟକ୍ରମର ହିତାଧିକାରୀ | "୦୦୦ ସଂଖ୍ୟକ | ୦.୪ | ୩ | ୫ | ୨୦ |
| ଯୁବବର୍ଗଙ୍କୁ ବାର୍ଷିକ ବିଦେଶରେ ନିଯୁକ୍ତି | "୦୦୦ ସଂଖ୍ୟକ | ୦.୧ | ୭.୫ | ୨୫ | ୧୦୦ |



# ସୁସ୍ଥ ଓଡ଼ିଶା

ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପ୍ଳବ

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- ଆୟୁ ଏବଂ ଉତ୍ପାଦନକ୍ଷମ ବୟସ୍କ ଜନସଂଖ୍ୟାରେ ଶୀର୍ଷ ପାଞ୍ଚଟି ରାଜ୍ୟ ମଧ୍ୟରୁ ଅନ୍ୟତମ ହେବା
- ଭାରତୀୟ ଜନସ୍ୱାସ୍ଥ୍ୟ ମାନକ (ଆଇପିଏଚଏସ୍) ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟକ ସ୍ତରର ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକୁ ସାର୍ବଜନୀନ ସୁବିଧା ପ୍ରଦାନ କରିବା
- ଅଣସଂକ୍ରାମକ ରୋଗର (ଏନସିଡି) ବିପଦ କାରକଗୁଡ଼ିକୁ ନିୟନ୍ତ୍ରଣ କରି ଏବଂ ଫଳପ୍ରଦ ଚିକିତ୍ସା ସୁନିଶ୍ଚିତ କରି ଆୟୁ ବୃଦ୍ଧି କରିବା
- ବିପର୍ଯ୍ୟୟ-ପ୍ରତିରୋଧୀ ଜନସ୍ୱାସ୍ଥ୍ୟ ଭିତ୍ତିଭୂମିର ୧୦୦% କଭରେଜକୁ ସକ୍ଷମ କରିବା
- ଆଉଟ୍ ଅଫ୍ ପକେଟ୍ ବା କ୍ଷମତା ବାହାରେ ଖର୍ଚ୍ଚ ପରିମାଣକୁ ବର୍ତ୍ତମାନର ସ୍ତର ତୁଳନାରେ ୭୫% ହ୍ରାସ କରିବା

## ସଫଳତା ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ପ୍ରମାଣ ଆଧାରିତ ସ୍ୱାସ୍ଥ୍ୟସେବା ନୀତି ଏବଂ ନିଷ୍ପତ୍ତି ନେବା ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ତଥ୍ୟ ବ୍ୟବସ୍ଥା

ଆୟୁର୍ବେଦ, ଯୋଗ ଏବଂ ପ୍ରାକୃତିକ ଚିକିତ୍ସା, ୟୁନାନି, ସିଦ୍ଧ ଏବଂ ହୋମିଓପାଥି (ଆୟୁଷ) ଉପରେ ଧ୍ୟାନ କେନ୍ଦ୍ରିତ କରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ନବୀକରଣ ମାଧ୍ୟମରେ ପ୍ରତିଷେଧକ, ସ୍ୱାସ୍ଥ୍ୟବର୍ଦ୍ଧକ ଏବଂ ଉପଶମକାରୀ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଯୋଗାଇ ଦିଆଯିବ

ସମସ୍ତ ସ୍ତରରେ ପର୍ଯ୍ୟାପ୍ତ ସେବା ପ୍ରଦାନ ଏବଂ ବରିଷ୍ଠ ନାଗରିକ ଅନୁକୂଳ ଭିତ୍ତିଭୂମି, କାର୍ଯ୍ୟକଳାପ ଏବଂ ସେବା ମାଧ୍ୟମରେ ବିଶ୍ୱସ୍ତରୀୟ ବୟସ୍କ ସ୍ୱାସ୍ଥ୍ୟସେବା ପ୍ରଦାନ ବ୍ୟବସ୍ଥା

ବର୍ଦ୍ଧିତ ତୀବ୍ର ଜଳବାୟୁ ପ୍ରକୋପ, ସଂକ୍ରାମକ ରୋଗ ଏବଂ ମହାମାରୀର ମୁକାବିଲା ପାଇଁ ଜନସ୍ୱାସ୍ଥ୍ୟ ପରିଚାଳନା ନେଟୱାର୍କକୁ ମଜବୁତ କରିବା ସହିତ ଜଳବାୟୁ-ପ୍ରତିରୋଧୀ ସ୍ୱାସ୍ଥ୍ୟ ବ୍ୟବସ୍ଥା

ଟ୍ରମା କେୟାର ସେଣ୍ଟରଗୁଡ଼ିକର ସମ୍ପ୍ରସାରଣ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ସମୟ ହ୍ରାସ ମାଧ୍ୟମରେ ଜରୁରୀକାଳୀନ ସେବା ପାଇବାର ସୁବିଧା

ସମସ୍ତ ଡାକ୍ତରୀ ଏବଂ ଆନୁସଙ୍ଗିକ ସ୍ୱାସ୍ଥ୍ୟ ବୃତ୍ତିଧାରୀଙ୍କ ପାଇଁ ଦକ୍ଷତା ବିକାଶ ମାଧ୍ୟମରେ ଏକ ଡାକ୍ତର-କୈନ୍ଦ୍ରିକ ମଡେଲରୁ ଏକ ଦଳ-କୈନ୍ଦ୍ରିକ ମଡେଲ ଆଡ଼କୁ ପରିବର୍ତ୍ତନ

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି) ସ୍ତରରେ ଡିଜିଟାଲ୍ ଡିସପେନସରୀରୁ ଆରମ୍ଭ କରି ରୋଗୀ ଯାତ୍ରାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଯୁକ୍ତି ଏବଂ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ରେ ଆସିଥିବା ଅଗ୍ରଗତିକୁ ଗ୍ରହଣ କରି ପ୍ରଯୁକ୍ତି -ସକ୍ଷମ, ଦକ୍ଷ ସେବା ପ୍ରଦାନ କରିବା

ଉନ୍ନତ ତୃତୀୟକ ସ୍ତରୀୟ ସ୍ୱାସ୍ଥ୍ୟସେବା: ପ୍ରସ୍ତାବିତ "ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ'' ଚତୁଃନଗରୀ ଅଞ୍ଚଳରେ ଏକ ଡାକ୍ତରୀ ଚିକିତ୍ସା-ସହର (ମେଡିସିଟି) ("ଅଭିବୃଦ୍ଧି ଇଞ୍ଜିନ ଭାବରେ ସହରୀକରଣ' ଅଧ୍ୟାୟ ଅଧୀନରେ ବିସ୍ତୃତ ବର୍ଣ୍ଣନା ରହିଛି)

## ଭିଜନ ଓ ସଫଳତା

**ଭିଜନ ୨୦୪୭**

ପୋଷଣ ଉପରେ ଉତ୍ସର୍ଗୀକୃତ ଧ୍ୟାନ ଦେବା ସହିତ ଏକ ସମାବେଶୀ, ସୁଦୃଢ଼ ଏବଂ ବୈଷୟିକ-ସକ୍ଷମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ମାଧ୍ୟମରେ ସମସ୍ତ ନାଗରିକଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ସକ୍ଷମ କରିବା



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | | ଏକକ | ବର୍ତ୍ତମାନ ସ୍ଥିତି [୧] | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|---|
| ମାତୃ ମୃତ୍ୟୁ ଅନୁପାତ | | ପ୍ରତି ଏକ ଲକ୍ଷ ଜୀବିତ ପ୍ରସବରେ ମାତୃ ମୃତ୍ୟୁ ସଂଖ୍ୟା | ୧୧୯ | <୧୦୦ | <୫୦ | <୫ |
| ପ୍ରାରମ୍ଭିକ ନବଜାତ ମୃତ୍ୟୁ ହାର | | ପ୍ରତି ୧,୦୦,୦୦୦ ଜୀବିତ ଜନ୍ମରେ | ୨୧ | ୧୦ | ୬ | ୧ |
| ପ୍ରାରମ୍ଭିକ ନବଜାତ ମୃତ୍ୟୁ ହାର | | ପ୍ରତି ୧,୦୦,୦୦୦ ଜୀବିତ ଜନ୍ମରେ | ୨୭ | ୧୨ | ୮ | ୨ |
| ଶିଶୁ ମୃତ୍ୟୁ ହାର | | ପ୍ରତି ୧,୦୦,୦୦୦ ଜୀବିତ ଜନ୍ମରେ | ୩୬ | ୧୪ | ୮ | ୨ |
| ୫ବର୍ଷରୁ କମ୍ ଶିଶୁ ମୃତ୍ୟୁ ହାର | | ପ୍ରତି ୧,୦୦,୦୦୦ ଜୀବିତ ଜନ୍ମରେ | ୪୧ | ୨୦ | ୧୦ | ୫ |
| ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ | | % | ୮୯ | >୯୦ | >୯୯ | >୯୯ |
| ଜରୁରୀକାଳୀନ ପ୍ରତିକ୍ରିୟା ସମୟ | | ମିନିଟ୍ | ୨୪ | ୧୮ | <୧୦ | ସ୍ଥିତି ବଜାୟ ରଖିବା |
| ଭାରତୀୟ ଜନ ସ୍ୱାସ୍ଥ୍ୟ ମାନକ (ଆଇପିଏଚଏସ) ଅନୁଯାୟୀ କାର୍ଯ୍ୟକ୍ଷମ ପିଏଚସି (ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ର) | | ପ୍ରତି ୧,୦୦,୦୦୦ ଜନସଂଖ୍ୟାରେ | ୨.୭ | ୩ | ୩.୫ | ୪ |
| ଭାରତୀୟ ଜନ ସ୍ୱାସ୍ଥ୍ୟ ମାନକ (ଆଇପିଏଚଏସ) ଅନୁଯାୟୀ କାର୍ଯ୍ୟକ୍ଷମ ସିଏଚସି (ଗୋଷ୍ଠୀ ସ୍ୱାସ୍ଥ୍ୟସେବା କେନ୍ଦ୍ର) | | ପ୍ରତି ୧,୦୦,୦୦୦ ଜନସଂଖ୍ୟାରେ | ୦.୮ | ୧ | ୧.୫ | ୨ |
| ଭାରତୀୟ ଜନ ସ୍ୱାସ୍ଥ୍ୟ ମାନକ (ଆଇପିଏଚଏସ) ଅନୁଯାୟୀ କାର୍ଯ୍ୟକ୍ଷମ ସିଏଚସି (ସ୍ୱାସ୍ଥ୍ୟସେବା ଉପ କେନ୍ଦ୍ର) | | ପ୍ରତି ୧,୦୦,୦୦୦ ଜନସଂଖ୍ୟାରେ | ୧୪ | ୧୬ | ୧୯ | ୨୫ |
| ଡାକ୍ତର | | ପ୍ରତି ୧୦୦୦ ଜନସଂଖ୍ୟାରେ | ୦.୨ | ୦.୩ | ୦.୬ | ୧ |
| ବର୍ତ୍ତମାନର ସ୍ତର ତୁଳନାରେ ଆଉଟ୍ ଅଫ୍ ପକେଟ୍ ବା କ୍ଷମତା ବାହାରେ ଖର୍ଚ୍ଚ ପରିମାଣ ହ୍ରାସ | | % | | ୧୫ | ୩୫ | ୭୫ |
| ଆଶା କରାଯାଉଥିବା ଆୟୁଷ | | ବର୍ଷ | ୭୦.୩ | ୭୨ | ୭୫ | ୮୦ |
| ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରସ୍ତୁତି | ବିପର୍ଯ୍ୟୟ ପ୍ରତିରୋଧୀ ସ୍ୱାସ୍ଥ୍ୟ ଭିତ୍ତିଭୂମି | % | ପ୍ରଯୁଜ୍ୟ ନୁହେଁ | ପ୍ରଯୁଜ୍ୟ ନୁହେଁ | ୧୦୦% | ସ୍ଥିତି ବଜାୟ ରଖିବା |
| ରକ୍ତହୀନତା ହ୍ରାସ | ରକ୍ତହୀନତାର ଶିକାର ହୋଇଥିବା ୬-୫୯ ମାସ ବୟସର ଶିଶୁ (ଏଚବି ୧୧.୦ ଜି/ଡିଏଲ) | % | ୬୪.୨ | <୫୦ | <୨୫ | <୫ |
| | ରକ୍ତହୀନତାର ଶିକାର ୧୫-୪୯ ବର୍ଷ ବୟସ୍କ ମହିଳା | % | ୬୪ | <୫୦ | <୨୫ | <୫ |
| | ରକ୍ତହୀନତାର ଶିକାର ହୋଇଥିବା ୬-୫୯ ମାସ ବୟସର ଶିଶୁ (ଏଚବି ୧୧.୦ ଜି/ଡିଏଲ) | % | ୩୦ | <୨୩ | <୧୨ | <୩ |

୨୦୨୦ ପାଇଁ ବିଚାର କରାଯାଇଥିବା ବେସ୍‌ଲାଇନ୍ ତଥ୍ୟ[୧]

ସୌଜନ୍ୟ: ନୀତି ଆୟୋଗ, ଜାତୀୟ ସ୍ୱାସ୍ଥ୍ୟ ପ୍ରୋଫାଇଲ ୨୦୨୩, ଆୱାର୍ ୱାର୍ଲ୍ଡ ଇନ୍ ଡାଟା, ଓଇସିଡି ସ୍ୱାସ୍ଥ୍ୟ ପରିସଂଖ୍ୟାନ ୨୦୨୩, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ[୫] (୨୦୧୯-୨୧), ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ ୨୦୨୨

# ସମସ୍ତଙ୍କ ପାଇଁ ଉତ୍ତମ ପୋଷଣ ସୁନିଶ୍ଚିତ କରିବା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତାର ପରିକଳ୍ପନା କରିଛି

- ମାତୃ ଏବଂ ଶିଶୁ ପୁଷ୍ଟି ସାଧନ କ୍ଷେତ୍ରରେ ଭାରତର ପ୍ରଥମ ତିନୋଟି ରାଜ୍ୟ ମଧ୍ୟରେ ସ୍ଥାନିତ ହେବା
- ଦୁର୍ଗମ ଅଞ୍ଚଳ ସମେତ ସୀମାନ୍ତ ଓ ଦୁର୍ବଳ ଗୋଷ୍ଠୀ ପାଇଁ ଗୁଣାତ୍ମକ ପୁଷ୍ଟିସାରର ଶତ ପ୍ରତିଶତ ଉପଲବ୍ଧି
- ସମନ୍ୱିତ ତତ୍ତ୍ୱାବଧାନ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଉଦ୍ଦେଶ୍ୟରେ ହସ୍ତକ୍ଷେପ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ଦେଖା ଦେଉଥିବା ଗୁରୁତର ଉତ୍କଟ ଅପପୁଷ୍ଟି (ଏସଏଏମ)ର ପ୍ରାୟତଃ ବିଲୋପ ଲକ୍ଷ୍ୟ ହାସଲ କରିବା
- ସମସ୍ତ ତିନୋଟି ପୋଷଣ ମାନଦଣ୍ଡ ଯଥା:- କ୍ଷୀଣ ଶରୀର, ଉଚ୍ଚତା ନ ବଢ଼ିବା ଏବଂ ଓଜନ ବହୁତ କମ୍ ରହିବା ବ୍ୟାପୀ ୯୫% ପ୍ରତିଶତ ଶିଶୁଙ୍କୁ ସାଧାରଣ ବର୍ଗକୁ ଆଣିବା
- ମହିଳା, କିଶୋର ଏବଂ ପିଲାମାନଙ୍କ ମଧ୍ୟରେ ରକ୍ତହୀନତାର ପ୍ରସାରକୁ ୯୦ ପ୍ରତିଶତ ହ୍ରାସ କରିବା

## ସଫଳତା ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

**ବ୍ୟାପକ ପୁଷ୍ଟିସାଧନ କାର୍ଯ୍ୟକ୍ରମ**

- ମା', ଶିଶୁ ଏବଂ କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ ପୁଷ୍ଟିକର ସେବାକୁ କାର୍ଯ୍ୟକାରୀ କରିବା, ସେମାନଙ୍କ ନିର୍ଦ୍ଦିଷ୍ଟ ପୁଷ୍ଟିକର ଆବଶ୍ୟକତାକୁ ପୂରଣ କରିବା
- ପିଢ଼ି ପରେ ପିଢ଼ି ଲାଗି ରହିଥିବା ଅପପୁଷ୍ଟିର ଚକ୍ରକୁ ଭାଙ୍ଗିବା ପାଇଁ ମାତୃ ଏବଂ କିଶୋରୀମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା

**ଉତ୍ତମ ପୋଷଣ ପାଇଁ ଦୀର୍ଘସ୍ଥାୟୀ ଖାଦ୍ୟ ବ୍ୟବସ୍ଥା**

- ମିଲେଟ୍, ଛୁଇଁ ଜାତୀୟ ପରିବା ଏବଂ ଶାଗ ଭଳି ପୋଷଣରେ ସମୃଦ୍ଧ ଫସଲ ସାମିଲ କରିବା ପାଇଁ କୃଷି ଉତ୍ପାଦନରେ ବିବିଧତା ଆଣିବା
- ଖାଦ୍ୟକୁ ପୋଷଣରେ ସମୃଦ୍ଧ କରିବାକୁ ଏବଂ ଓଡ଼ିଶାର ପାରମ୍ପରିକ ପୁଷ୍ଟିକର ଖାଦ୍ୟକୁ ପୁଣି ଥରେ ମୁଖ୍ୟଧାରାକୁ ଫେରାଇ ଆଣିବା ପାଇଁ ପାରମ୍ପରିକ ଖାଦ୍ୟ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା
- ସ୍ଥାନୀୟ କୃଷକ ଉତ୍ପାଦକ ଗୋଷ୍ଠୀ ସହିତ ସହଭାଗିତା କ୍ରମେ ବିବିଧ ଏବଂ ସୁଲଭ ମୂଲ୍ୟର ପୁଷ୍ଟିକର ଖାଦ୍ୟର ଉପଲବ୍ଧତା ସୁନିଶ୍ଚିତ କରିବା

**ଦୃଢ଼ ଗୋଷ୍ଠୀଗତ ଯୋଗଦାନ ଏବଂ ସାମର୍ଥ୍ୟର ବିକାଶ**

- ପାରିବାରିକ ଏବଂ ସାମାଜିକ ସ୍ତରରେ ଅନୁକୂଳ ପୋଷଣ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ସାମାଜିକ ଆଚରଣ ଏବଂ ପରିବର୍ତ୍ତନ ଯୋଗାଯୋଗ (ଏସବିସିସି) ନୀତିଗତ ପଦକ୍ଷେପ ଗ୍ରହଣ କରିବା
- ପରିବର୍ତ୍ତନର ପ୍ରତିନିଧି ଭାବେ କାର୍ଯ୍ୟ କରିବା ଲାଗି କ୍ଷେତ୍ର ସ୍ତରୀୟ କାର୍ଯ୍ୟକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଏବଂ ଅନ୍ୟ ଗୋଷ୍ଠୀ ନେତୃବୃନ୍ଦଙ୍କୁ ସଶକ୍ତ କରିବା
- ଉପଲବ୍ଧ ସମ୍ବଳର ସର୍ବୋତ୍ତମ ଉପଯୋଗ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଲାଗୁ କରିବା

**ଆନୁଷ୍ଠାନିକ ସଂସ୍କାର ଏବଂ ନୀତି ବିକାଶ**

- ବିଭାଗ ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ବହୁ-କ୍ଷେତ୍ରୀୟ ପୁଷ୍ଟିସାଧନ ପଦକ୍ଷେପଗୁଡ଼ିକର ସମନ୍ୱୟ ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା
- ସର୍ବାଧିକ ଅବହେଳିତ ସମ୍ପ୍ରଦାୟ ଉପରେ ଧ୍ୟାନ ଦେଇ ସମସ୍ତ ନାଗରିକଙ୍କ ଲାଗି ପୁଷ୍ଟି ଯୋଗାଣ ସେବାଗୁଡିକର ସମସ୍ତଙ୍କ ପାଇଁ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନୀତିମାନ ପ୍ରସ୍ତୁତ କରିବା ଏବଂ କାର୍ଯ୍ୟକାରୀ କରିବା


### ଉନ୍ନତ ବିତରଣ ପାଇଁ ଜ୍ଞାନକୌଶଳର ସମନ୍ୱୟ

- ଅଭିନବ ନିରୀକ୍ଷଣ ଉପକରଣ ପ୍ରଚଳନ କରିବା ଏବଂ ସମୟାନୁପାତିକ ଫଳାଫଳର ବାସ୍ତବ-ସମୟ ଟ୍ରାକିଂ ସୁନିଶ୍ଚିତ କରିବା ପାଇଁ ଜ୍ଞାନ କୌଶଳର ବିନିଯୋଗ କରିବା
- କାର୍ଯ୍ୟକ୍ରମ ଦକ୍ଷତାରେ ଉନ୍ନତି ଆଣିବା ଏବଂ ସମୟୋଚିତ ହସ୍ତକ୍ଷେପ ସୁନିଶ୍ଚିତ କରିବା ପାଇଁ ତଥ୍ୟ-ପରିଚାଳିତ ନିଷ୍ପତ୍ତି ଗ୍ରହଣ ପ୍ରଣାଳୀକୁ କାର୍ଯ୍ୟକାରୀ କରିବା

## ଭିଜନ ଓ ସଫଳତା

**ଭିଜନ ୨୦୪୭**

ପୋଷଣ ସୁରକ୍ଷା ହାସଲ କରିବାକୁ ସ୍ଥାୟୀ ଏବଂ ସମାବେଶୀ ଆଭିମୁଖ୍ୟ ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିବା



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ଅବିକଶିତ ରହିଥିବା ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁ | % | ୩୧ | ୨୫ | ୧୫ | <୨.୫ |
| ଦୁର୍ବଳ ଥିବା ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁ | % | ୧୮ | ୧୫ | ୧୨ | <୧.୫ |
| ଓଜନ କମ୍ ରହିଥିବା ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁ | % | ୩୦ | ୨୫ | ୧୫ | <୨ |
| ରକ୍ତହୀନତାର ଶିକାର ସବୁ ମହିଳା (୧୫-୪୯ ବର୍ଷ) | % | ୬୪ | <୫୦ | <୨୫ | <୫ |






# ଯୁବ ଓଡ଼ିଶା

ଓଡ଼ିଶାର କ୍ରୀଡ଼ା ଏବଂ ସ୍ୱାସ୍ଥ୍ୟ ବିପ୍ଳବର ଅଗ୍ରଦୂତ

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତାର ପରିକଳ୍ପନା କରିଛି

- ନାଗରିକମାନଙ୍କ ମଧ୍ୟରେ ଏକ ସୁସ୍ଥ ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଶାରୀରିକ କାର୍ଯ୍ୟକଳାପକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ଏବଂ ଗୋଷ୍ଠୀର ସୁସ୍ଥାବସ୍ଥାରେ ଉନ୍ନତି ଆଣିବା
- ୮୦ ପ୍ରତିଶତ ସ୍କୁଲ ପିଲା ବୟସ ଅନୁସାରେ ଉପଯୁକ୍ତ ଶାରୀରିକ ସୁସ୍ଥତା ମାନଦଣ୍ଡକୁ ସୁନିଶ୍ଚିତ କରିବେ, ପ୍ରତ୍ୟେକ ବିଦ୍ୟାଳୟରେ ମୌଳିକ କ୍ରୀଡ଼ା ଭିତ୍ତିଭୂମିର ସୁବିଧା ଉପଲବ୍ଧ କରାଯିବ
- ୨୦୩୬ ମସିହା ସୁଦ୍ଧା ଓଡ଼ିଶା ଜାତୀୟ ପ୍ରତିଯୋଗିତାରେ ପ୍ରଥମ ତିନୋଟି ପଦକ ବିଜେତା ରାଜ୍ୟ ମଧ୍ୟରେ ସ୍ଥାନ ପାଇବ
- ଗ୍ରାମ ପଞ୍ଚାୟତ ସ୍ତରରେ ସମନ୍ୱିତ କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଗୋଷ୍ଠୀ ଫିଟନେସ୍ କାର୍ଯ୍ୟକ୍ରମ ସହିତ କ୍ରୀଡ଼ା ପ୍ରଶିକ୍ଷଣର ମିଶ୍ରଣ
- ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଯୋଜନାରେ ଫିଟନେସ୍ ଏବଂ ସୁସ୍ଥତାକୁ ସାମିଲ କରିବା, ପାର୍କ, ଖୋଲା ସ୍ଥାନ ଏବଂ ଫିଟନେସ୍ ସେଣ୍ଟରଗୁଡ଼ିକ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା

ଏହି ଆଭିମୁଖ୍ୟ ଓଡ଼ିଶା ପାଇଁ ଏକ ସମୃଦ୍ଧ ଏବଂ ସମାବେଶୀ ରାଜ୍ୟ ହେବା ଲାଗି ବ୍ୟାପକ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ ଯେଉଁଠାରେ ଶାରୀରିକ ସୁସ୍ଥତା ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସୌହାର୍ଦ୍ଦ୍ୟ ଏବଂ ବ୍ୟକ୍ତିଗତ ସମ୍ଭାବନାକୁ ପରିଚାଳିତ କରେ

## ସଫଳତା ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଚାଲିବା, ଯୋଗ, ସାଇକେଲ ଚାଳନା ଏବଂ ମନୋରଞ୍ଜନ କ୍ରୀଡ଼ା ଭଳି କାର୍ଯ୍ୟକଳାପ ମାଧ୍ୟମରେ ସମସ୍ତ ବୟସ ବର୍ଗଙ୍କୁ ଫିଟନେସ୍ ପ୍ରେରଣା ଦେବା ପାଇଁ ବହୁମୁଖୀ "ଫିଟ୍ ଓଡ଼ିଶା ମିଶନ'ର ଶୁଭାରମ୍ଭ କରିବା

ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଫିଟନେସ୍ ପାର୍କ, ଜଗିଂ ଟ୍ରାକ୍, ଷ୍ଟାଡିୟମ ଏବଂ ଖେଳପଡ଼ିଆ ଭଳି କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବା

ଫିଟନେସ୍ ସ୍ତର ଉପରେ ନଜର ରଖିବା, ବ୍ୟକ୍ତିଗତ ଯୋଜନା ପ୍ରଦାନ କରିବା ଏବଂ ସାରା ରାଜ୍ୟରେ ଏକ ଫିଟ୍ ଏବଂ ଉନ୍ନତ କ୍ରୀଡା ସମ୍ପ୍ରଦାୟ ସୃଷ୍ଟି କରିବା ପାଇଁ ଟେକ୍ନୋଲୋଜିକୁ ଉପଯୋଗ କରିବା

କ୍ରୀଡ଼ାବିତମାନଙ୍କ ପାଇଁ ଏକ ଲକ୍ଷ୍ୟବଦ୍ଧ କାର୍ଯ୍ୟକ୍ରମ ଜରିଆରେ କ୍ରୀଡ଼ାରେ ବିଶ୍ୱସ୍ତରୀୟ ଉତ୍କର୍ଷ ହାସଲ କରିବା

**ଓଡ଼ିଶାକୁ ଏକ ଅଗ୍ରଣୀ "କ୍ରୀଡ଼ା ଅର୍ଥବ୍ୟବସ୍ଥା କେନ୍ଦ୍ର' ଭାବେ ଅବସ୍ଥାପିତ କରିବା**

## ଭିଜନ ଓ ସଫଳତା

**ଭିଜନ ୨୦୪୭**

କ୍ରୀଡ଼ା, ଫିଟନେସ୍ (ଯୋଗ ସମେତ), ଏବଂ ସକ୍ରିୟ ଜୀବନଶୈଳୀର ସମ୍ମିଶ୍ରଣ କରୁଥିବା ଏକ ଜୀବନଶୈଳୀ ହାସଲ କରିବାରେ ସଫଳତା ହାସଲ କରିବା -ସବୁ ବୟସର ବ୍ୟକ୍ତିବିଶେଷଙ୍କୁ ଉତ୍କର୍ଷ ହାସଲ କରିବା ଏବଂ ସେମାନଙ୍କ ସାମର୍ଥ୍ୟ ହାସଲ କରିବା ପାଇଁ ସଶକ୍ତ କରିବା

ସମସ୍ତ ନାଗରିକ କୌଣସି ନା କୌଣସି ପ୍ରକାରର ଶାରୀରିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା ସହିତ ଫିଟନେସକୁ ପ୍ରୋତ୍ସାହନ

**୩୦**

କଳିଙ୍ଗ ଷ୍ଟାଡିୟମ ଭଳି ୩୦ଟି ବିଶ୍ୱସ୍ତରୀୟ ସମନ୍ୱିତ କ୍ରୀଡ଼ା ସୁବିଧା (ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ)

**୮୦%**

୮୦ ପ୍ରତିଶତ ସ୍କୁଲ ପିଲା ମୌଳିକ ଭିତ୍ତିଭୂମି ସହିତ ଅତି କମରେ ଗୋଟିଏ ଖେଳରେ ଭାଗ ନେବେ

ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଯୋଜନାରେ ସୁସ୍ଥତାକୁ ସାମିଲ କରିବା, ପାର୍କ, ଖୋଲା ସ୍ଥାନ ଏବଂ ଫିଟନେସ୍ ସେଣ୍ଟରଗୁଡ଼ିକ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ କରିବା



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|
| ଯୋଗ ଓ ଅନ୍ୟାନ୍ୟ ଫିଟନେସ୍ କାର୍ଯ୍ୟକଳାପରେ ଅଂଶଗ୍ରହଣ | ଲୋକଙ୍କ ପ୍ରତିଶତ | ୨୦ | ୪୦ | ୭୫ |
| ସ୍କୁଲ ପିଲା ଅତି କମରେ ଗୋଟିଏ ଖେଳରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା | ସ୍କୁଲ ଛାତ୍ରଛାତ୍ରୀଙ୍କ ପ୍ରତିଶତ | ୨୦ | ୫୦ | ୮୦ |
| କ୍ରୀଡ଼ା ସୁବିଧାର ଉପଲବ୍ଧତା | ଜିଲ୍ଲାଗୁଡ଼ିକର ପ୍ରତିଶତ | ୨୫ | ୫୦ | ୧୦୦ |



# ସମାବେଶୀ ଓ ସନ୍ତୁଳିତ ଅଭିବୃଦ୍ଧି

ସମାନତା ଏବଂ ସମ୍ମାନ ଉପରେ ଆଧାରିତ ଭବିଷ୍ୟତର ନିର୍ମାଣ

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- ଗୁଣାତ୍ମକ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସୁବିଧାର ଉପଲବ୍ଧତା ପାଇଁ ୧୦୦% ପରିପୂର୍ଣ୍ଣତା ହାସଲ କରିବା
- ସମସ୍ତ ଆଦିବାସୀ ବିଦ୍ୟାଳୟରେ ଯୋଗ୍ୟ ଏବଂ ତାଲିମପ୍ରାପ୍ତ ଶିକ୍ଷକଙ୍କ ନିଯୁକ୍ତି ସୁନିଶ୍ଚିତ କରିବା
- ୨୦୩୬ ମସିହା ସୁଦ୍ଧା ଆବାସ, ବିଦ୍ୟାଳୟ ଶିକ୍ଷା (ଅଙ୍ଗନୱାଡ଼ି ଏବଂ ଆତ୍ମନିର୍ଭର ଭାରତ ସେବା ସମେତ), ବିଦ୍ୟୁତ ସଂଯୋଗ ଏବଂ ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପଗୁଡ଼ିକର ପରିପୂର୍ଣ୍ଣତା ସୁନିଶ୍ଚିତ କରି ଜୀବିକା ସୁଯୋଗରେ ଉନ୍ନତି ଆଣିବା
- ଆଦିବାସୀ ସମ୍ପ୍ରଦାୟର ମୁଣ୍ଡପିଛା ଆୟ ବୃଦ୍ଧି ପାଇଁ ତ୍ୱରିତ ଆୟ ସୁନିଶ୍ଚିତ କରିବା

## ସଫଳତା ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଶିକ୍ଷା ଅଧିକାର (ଆରଟିଇ ଆଇନ) ଅନୁଯାୟୀ ଛାତ୍ର-ଶିକ୍ଷକ ଅନୁପାତ ଏବଂ ଶିକ୍ଷକ ଉପସ୍ଥାନ ସୁନିଶ୍ଚିତ କରିବା ସହିତ ଆବାସିକ ବିଦ୍ୟାଳୟ, ଛାତ୍ରବୃତ୍ତି ଏବଂ ଶିକ୍ଷକ ତାଲିମକୁ ବୃଦ୍ଧି କରି ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାର ଉପଲବ୍ଧି ଏବଂ ଗୁଣବତ୍ତା ବୃଦ୍ଧି କରିବା, ଏହା ବ୍ୟତୀତ ଶିକ୍ଷକମାନଙ୍କ ପାଇଁ ସର୍ବୋତ୍ତମ ପ୍ରୋତ୍ସାହନ ଏବଂ ସ୍ୱଚ୍ଛ ବଦଳି ନୀତି ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ନୀତି ପ୍ରସ୍ତୁତ କରିବା

କୃଷି ଏବଂ ଅଣ-କୃଷି ସୁଯୋଗକୁ ପ୍ରୋତ୍ସାହିତ କରି, ସୂକ୍ଷ୍ମ ଉଦ୍ୟୋଗକୁ ସମର୍ଥନ କରି, ପ୍ରାକୃତିକ ସମ୍ପଦ ପରିଚାଳନା ସମ୍ପର୍କିତ ନୀତିରେ ସଂସ୍କାର ଆଣି, ସ୍ଥାୟୀ ଜୀବିକା ସହାୟତା ଭିତ୍ତିଭୂମି ଏବଂ ଦକ୍ଷତା ପ୍ରଦାନ କରି ଆଦିବାସୀ ତଥା ଅନ୍ୟାନ୍ୟ ଅବହେଳିତ ଗୋଷ୍ଠୀ ପାଇଁ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ।

ସାଂସ୍କୃତିକ ସଂରକ୍ଷଣ ନିଷ୍ପତ୍ତିରେ ବିଭିନ୍ନ ସମ୍ପ୍ରଦାୟଗୁଡ଼ିକୁ ସାମିଲ କରି, ଜନଜାତି ଭାଷା, ପରମ୍ପରା ଏବଂ ଲୋକକଥାକୁ ପ୍ରୋତ୍ସାହନ ଦେଇ ଓ ସାଂସ୍କୃତିକ ପର୍ଯ୍ୟଟନ ଭଳି ଆର୍ଥିକ ବିକାଶ ପଦକ୍ଷେପରେ ସମନ୍ୱୟ ସ୍ଥାପନ କରି ଜନଜାତି ଐତିହ୍ୟକୁ ସଂରକ୍ଷିତ କରିବା ଏବଂ ଏହାକୁ ପ୍ରୋତ୍ସାହିତ କରିବା

ଓଡ଼ିଶାର ଆଦିବାସୀ ଐତିହ୍ୟ ଏବଂ ସାଂସ୍କୃତିକ ଦକ୍ଷତାର ସାମଗ୍ରିକ ବିକାଶ ଓ ବିଶ୍ୱସ୍ତରୀୟ ସମନ୍ୱୟ ସ୍ଥାପନ ପାଇଁ ନୀତିଗତ, ଦୀର୍ଘକାଳୀନ ପ୍ରକଳ୍ପ ଲାଗି ଏକ ବ୍ୟାପକ କାର୍ଯ୍ୟକ୍ରମ ଭାବରେ ଓଡ଼ିଶା ଆଦିବାସୀ ନବଜାଗରଣ ପଦକ୍ଷେପ (ଓଟିଆରଆଇ)ର ଶୁଭାରମ୍ଭ କରିବା । ପ୍ରାରମ୍ଭିକ ପ୍ରକଳ୍ପଗୁଡ଼ିକରେ (କ) ଆଦିଶାକୁ ଏକ ସ୍ୱତନ୍ତ୍ର ଆଦିବାସୀ ବ୍ରାଣ୍ଡରେ ପରିଣତ କରିବା, ଯାହା ୨୦୪୭ ସୁଦ୍ଧା ରାଜସ୍ୱରେ ୨୦ ଗୁଣ ବୃଦ୍ଧି କରିବ, (ଖ) ଜାତୀୟ ତୀରନ୍ଦାଜୀ ଦଳରେ ଓଡ଼ିଆ କ୍ରୀଡାବିତ୍‌ଙ୍କ ପ୍ରତିନିଧିତ୍ୱ ବୃଦ୍ଧି କରିବା ପାଇଁ ଏକ ଏକାଡେମୀ ପ୍ରତିଷ୍ଠା ଏବଂ (ଗ) ଓଡ଼ିଶାକୁ ଜନଜାତି ପ୍ରଦର୍ଶନ କଳାର କେନ୍ଦ୍ର ଭାବରେ ପ୍ରୋତ୍ସାହିତ କରିବା ପାଇଁ ଏକ ଜାତୀୟ କଳା ଏବଂ ସଙ୍ଗୀତ ଉତ୍କର୍ଷ ପ୍ରତିଷ୍ଠାନ ବିକଶିତ କରାଯିବ ।

ସ୍ଥାନୀୟ ନେତା ଏବଂ ସଂଗଠନଗୁଡ଼ିକୁ ସାମିଲ କରି, ସାର୍ବଜନୀନ ସେବାଗୁଡ଼ିକରେ ସ୍ୱଚ୍ଛତା ସୁନିଶ୍ଚିତ କରି, ଏବଂ ସମାବେଶୀ ଓ ଉତ୍ତରଦାୟୀ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଅବହେଳିତ ସମ୍ପ୍ରଦାୟଗୁଡ଼ିକୁ ସାମିଲ କରି, ଗୋଷ୍ଠୀ ନେତୃତ୍ୱାଧୀନ ଶାସନକୁ ସୁଦୃଢ଼ କରି ଏକ ସୁଦୃଢ଼ ତଥା ସମାବେଶୀ ଶାସନ ବ୍ୟବସ୍ଥା ନିର୍ମାଣ କରିବା

ଆଦିବାସୀ ଏବଂ ଅବହେଳିତ ସମ୍ପ୍ରଦାୟ ସଶକ୍ତୀକରଣ ଏକ ରାଜ୍ୟବ୍ୟାପୀ ଏବଂ ବ୍ୟାପକ ବିଷୟ ହୋଇଥିବାରୁ, ସାର୍ବଜନୀନ ସ୍ୱାସ୍ଥ୍ୟସେବା, ପର୍ଯ୍ୟାପ୍ତ ପୋଷଣ, କ୍ରୀଡ଼ା, ଦକ୍ଷତା ବିକାଶ, ଶିଳ୍ପ ବିକାଶ ଏବଂ ଜୀବନଧାରଣର ସହଜତା ଇତ୍ୟାଦି ଅତିରିକ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ ଅନ୍ୟ ଅଧ୍ୟାୟଗୁଡ଼ିକ ଅଧୀନରେ ସାମିଲ କରାଯାଇଛି (ଆଦିବାସୀ ଏବଂ ଅନ୍ୟାନ୍ୟ ଅବହେଳିତ ଗୋଷ୍ଠୀଙ୍କ ପାଇଁ ନିର୍ଦ୍ଦିଷ୍ଟ ହସ୍ତକ୍ଷେପଗୁଡ଼ିକ ସହଜ ଦୃଷ୍ଟାନ୍ତ ପାଇଁ ପ୍ରଦର୍ଶନୀ ୮.୪ରେ ସଂକ୍ଷେପରେ ପ୍ରଦାନ କରାଯାଇଛି) ।



## ଭିଜନ ଓ ସଫଳତା

**ଭିଜନ ୨୦୪୭**


ସମ୍ମାନଜନକ ଜୀବିକା, ଉନ୍ନତ ମାନର ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଫଳତା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଉପଲବ୍ଧ ହେବା ସୁନିଶ୍ଚିତ କରି ଆଦିବାସୀ ଏବଂ ଅବହେଳିତ ସମ୍ପ୍ରଦାୟକୁ ସଶକ୍ତ କରିବା, ଏଥି ସହିତ ସେମାନଙ୍କର ସ୍ୱତନ୍ତ୍ର ସଂସ୍କୃତିକୁ ସଂରକ୍ଷିତ କରିବା ଏବଂ ସାରା ରାଜ୍ୟରେ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହନ ପ୍ରଦାନ

**୧୦୦%**
ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଉପଲବ୍ଧ

**୧୦୦%**
ସମସ୍ତ ଆଦିବାସୀ ବିଦ୍ୟାଳୟରେ ୧୦୦% ଯୋଗ୍ୟ ଏବଂ ତାଲିମପ୍ରାପ୍ତ ଶିକ୍ଷକ ଉପଲବ୍ଧ

**୧୦୦%**
ସାଂସ୍କୃତିକ ଅବକ୍ଷୟକୁ ରୋକିବା ଲାଗି ସବୁ ପିଭିଟିଜିଙ୍କ ଭାଷା, ପରମ୍ପରା ଏବଂ ବିଧିଗୁଡ଼ିକର ପ୍ରାୟ ୧୦୦% ଡିଜିଟାଇଜେସନ୍ (ସଂଖ୍ୟାଭିତ୍ତିକ ପ୍ରକାଶ)

**୧୦୦%**
ଜନଜାତି ପରିବାରଗୁଡ଼ିକୁ ନିଯୁକ୍ତି ସୁଯୋଗ



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ବୃହତ୍ ଆବାସିକ ଶିକ୍ଷା ପରିସର | ସଂଖ୍ୟା | ୧ | ୧୦ | ୨୦ | ୨୮ |
| ଜନଜାତି ପାଇଁ ଜୀବିକା ସୁଯୋଗ | ପ୍ରାସଙ୍ଗିକ ଜନଜାତି ପରିବାରର ପ୍ରତିଶତ | - | ୫୦% | ୭୦% | ୧୦୦% |






VIKSIT BHARAT

VISION DOCUMENT
2036 | 2047



# ଗ୍ରାମୀଣ ସଶକ୍ତିକରଣ

ଓଡ଼ିଶାର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବାରୁ ଗ୍ରାମାଞ୍ଚଳରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ଏହି ବିଭାଗ ପ୍ରତ୍ୟେକ ଗ୍ରାମକୁ ଅଭିବୃଦ୍ଧି ଏବଂ ସୁଯୋଗର କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ଗ୍ରାମୀଣ ଆୟ ବୃଦ୍ଧି, ଭିତ୍ତିଭୂମିର ଉନ୍ନତିକରଣ, ଜଳ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଦୀର୍ଘସ୍ଥାୟୀ ଅଣ-କୃଷି ନିଯୁକ୍ତି ସୃଷ୍ଟି କରିବା ଉପରେ ଧ୍ୟାନ ଦେଇଥାଏ ।

ଏହି ବିଭାଗ ଅଧୀନରେ ଥିବା ଅଧ୍ୟାୟଗୁଡ଼ିକରେ ନିମ୍ନଲିଖିତ ଉପବିଭାଗ ଗୁଡ଼ିକ ଅନ୍ତର୍ଭୁକ୍ତ:

- **ସମାବେଶୀ କୃଷି:** ସମାନତା, ନବସୃଜନ ଏବଂ ସ୍ଥିରତା ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି କରିବା
- **ପ୍ରାଣୀସମ୍ପଦ:** କୃଷି ଆୟକୁ ପ୍ରୋତ୍ସାହନ
- **ସାମୁଦ୍ରିକ ଅର୍ଥନୀତି:** ମତ୍ସ୍ୟଚାଷ ଏବଂ ଜଳଚର ଜୀବଙ୍କ ଚାଷ ବୃଦ୍ଧି
- ଏକ ସୁଦୃଢ଼ ଓଡ଼ିଶା ପାଇଁ ଜଳ ସୁରକ୍ଷା
- **ଗ୍ରାମୀଣ ନବଜାଗରଣ:** ସହଜ ଜୀବନଧାରଣରେ ଉନ୍ନତି ଆଣିବା ଏବଂ ଅଣ-କୃଷି ନିଯୁକ୍ତି ସୃଷ୍ଟି କରିବା





# ସମାବେଶୀ କୃଷି

ସମାନତା, ନବସୃଜନ ଏବଂ ସ୍ଥିରତା ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି କରିବା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- ମୁଣ୍ଡ ପିଛା କୃଷକ ଆୟରେ ଭାରତର ଶ୍ରେଷ୍ଠ ପାଞ୍ଚଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା
- ରପ୍ତାନୀ-ପ୍ରସ୍ତୁତ ମୂଲ୍ୟ ଶୃଙ୍ଖଳା ସହିତ ପାଞ୍ଚଟି ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାମୂଳକ ଫସଲରେ ଅଗ୍ରଣୀ
- ଚାଷ ଜମିର ୧୦୦% ଡିଜିଟାଲ ମ୍ୟାପ୍ ପ୍ରସ୍ତୁତ କରିବା ଓ ନିରୀକ୍ଷଣ କରିବା, ସବସିଡି ଏବଂ ଅତିରିକ୍ତ ସେବା ଯୋଗାଇ ଦେବା
- ପିଏମ କୁସୁମ ଅଧୀନରେ ବ୍ୟବହାରିକ କୃଷି ଜମିର ୧୦୦% ସୌରୀକରଣ ଲକ୍ଷ୍ୟ ହାସଲ କରିବା
- ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଏବଂ ଜାତୀୟ ଶିକ୍ଷାନୁଷ୍ଠାନ ମାନ୍ୟତା ଫ୍ରେମୱାର୍କ (ଏନଆଇଆରଏଫ) ଦ୍ୱାରା ମାନ୍ୟତା ପ୍ରାପ୍ତ କୃଷି ସମ୍ବନ୍ଧୀୟ ଗବେଷଣା, ଶିକ୍ଷା ଏବଂ ତାଲିମ ପାଇଁ ଭାରତର ଶ୍ରେଷ୍ଠ ତିନୋଟି ରାଜ୍ୟ ମଧ୍ୟରେ ପରିଗଣିତ ହେବା
- ମହିଳାଙ୍କ ଦ୍ୱାରା ଅତିକମରେ ୫୦% ଚାଷ ଜମିର ମାଲିକାନା ଓ ପରିଚାଳନା ସୁନିଶ୍ଚିତ କରିବା
- ଏଫପିଓ, ଏସଏଚଜି ଏବଂ ସମବାୟ ସମିତିର ନେତୃତ୍ୱରେ ସମସ୍ତ ରାଜ୍ୟ ଯୋଜନାକୁ ମଞ୍ଚରେ ଉପସ୍ଥାପିତ କରିବା

## ସଫଳତା ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଉନ୍ନତ ବିହନଠାରୁ ଆରମ୍ଭ କରି ପ୍ରିମିୟମ ବଜାର ପର୍ଯ୍ୟନ୍ତ ଏକୀକୃତ ମୂଲ୍ୟ ଶୃଙ୍ଖଳା ମାଧ୍ୟମରେ ପାଞ୍ଚଟି ପ୍ରାଥମିକତା ଆଧାରିତ ଫସଲକୁ ରୂପାନ୍ତରିତ କରିବା; ଏଥିରେ ନିମ୍ନଲିଖିତ ପ୍ରୟାସ ସାମିଲ ରହିଛି ଯାହାଦ୍ୱାରା ବିଭିନ୍ନ ମୂଲ୍ୟ ଶୃଙ୍ଖଳାକୁ ଲାଭ ହେବ:

- ବିହନ ବିକାଶ, ମିଲେଟ୍ ବିଜ୍ଞାନ ଏବଂ କୃଷକ ତାଲିମ କ୍ଷେତ୍ରରେ ନବସୃଜନକୁ ପ୍ରୋତ୍ସାହିତ କରିବା ଲାଗି ଉତ୍କର୍ଷ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ କରିବା
- ଉତ୍ପାଦନ ଏବଂ ପରିବହନ ଭିତ୍ତିଭୂମିର ବିକାଶ ପାଇଁ ଗ୍ରାମୀଣ କ୍ଲଷ୍ଟର, ଦକ୍ଷତା ବୃଦ୍ଧି ପଦକ୍ଷେପ ଏବଂ ପୁଞ୍ଜି ସହାୟତା ମାଧ୍ୟମରେ କୃଷି-ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା
- ଫସଲ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ସହିତ କୃଷକମାନଙ୍କୁ ବିପଦମୁକ୍ତ କରିବା ଲାଗି ବିବିଧ ଫସଲ ପାଇଁ ମୂଲ୍ୟ-ବ୍ୟବଧାନ ସମର୍ଥନ କାର୍ଯ୍ୟକାରୀ କରିବା
- କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ (ଡିଏଏଫଇ) ଅଧୀନରେ ଏକ ସଂଶୋଧିତ "ବିପଣନ ସେଲ୍' ମାଧ୍ୟମରେ ଡିଜିଟାଲ୍ ମାର୍କେଟିଂ ଏବଂ ଟ୍ରେସେବିଲିଟିକୁ ସକ୍ଷମ କରିବା
- ଯୋଜନା ଏବଂ ନିବେଶ ବଣ୍ଟନଠାରୁ ଆରମ୍ଭ କରି ପ୍ରତ୍ୟକ୍ଷ ବଜାର ସଂଯୋଗ ପର୍ଯ୍ୟନ୍ତ, ଏସଏଚଜି ଏବଂ ଏଫପିଓର ଅଂଶଗ୍ରହଣକୁ ଗଭୀର କରିବା ।
- ୫୮ରୁ ଅଧିକ ନୂତନ ଶୀତଳ ଭଣ୍ଡାର ଏବଂ ଗ୍ରାମୀଣ ପ୍ୟାକ୍ ହାଉସ୍ ସମେତ ଅମଳ ପରବର୍ତ୍ତୀ ଭିତ୍ତିଭୂମିର ସମ୍ପ୍ରସାରଣ
- ଓଡ଼ିଶାର ଜଳବାୟୁ ପ୍ରତିରୋଧୀ ପ୍ରକୋଷ୍ଠକୁ ସକ୍ରିୟ କରି କୃଷକମାନଙ୍କୁ ପାଣିପାଗ ଆଧାରିତ ମାର୍ଗଦର୍ଶିକା ଏବଂ ଅନୁକୂଳ ଫସଲ ମଡେଲ ସହିତ ଯୋଡ଼ିବା
- ନୂତନ ଜମି ପଟ୍ଟା ଆଇନ ଜରିଆରେ ଜମି ଅଧିକାରକୁ ସୁଦୃଢ଼ କରିବା ଏବଂ ମହିଳା କୃଷକମାନଙ୍କୁ ସହାୟତା ପ୍ରଦାନ କରିବା
- ପ୍ରେସକ୍ରିପସନ୍ ଚାଷ, ଡ୍ରୋନ୍ ସ୍ପ୍ରେ ଏବଂ ସ୍ମାର୍ଟ ମୃତ୍ତିକା ପରୀକ୍ଷା ପରି ଉପକରଣ ମାଧ୍ୟମରେ ଡିଜିଟାଲ୍ କୃଷିକୁ ବ୍ୟାପକ କରିବା । ସମସ୍ତ ଫସଲରେ ଜଳସେଚନ ପରିସରକୁ ଉଲ୍ଲେଖନୀୟ ଭାବେ ସମ୍ପ୍ରସାରିତ କରିବା

୧ ପ୍ରଧାନମନ୍ତ୍ରୀ କିଷାନ ଉର୍ଜା ସୁରକ୍ଷା ଏବଂ ଉତ୍ଥାନ ମହାଭିଯାନ

## ଭିଜନ ଓ ସଫଳତା

### ଭିଜନ ୨୦୪୭

ଖାଦ୍ୟ ଏବଂ ପୁଷ୍ଟିସାଧନ ସୁରକ୍ଷା ସୁନିଶ୍ଚିତ କରିବା, ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ଏବଂ କୃଷକଙ୍କ ଆୟ ଓ କଲ୍ୟାଣକୁ ନିରନ୍ତର ବୃଦ୍ଧି କରିବା ପାଇଁ ଓଡ଼ିଶାର କୃଷିକୁ ଏକ ସ୍ଥାୟୀ, ପ୍ରତିରୋଧୀ, ସମାବେଶୀ ଏବଂ ବିଜ୍ଞାନ ପରିଚାଳିତ ଇକୋସିଷ୍ଟମରେ ରୂପାନ୍ତରିତ କରିବା




[୧] ଏକାକୀ କିମ୍ବା ଅନ୍ୟମାନଙ୍କ ସହ ଯୌଥ ଭାବେ; ଅରୁଣାଚଳପ୍ରଦେଶର ମାପଦଣ୍ଡ ସହ ସମାନ

## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ଚାଷୀଙ୍କ ମୁଣ୍ଡପିଛା ଆୟ | ଭାରତୀୟ ମୂଦ୍ରାରେ | ୫,୧୧୨[୧] | ୧୦,୨୦୦ | ୧୨,୦୦୦ | ୧୫,୦୦୦ |
| ପ୍ରାସଙ୍ଗିକ କ୍ଷେତ୍ର ପାଇଁ ଜଳସେଚନର ପ୍ରସାର | % | ୫୫% | ୬୫% | ୮୦% | ୯୦% |
| ଫସଲ ସଘନତା | % | ୧୬୦% | ୧୮୦% | ୨୨୦% | ୨୫୦% |
| କୃଷି ଯାନ୍ତ୍ରିକୀକରଣ | କେଡବ୍ଲୁ/ ହେକ୍ଟର | ୨.୬ | ୩.୦ | ୩.୫ | ୪.୫ |
| ମହିଳାଙ୍କ ଦ୍ୱାରା ଚାଷ ଜମି ମାଲିକାନା | % | ୧୩ | ୧୫ | ୩୦ | ୫୦ |
| ଡାଲି ପାଇଁ ଅମଳ | ଏମଟି/ ହେକ୍ଟର | ୦.୬ | ୦.୮ | ୦.୯ | ୧.୨୫ |
| ତୈଳବୀଜ ପାଇଁ ଅମଳ | ଏମଟି/ ହେକ୍ଟର | ୦.୯୬ | ୧.୧୦ | ୧.୨୫ | ୨.୪୦ |
| ଚାଉଳ ରପ୍ତାନୀ (ବର୍ତ୍ତମାନର ମୂଲ୍ୟରେ) | ଭାରତୀୟ ମୁଦ୍ରା କୋଟିରେ | ୩୨୧ | ୧,୮୦୦ | ୬,୨୦୦ | ୧୦,୦୦୦ |




[୧] ୨୦୧୮-୧୯

ଉତ୍ସ: ଏନଏଫଏଚଏସ-୫, ଓଡ଼ିଶା ଆର୍ଥିକ ସର୍ବେକ୍ଷଣ ୨୦୨୩-୨୪

# ପ୍ରାଣୀ ସମ୍ପଦ

ଚାଷରୁ ଆୟ ବୃଦ୍ଧି

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ପ୍ରଥମ ପାଞ୍ଚଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା
- ଦୁଗ୍ଧ ଏବଂ ମାଂସ ଉତ୍ପାଦନ ଚାରି ଗୁଣ ବୃଦ୍ଧି କରିବା
- ପ୍ରାଣୀ ଚିକିତ୍ସା ସ୍ୱାସ୍ଥ୍ୟ ଯତ୍ନ ଉପଲବ୍ଧି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହେବା

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

“ଶିଳ୍ପ ନୀତି (ଆଇପିଆର) ୨୦୨୨’ ଅଧୀନରେ ମେକାନାଇଜଡ ଲେୟର ବା ଅଣ୍ଡା ଦେଉଥିବା କୁକୁଡା ଫାର୍ମଗୁଡ଼ିକୁ ପ୍ରୋତ୍ସାହନ ଦେଇ ଅଣ୍ଡା ଉତ୍ପାଦନକୁ ପାଞ୍ଚ ଗୁଣ ବୃଦ୍ଧି କରି ବାର୍ଷିକ ୧୭୦୦ କୋଟି ଟଙ୍କା ଆୟ କରିବା, ରପ୍ତାନୀ ବୃଦ୍ଧି ପାଇଁ ଜୈବ ନିରାପତ୍ତାରେ ଉନ୍ନତି ଆଣି ବିଭାଗୀକରଣକୁ ପ୍ରୋତ୍ସାହନ ଦେବା

ଅତ୍ୟାଧୁନିକ କୌଶଳରେ ସଂକର ପ୍ରଜାତିର ଗୋ-ପ୍ରଜନନ, ପ୍ରକ୍ରିୟାକରଣରେ କର୍ପୋରେଟ ନିବେଶକୁ ପ୍ରୋତ୍ସାହିତ କରିବା, ସମବାୟକୁ ସୁଦୃଢ଼ କରିବା, ପ୍ରାଣୀଖାଦ୍ୟର ଉତ୍ପାଦନ ବୃଦ୍ଧି କରିବା ଏବଂ କ୍ରୟକୁ ସମ୍ପ୍ରସାରିତ କରି ଦୈନିକ ଦୁଗ୍ଧ ସଂଗ୍ରହକୁ ଚାରିଗୁଣ ବୃଦ୍ଧି କରି ୨୭୪ ଲକ୍ଷ ଲିଟର କରିବା

ଉନ୍ନତ ଛେଳି ପ୍ରଜାତି ଏବଂ ମାଂସ ପ୍ରକ୍ରିୟାକରଣ ଉପରେ ଧ୍ୟାନ ଦେଇ ମାଂସ ଉତ୍ପାଦନକୁ ଚାରି ଗୁଣ ବୃଦ୍ଧି କରି ୦.୮ ଏମଏମଟିପିଏରେ ପହଞ୍ଚାଇବା

ପ୍ରତିଷେଧକ ଟୀକାକରଣ, ପ୍ରାଣୀ ଚିକିତ୍ସା କେନ୍ଦ୍ର ଏବଂ ଟିକା ଉତ୍ପାଦନ ପରୀକ୍ଷାଗାର ପାଇଁ “ପ୍ରାଣୀସମ୍ପଦ ସମ୍ବଳ କେନ୍ଦ୍ର (ପ୍ରାଣୀସମ୍ପଦ ସେବା କେନ୍ଦ୍ର)’ ପ୍ରତିଷ୍ଠା କରି ପ୍ରାଣୀସମ୍ପଦ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା



## ଭିଜନ ଓ ସଫଳତା

### ଭିଜନ ୨୦୪୭


ଉଚ୍ଚ-ଉତ୍ପାଦନକ୍ଷମ ପ୍ରାଣୀ ପାଳନକୁ ପ୍ରାଧାନ୍ୟ ଦେଇ, ବର୍ଦ୍ଧିତ ନିବେଶର ସୁବିନିଯୋଗ, ଉତ୍ତମ ସ୍ୱାସ୍ଥ୍ୟ ତତ୍ତ୍ୱାବଧାନ ଏବଂ ରପ୍ତାନି-କୈନ୍ଦ୍ରିକ ମୂଲ୍ୟଯୁକ୍ତ ସାମର୍ଥ୍ୟ ବୃଦ୍ଧି କରି ଆତ୍ମନିର୍ଭରଶୀଳତା ହାସଲ କରିବା ସହ କୃଷକଙ୍କ ଆୟ ବୃଦ୍ଧି କରିବା

୨୦୩୬ ସୁଦ୍ଧା ମୁଣ୍ଡପିଛା ଦୁଗ୍ଧ, ଅଣ୍ଡା ଏବଂ ମାଂସ ଉତ୍ପାଦନରେ ଆତ୍ମନୀର୍ଭରଶୀଳତା ହାସଲ କରିବା

**ଶ୍ରେଷ୍ଠ ୫**
ଅଣ୍ଡା ଉତ୍ପାଦନରେ ପ୍ରଥମ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା

**୪X**
ଦୁଗ୍ଧ ଏବଂ ମାଂସ ଉତ୍ପାଦନରେ ଚାରି ଗୁଣ ଅଭିବୃଦ୍ଧି ହାସଲ କରିବା ସହ ଏକ ବଳକା ରାଜ୍ୟ ହେବା

**୩X**
ଟିକା ଉତ୍ପାଦନ ୩ ଗୁଣ ବୃଦ୍ଧି କରି, ଏକ "ବିଶ୍ୱସ୍ତରୀୟ ରପ୍ତାନି କେନ୍ଦ୍ର' ହେବା



## ଭିଜନ ଓ ସଫଳତା

| ଲକ୍ଷ୍ୟ ଦ୍ରବ୍ୟ | ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|---|
| ଅଣ୍ଡା | ଉତ୍ପାଦନ | ବାର୍ଷିକ ଏକକ (କୋଟି) | ୩୭୨ | ୫୦୦ | ୧,୦୦୦ | ୧,୭୦୦ |
| | ମୁଣ୍ଡ ପିଛା ଉପଲବ୍ଧ | ବାର୍ଷିକ ସଂଖ୍ୟା | ୮୦ | ୧୦୦ | ୧୮୧ | ୨୮୩ |
| | ପ୍ରକ୍ରିୟାକରଣ ଏକକ | ସଂଖ୍ୟା | - | ୨ | ୫ | ୧୦ |
| ଦୁଗ୍ଧ | ଉତ୍ପାଦନ | ଦୈନିକ ଲକ୍ଷ ଲିଟର୍ | ୭୦ | ୮୦ | ୧୬୫ | ୨୭୪ |
| | ମୁଣ୍ଡ ପିଛା ଉପଲବ୍ଧ | ଦିନ ପିଛା ଗ୍ରାମ୍ | ୧୫୬ | ୧୭୫ | ୩୦୦ | ୪୫୬ |
| | ଦୁଗ୍ଧ ପ୍ରକ୍ରିୟାକରଣ କ୍ଷମତା | ଦୈନିକ ଲକ୍ଷ ଲିଟର | ୧୫ | ୨୫ | ୬୦ | ୧୦୦ |
| ମାଂସ | ଉତ୍ପାଦନ | ବାର୍ଷିକ ଲକ୍ଷ ମେଟ୍ରିକ୍ ଟନ୍ | ୨ | ୪ | ୬ | ୮ |
| | ମୁଣ୍ଡ ପିଛା ଉପଲବ୍ଧ | ବାର୍ଷିକ କିଲୋଗ୍ରାମ | ୫ | ୯ | ୧୧ | ୧୩ |
| | ପ୍ରକ୍ରିୟାକରଣ ଏକକ | ସଂଖ୍ୟା | - | ୨ | ୬ | ୮ |
| ସର୍ବମୋଟ | ଉପଖଣ୍ଡ ସ୍ତରରେ ପ୍ରାଣୀସମ୍ପଦର ବହୁମୁଖୀ ଚିକିତ୍ସା କେନ୍ଦ୍ର | ସଂଖ୍ୟା | ୪ | ୩୦ | ୫୮ | ୫୮ |
| | ସମ୍ଭାବନାପୂର୍ଣ୍ଣ ଗ୍ରାମ ପଞ୍ଚାୟତରେ (ପ୍ରାଣୀସମ୍ପଦ ସେବା କେନ୍ଦ୍ର) ପ୍ରାଣୀସମ୍ପଦ ସମ୍ବଳ କେନ୍ଦ୍ର (ଏଲଆରସି) | ସଂଖ୍ୟା | - | ୩୧୪ | ୧,୦୦୦ | ୨,୦୦୦ |



# ସାମୁଦ୍ରିକ ଅର୍ଥନୀତି

ମତ୍ସ୍ୟ ଓ ଜଳଜୀବ ପାଳନରେ ବ୍ୟାପକ ବୃଦ୍ଧି

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- ଚିଙ୍ଗୁଡ଼ି ଉତ୍ପାଦନ ଏବଂ ରପ୍ତାନିରେ ଶୀର୍ଷ ଦୁଇଟି ରାଜ୍ୟ ମଧ୍ୟରେ ରହିବା, ଉପକୂଳବର୍ତ୍ତୀ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ବିଶ୍ୱ ସ୍ୱୀକୃତି ପ୍ରାପ୍ତ ହେବା
- ମଧୁର ଜଳ ଏବଂ ସାମୁଦ୍ରିକ ଖାଦ୍ୟ ଉତ୍ପାଦନ ବୃଦ୍ଧି କରି ରପ୍ତାନୀ କ୍ଷେତ୍ରରେ ଶୀର୍ଷ ତିନୋଟି ରାଜ୍ୟ ମଧ୍ୟରେ ରହିବା, ଜୀବିକାକୁ ଆଗେଇ ନେବା ସହ ଦେଶକୁ ସମୃଦ୍ଧ କରିବା
- ସମୃଦ୍ଧି ଏବଂ ଗୌରବ ପାଇଁ ଆମ ମହାସାଗରଗୁଡ଼ିକର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରି ସାମୁଦ୍ରିକ ମାଛଧରା କ୍ଷେତ୍ରରେ ପ୍ରଥମ ତିନୋଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା

## ସଫଳତା ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ମୂଲ୍ୟ ଶୃଙ୍ଖଳରେ ହସ୍ତକ୍ଷେପ ମାଧ୍ୟମରେ ଚିଙ୍ଗୁଡ଼ି ଉତ୍ପାଦନକୁ ୧.୪ ଏମଏମଟିପିଏକୁ ବୃଦ୍ଧି କରିବାର ଉପାୟ ନିମ୍ନରେ ଉଲ୍ଲେଖ କରାଯାଇଛି:

- ସ୍ପଷ୍ଟ ଲକ୍ଷ୍ୟ ଏବଂ ଆନୁଷ୍ଠାନିକ ସହାୟତା ସହିତ "ଓଡ଼ିଶା ଚିଙ୍ଗୁଡ଼ି ମିଶନ'ର ଘୋଷଣା
- ଉନ୍ନତ ମାନର ବିହନ ଓ ଖାଦ୍ୟର ଉତ୍ପାଦନ ଏବଂ ଯୋଗାଣ ବୃଦ୍ଧି କରିବା
- ଉପକୂଳଠାରୁ ୧୦ କିଲୋମିଟର ପର୍ଯ୍ୟନ୍ତ ଚାଷଯୋଗ୍ୟ ଲୁଣିଆ ଜଳ କ୍ଷେତ୍ର ବୃଦ୍ଧି (ବର୍ତ୍ତମାନ ୨ କିଲୋମିଟରରୁ ଅଧିକ)
- ପ୍ରକ୍ରିୟାକରଣ କ୍ଷମତା, ବାଣିଜ୍ୟ ସହାୟତାର ପ୍ରକାର ଏବଂ ପରିମାଣକୁ ସମ୍ପ୍ରସାରିତ କରିବା ସହିତ ସାମଗ୍ରିକ ଉତ୍ପାଦନରେ ଉନ୍ନତି ଆଣିବା

ଗଭୀର ସମୁଦ୍ର ମାଛଧରା ବନ୍ଦର (ଗୋପାଳପୁରରୁ ଆରମ୍ଭ କରାଯିବ) ପ୍ରତିଷ୍ଠା କରି, ଗଭୀର ସମୁଦ୍ର ମାଛଧରା ଜାହାଜ ଏବଂ ଟୁନା ଲଙ୍ଗ ଲାଇନର ମାଛଧରା ଆରମ୍ଭକୁ ତ୍ୱରାନ୍ୱିତ କରି, ବର୍ତ୍ତମାନର ମାଛଧରା ଜାହାଜର ଉନ୍ନତିକରଣ ଓ ଯାନ୍ତ୍ରିକକରଣ କରି, କୃତ୍ରିମ ଚଟାଣ ଏବଂ ସାମୁଦ୍ରିକ ପ୍ରାଣୀପାଳନ ମାଧ୍ୟମରେ ଉପକୂଳ ଷ୍ଟକକୁ ସମୃଦ୍ଧ କରିବା ସହ କ୍ଷେତ୍ରୀୟ ଜଳର ଏକ ଦୃଢ଼ "ଜଳ ଲିଜ୍ ନୀତି' ବିକଶିତ କରି ସାମୁଦ୍ରିକ ମତ୍ସ୍ୟପାଳନକୁ ୦.୬ ଏମଏମଟିପିଏକୁ ବୃଦ୍ଧି କରିବା

ରପ୍ତାନି ଆଧାରିତ ମାଛ କିସମ ଭଳି ଆନୁବଂଶିକ ରୂପରେ ଉନ୍ନତ ତିଲାପିୟା (ଜିଆଇଏଫଟି), ସିବାସ ଏବଂ କାଦୁଆ କଙ୍କଡ଼ା ଚାଷକୁ ପ୍ରୋତ୍ସାହନ ଦେବା ଲାଗି ଜଳଜ କୃଷି କ୍ଲଷ୍ଟର ବିକାଶ ମାଧ୍ୟମରେ ମଧୁର ଜଳ ମତ୍ସ୍ୟ ଉତ୍ପାଦନକୁ ୩ଏମଏମଟିପିଏ ପର୍ଯ୍ୟନ୍ତ ବଢ଼ାଇବା; ଘରୋଇ ଜମି ଅଧୀନରେ ଜଳଜ କୃଷି କ୍ଷେତ୍ରର ବିସ୍ତାର, ଜଳଜ କୃଷି ପ୍ରଣାଳୀ (ବାୟୋଫ୍ଲକ୍ ବା ଆରଏଏସ)ର ଗହନତା, ପ୍ରଜାତିଗୁଡ଼ିକର ବିବିଧକରଣ ଏବଂ ମଧୁରଜଳ ପ୍ରଜାତିର ମୂଲ୍ୟ-ଯୁକ୍ତ କାର୍ଯ୍ୟକଳାପଗୁଡ଼ିକୁ ପ୍ରୋତ୍ସାହନ ଦେବା

ଅସ୍ତରଙ୍ଗ, ଚୁଡ଼ାମଣି, ଗୋପାଳପୁର ଏବଂ ବାହାବଳପୁରରେ ମାଛଧରା ବନ୍ଦର ପ୍ରତିଷ୍ଠା କରି ଅବତରଣ କେନ୍ଦ୍ରର ବିକାଶ ସହ ଆଧୁନିକୀକରଣ କରିବା



# ଭିଜନ ଓ ସଫଳତା


**ଭିଜନ ୨୦୪୭**

କୃଷି ଜିଏସଡିପିରେ ଯୋଗଦାନ କରି ମତ୍ସ୍ୟଚାଷ ଏବଂ ଜଳଜ ଚାଷ କ୍ଷେତ୍ରକୁ ଏହାର ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ କରିବା ପାଇଁ ଓଡ଼ିଶା ନିମ୍ନ ସୂଚିତ ଲକ୍ଷ୍ୟ ଧାର୍ଯ୍ୟ କରିଛି

**ଶ୍ରେଷ୍ଠ ୨**
ଚିଙ୍ଗୁଡ଼ି ଉତ୍ପାଦନ ଓ ରପ୍ତାନିରେ ଶ୍ରେଷ୍ଠ ୨ ରାଜ୍ୟ ମଧ୍ୟରେ ସ୍ଥାନ ପାଇବା

**ଶ୍ରେଷ୍ଠ ୩**
ମଧୁରଜଳ ସାମୁଦ୍ରିକ ଖାଦ୍ୟ ପ୍ରଜାତିର ଉତ୍ପାଦନ ଓ ରପ୍ତାନି ପାଇଁ ଶ୍ରେଷ୍ଠ ୩ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା

**ଶ୍ରେଷ୍ଠ ୩**
ସାମୁଦ୍ରିକ ମାଛ ଧରିବାରେ ଶୀର୍ଷ ୩ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ମତ୍ସ୍ୟ ଓ ଜଳଜୀବ ଉତ୍ପାଦନ | ଏମଏମଟିପିଏ | ୧.୧୨ | ୨.୨୦ | ୩.୩୦ | ୫.୧୦ |
| ମଧୁରଜଳ ମତ୍ସ୍ୟ ଉତ୍ପାଦନ | ଏମଏମଟିପିଏ | ୦.୭୩ | ୧.୩୫ | ୧.୯୫ | ୩.୧୦ |
| ଅଳ୍ପ ଲୁଣି ଜଳ ଚିଙ୍ଗୁଡ଼ି ଉତ୍ପାଦନ | ଏମଏମଟିପିଏ | ୦.୧୬ | ୦.୫୦ | ୦.୯୦ | ୧.୪ |
| ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ | ଏମଏମଟିପିଏ | ୦.୨୨ | ୦.୩୫ | ୦.୪୫ | ୦.୬୦ |
| ବାର୍ଷିକ ଚିଙ୍ଗୁଡ଼ି ରପ୍ତାନି | ଭାରତୀୟ ମୁଦ୍ରା କୋଟିରେ | ୪ | ୧୦ | ୨୫ | ୩୫ |
| ଚିଙ୍ଗୁଡ଼ି ହାଚେରୀ | ସଂଖ୍ୟା | ୨୮ | ୪୮ | ୭୮ | ୧୨୮ |
| ଗଭୀର ସମୁଦ୍ର ମାଛଧରା ବନ୍ଦର | ସଂଖ୍ୟା | - | ୧ | ୨ | ୨ |
| ମାଛଧରା ବନ୍ଦର ଏବଂ ଅବତରଣ କେନ୍ଦ୍ର | ସଂଖ୍ୟା | ୨୮ | ୪୨ | ୭୩ | ୧୦୭ |
| ସାମୁଦ୍ରିକ ଖାଦ୍ୟ ରପ୍ତାନି କ୍ଷମତା ଥିବା ବନ୍ଦର | ସଂଖ୍ୟା | - | ୧ | ୨ | ୩ |
| ସାମୁଦ୍ରିକ ଖାଦ୍ୟ ପାର୍କ | ସଂଖ୍ୟା | ୧ | ୨ | ୫ | ୧୦ |



# ଏକ ସୁଦୃଢ଼ ଓଡ଼ିଶା ପାଇଁ ଜଳ ସୁରକ୍ଷା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- ପାନୀୟ ଜଳ, ଜଳସେଚନ, ଜଳବିଦ୍ୟୁତ, ସବୁଜ ଉଦ୍‌ଜାନ, ମତ୍ସ୍ୟଚାଷ, ପର୍ଯ୍ୟଟନ, ଭାସମାନ ସୌର, ପମ୍ପ୍‌ଡ୍ ଷ୍ଟୋରେଜ୍ ପ୍ରକଳ୍ପ ଏବଂ ଯୋଗାଯୋଗ ପାଇଁ ଜଳପଥର ବୃଦ୍ଧି ପାଉଥିବା ଚାହିଦା ପୂରଣ ଲାଗି ଜଳ ସୁରକ୍ଷା ସୁନିଶ୍ଚିତ କରିବା
- ଓଡ଼ିଶାର କୃଷି ଅର୍ଥବ୍ୟବସ୍ଥାର ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ଉନ୍ମୁକ୍ତ କରି ସମସ୍ତ ସମ୍ଭାବ୍ୟ ଚାଷ ଯୋଗ୍ୟ ଅଞ୍ଚଳରେ ୯୦ ପ୍ରତିଶତରୁ ଅଧିକ ଜଳସେଚନ ସୁବିଧା ହାସଲ କରିବା
- ଦୀର୍ଘସ୍ଥାୟୀ ଏବଂ ଦକ୍ଷ ଜଳ ଉପଯୋଗ ମାଧ୍ୟମରେ ୨୦୩୬ ସୁଦ୍ଧା ଫସଲର ସଘନତାକୁ ୧୬୦% ରୁ ୨୨୦% ଏବଂ ୨୦୪୭ ସୁଦ୍ଧା ୨୫୦% କୁ ବୃଦ୍ଧି କରିବା
- ବାତ୍ୟା-ପ୍ରତିରୋଧୀ ଏବଂ ଅନୁକୂଳ ଜଳ ଭିତ୍ତିଭୂମି ଦ୍ୱାରା ସମର୍ଥିତ ପ୍ରାୟତଃ ୧୦୦% ବନ୍ୟା ଏବଂ ମରୁଡ଼ି ସ୍ଥିତିସ୍ଥାପକତା ପ୍ରତିଷ୍ଠା କରିବା
- ସମନ୍ୱିତ, ପ୍ରଯୁକ୍ତିବିଦ୍ୟା ପରିଚାଳିତ ଏବଂ ଜଳବାୟୁ-ସ୍ମାର୍ଟ ଜଳ ସମ୍ପଦ ପରିଚାଳନାରେ ଓଡ଼ିଶାକୁ ଅଗ୍ରଣୀ ସ୍ଥାନରେ ରଖିବା
- ଦୀର୍ଘକାଳୀନ ପରିବେଶଗତ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ସହିତ ଉଭୟ ଜଳର ଗୁଣବତ୍ତା ଏବଂ ଦୀର୍ଘସ୍ଥାୟୀ ପ୍ରବାହ ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ନଦୀ ପ୍ରଣାଳୀର ପୁନରୁଦ୍ଧାର କରିବା

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

- **ଜଳସେଚନ ଭିତ୍ତିଭୂମିର ସମ୍ପ୍ରସାରଣ**
  - ଜାରି ରହିଥିବା ସମସ୍ତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରି ଏବଂ ନୂତନ ପ୍ରକଳ୍ପ ଆରମ୍ଭ କରି ନୂତନ ଜଳ ସମ୍ବଳ ସୃଷ୍ଟି କରିବା
  - କେନାଲ ନେଟ୍‌ୱାର୍କ ଏବଂ ସମସ୍ତ ବର୍ଗର ଜଳସେଚନ ପ୍ରକଳ୍ପ ସମେତ ବର୍ତ୍ତମାନର ଜଳସେଚନ ଭିତ୍ତିଭୂମିକୁ ଅନୁକୂଳ ଏବଂ ଆଧୁନିକୀକରଣ କରିବା
- **ଜଳ ଧାରଣ ଏବଂ ସଂରକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା**
  - ଦୀର୍ଘମିଆଦୀ ଜଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ ଜଳ ଧାରଣ କ୍ଷମତା ସମ୍ପନ୍ନ ଜଳଭଣ୍ଡାର ନିର୍ମାଣ, ନଦୀସ୍ରୋତ ମଧ୍ୟବର୍ତ୍ତୀ ଜଳଭଣ୍ଡାର ନିର୍ମାଣ (ଆଇଏସଏସ୍) ଏବଂ ଚେକ୍ ଡ୍ୟାମ୍ ନିର୍ମାଣ କରିବା
  - ମୁଖ୍ୟ ଭୂମିକା ନିର୍ବାହ କରିବା ପାଇଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ/ଜଳାଶୟଗୁଡ଼ିକୁ ନିର୍ମାଣ କରାଯିବ
  - ରାଜ୍ୟ ଭିତରେ ନଦୀଗୁଡ଼ିକର ସଂଯୋଗୀକରଣ
  - ଭୂତଳ ଜଳ ପୁନଃଭରଣା ବୃଦ୍ଧି କରିବା ସହ ଜଳ ଉପଲବ୍ଧ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ଲାଗି ଜଳବିଭାଜିକା ପରିଚାଳନାକୁ ପ୍ରୋତ୍ସାହନ ଦେବା
- **ଜଳ ବ୍ୟବହାର ଦକ୍ଷତାକୁ ପ୍ରୋତ୍ସାହନ ଦେବା**
  - କେନାଲ ଜଳସେଚନ ଦକ୍ଷତାରେ ଜଳ ଦକ୍ଷତାକୁ ୨୦% ପର୍ଯ୍ୟନ୍ତ ବୃଦ୍ଧି କରିବା
  - ସୃଷ୍ଟି ହୋଇଥିବା ସମସ୍ତ ଜଳସେଚନ ସମ୍ଭାବନାର ଉପଯୋଗ ସୁନିଶ୍ଚିତ କରିବା
  - ଜଳ ବ୍ୟବହାରକୁ ଅନୁକୂଳ କରିବା ପାଇଁ ବୁନ୍ଦା ଏବଂ ସିଞ୍ଚନ ପ୍ରଣାଳୀ ଭଳି ସୂକ୍ଷ୍ମ ଜଳସେଚନ କୌଶଳର ବ୍ୟାପକ ଉପଯୋଗକୁ ପ୍ରୋତ୍ସାହିତ କରିବା

- **ଡିଜିଟାଲ ଏବଂ ସ୍ମାର୍ଟ ଜଳ ପରିଚାଳନା ସମସ୍ୟା ସମାଧାନର ଲାଭ ଉଠାଇବା**
  - ସମନ୍ୱିତ ଜଳ ସମ୍ପଦ ପରିଚାଳନା ପାଇଁ ବାସ୍ତବ-ସମୟ ନିରୀକ୍ଷଣ ଏବଂ ଡିଜିଟାଲ ଜ୍ଞାନକୌଶଳ କାର୍ଯ୍ୟକାରୀ କରିବା
  - ଜଳ ସମ୍ବଳର ଉତ୍ତରଦାୟିତ୍ୱ ଏବଂ ଦକ୍ଷ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ସ୍ମାର୍ଟ ଜଳ ମିଟରିଂ ବ୍ୟବସ୍ଥା କରିବା
- **ପ୍ରଶାସନ ଏବଂ ନୀତିଗତ ଢାଞ୍ଚାକୁ ସୁଦୃଢ଼ କରିବା**
  - ଜଳ ଆବଣ୍ଟନ ଏବଂ ମୂଲ୍ୟ ନିର୍ଦ୍ଧାରଣକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ଜଳ ସମ୍ପଦ ନିୟାମକ ପ୍ରାଧିକରଣ ପ୍ରତିଷ୍ଠା କରି ସଂସ୍ଥାଗତ କ୍ଷମତାକୁ ସୁଦୃଢ଼ କରିବା
  - ବିଭିନ୍ନ କ୍ଷେତ୍ର, ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ପାଇଁ ସୁଦୃଢ଼ ଜଳ ପ୍ରଶାସନ ନୀତି ବିକଶିତ ଏବଂ କାର୍ଯ୍ୟକାରୀ କରିବା

## ଭିଜନ ଓ ସଫଳତା

**ଭିଜନ ୨୦୪୭**

ଓଡ଼ିଶା ଜଳବାୟୁ ସହନଶୀଳତା ଏବଂ ଆର୍ଥିକ ଅଭିବୃଦ୍ଧି ବଢ଼ାଇବା ସହିତ ସମସ୍ତ କ୍ଷେତ୍ର ଓ ସମସ୍ତଙ୍କ ପାଇଁ ଜଳ ଉପଲବ୍ଧ ହେବା ସୁନିଶ୍ଚିତ କରିବାରେ ଦୀର୍ଘସ୍ଥାୟୀ ଏବଂ ଜ୍ଞାନ କୌଶଳ ପରିଚାଳିତ ଜଳ ସମ୍ପଦ ପରିଚାଳନାରେ ଜାତୀୟସ୍ତରରେ ଅଗ୍ରଣୀ ହେବାକୁ ଲକ୍ଷ୍ୟ ସ୍ଥିର କରିବା



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ଜଳସେଚନର ପ୍ରସାର (ପ୍ରାସଙ୍ଗିକ କ୍ଷେତ୍ର ପାଇଁ) | % | ୫୫% | ୬୫% | ୮୦% | ୯୦% |
| ଭଣ୍ଡାରଣ କ୍ଷମତା (ବର୍ତ୍ତମାନର ସ୍ତର ଠାରୁ ଅଧିକ) | ବିସିଏମ୍ | ୨୩.୬୦ | ୨୪.୬୦ | ୨୫.୬୦ | ୨୭.୬୦ |
| କ୍ଷୁଦ୍ର ଜଳସେଚନ ପ୍ରସାର | % | ୨% | ୫% | ୧୦% | ୧୫% |
| କେନାଲ ଜଳ ବ୍ୟବହାର ଉପାଦେୟତା | % | [୪୦% | ୪୫% | ୫୦% | ୬୦% |
| ଭୂତଳ ଜଳ ଭଣ୍ଡାରଣ (ବର୍ତ୍ତମାନର ସ୍ତରଠାରୁ ଅଧିକ) | ବିସିଏମ୍ | ୧୭.୪୬ | ୧୭.୭୧ | ୧୮.୦୧ | ୧୮.୪୬ |



# ଗ୍ରାମୀଣ ନବଜାଗରଣ

ସହଜ ଜୀବନଧାରଣରେ ଉନ୍ନତି ଆଣିବା ଏବଂ ଅଣ-କୃଷି ନିଯୁକ୍ତି ସୃଷ୍ଟି କରିବା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତାର ପରିକଳ୍ପନା କରିଛି

- ଗ୍ରାମ ପଞ୍ଚାୟତରେ ଶୂନ ଦାରିଦ୍ର୍ୟ ସ୍ଥିତି ହାସଲ କରିବା
- ୨୦୩୬ ମସିହା ସୁଦ୍ଧା ଅର୍ଦ୍ଧ ସହରାଞ୍ଚଳରେ ଏବଂ ୨୦୪୭ ମସିହା ସୁଦ୍ଧା ଗ୍ରାମାଞ୍ଚଳରେ ଶକ୍ତି ଏବଂ ଜଳ ଯୋଗାଣ ସମେତ ମୌଳିକ ସୁବିଧାଗୁଡ଼ିକର ୧୦୦% ପରିପୂର୍ଣ୍ଣତା ସୁନିଶ୍ଚିତ କରିବା
- ୨୦୪୭ ସୁଦ୍ଧା ଲେନ୍-ଓସାର ଲକ୍ଷ୍ୟ ପୂରଣ ସହିତ ସଡ଼କ ଏବଂ ସେତୁ ମାଧ୍ୟମରେ ୧୦୦% ସଂଯୋଗକୁ ସକ୍ଷମ କରିବା
- ଗ୍ରାମାଞ୍ଚଳରେ କୃଷି ବ୍ୟତୀତ ଅନ୍ୟାନ୍ୟ ନିଯୁକ୍ତି ଦ୍ୱିଗୁଣିତ କରିବା, ନିଯୁକ୍ତି ସୁଯୋଗ ଅଭାବରୁ କେହି ଦୁର୍ଦ୍ଦଶାଗ୍ରସ୍ତ ହୋଇ ଅନ୍ୟତ୍ର ସ୍ଥାନାନ୍ତରିତ ନ ହେବା ସୁନିଶ୍ଚିତ କରିବା

## ସଫଳତା ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଓଡ଼ିଶାର ସମସ୍ତ ୫୦,୦୦୦ରୁ ଅଧିକ ଗ୍ରାମକୁ ମୌଳିକ ସୁବିଧା ଏବଂ ଗୋଷ୍ଠୀ ସ୍ଥାନ ଯୋଗାଇ ଏକ "ଆଦର୍ଶ ଗ୍ରାମ ଅଭିଯାନ' ଆରମ୍ଭ କରିବା

ଅଣକୃଷି କ୍ଷେତ୍ରରେ ନିଯୁକ୍ତିକୁ ଦ୍ୱିଗୁଣିତ କରିବା ପାଇଁ ଏକ ଗ୍ରାମୀଣ ଅଣକୃଷି ନିଯୁକ୍ତି ବୃଦ୍ଧି କାର୍ଯ୍ୟକ୍ରମ ଯୋଜନା ପ୍ରସ୍ତୁତ କରିବା ତଥା କାର୍ଯ୍ୟକାରୀ କରିବା

ରାଜ୍ୟ ସଡ଼କ କ୍ଷେତ୍ର ନୀତି ଅନୁଯାୟୀ ସଡ଼କର ଗଠନ, ପ୍ରସ୍ଥ ଏବଂ ମୌଳିକ ଗୁଣବତ୍ତା ମାନଦଣ୍ଡ ରଖି ୧୦୦% ଗ୍ରାମୀଣ ସଡ଼କ ସଂଯୋଗୀକରଣ ସୁନିଶ୍ଚିତ କରିବା


ଅବହେଳିତ ସମ୍ପ୍ରଦାୟର ଉପଯୁକ୍ତ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ସହିତ ପରିଚାଳନା ତାଲିମ ଏବଂ ଉନ୍ନତ ପ୍ରଶାସନିକ କ୍ଷମତା ସମେତ ଗ୍ରାମ ପଞ୍ଚାୟତ ଏବଂ ଅନ୍ୟାନ୍ୟ ଗୋଷ୍ଠୀ ଭିତ୍ତିକ ସଂଗଠନ (ସିବିଓ) ପାଇଁ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା



## ଭିଜନ ଓ ସଫଳତା

**ଭିଜନ ୨୦୪୭**

ସହରାଞ୍ଚଳ ସ୍ତରୀୟ ସମୃଦ୍ଧି ହାସଲ କରିବା ଏବଂ ଆଧୁନିକ ଭିତ୍ତିଭୂମି ଓ ବିବିଧ ଜୀବିକା ସୁଯୋଗ ସହିତ ସ୍ୱୟଂଶାସିତ ଜନ ସମୁଦାୟ ସୁନିଶ୍ଚିତ କରିବା ପାଇଁ ଓଡ଼ିଶାର ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସଶକ୍ତ କରିବା




[୧] ଗୋଷ୍ଠୀଭିତ୍ତିକ ଅନୁଷ୍ଠାନ

## ଭିଜନ ଓ ସଫଳତା

| ବର୍ଗ | ପ୍ରମୁଖ ସଫଳତା | ଏକକ | ଏଇ ବର୍ଷ ସୁଦ୍ଧା | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|---|
| ଭିତ୍ତିଭୂମି | ବିଦ୍ୟୁତ ଯୋଗାଣ | ଦୈନିକ ଘଣ୍ଟା ସଂଖ୍ୟାରେ | ୨୩.୪ | ୨୩.୮ | ୨୪ | ୨୪ |
| | ଜଳ ଯୋଗାଣ | ଦୈନିକ ଘଣ୍ଟା ସଂଖ୍ୟାରେ | ୪ | ୬ | ୧୨ | ୨୪ |
| | ପାଇପ୍ ଯୋଗେ ପାନୀୟ ଜଳ ସଂଯୋଗର ଉପଲବ୍ଧ | ପରିବାର % | ୫୮% | ୧୦୦% | ୧୦୦% | ୧୦୦% |
| | ପକ୍କା ଘରେ ରହୁଥିବା ଲୋକ[୧] | ପରିବାର % | ୭୯% | ୧୦୦% | ୧୦୦% | ୧୦୦% |
| | ବ୍ୟକ୍ତିଗତ ପାରିବାରିକ ଶୌଚାଳୟ (ଆଇଏଚଏଚଏଲ)ର ସୁବିଧା | ପରିବାର % | ୯୭% | ୧୦୦% | ୧୦୦% | ୧୦୦% |
| | ପକ୍କା ସଡ଼କ ଦ୍ୱାରା ସଂଯୋଗ[୨] | ଗ୍ରାମର % | ୮୫% | ୮୭% | ୯୦% | ୧୦୦% |
| | ଇନ୍ଧନର ପ୍ରାଥମିକ ଉତ୍ସ ରୂପେ ସ୍ୱଚ୍ଛ ଇନ୍ଧନର ବ୍ୟବହାର[୪] | ପରିବାର % | ୩୭% | >୭୫% | >୮୫% | >୯୯% |
| ଆର୍ଥିକ ସୁଯୋଗ ଏବଂ ଜୀବନଧାରଣର ମାନ | ନୂତନ ଅଣ-କୃଷି ନିଯୁକ୍ତି | ସର୍ବମୋଟ୍, ଲକ୍ଷରେ | - | ୧୦ | ୨୫ | ୫୫ |
| | ଗ୍ରାମାଞ୍ଚଳରେ ବହୁମୁଖୀ ଦାରିଦ୍ର୍ୟ[୬] | ସୂଚୀ | ୦.୧୫ | <୦.୧୨ | <୦.୧ | <୦.୦୬ |
| | ୫ କିଲୋମିଟର ଦୂରତାରେ ବ୍ୟାଙ୍କ ସୁବିଧାର ଉପଲବ୍ଧତା | ଗ୍ରାମର % | ୫୦% | ୧୦୦% | ୧୦୦% | ୧୦୦% |
| | ଗ୍ରାମାଞ୍ଚଳରେ କାର୍ ମାଲିକାନା[୭] | ପରିବାର % | ୨.୭% (ସମ୍ପୂର୍ଣ୍ଣ ରାଜ୍ୟ ପାଇଁ) | ୮% | ୨୦% | ୫୦% |
| | ଗ୍ରାମୀଣ ଟେଲି- ଯୋଗାଯୋଗ ଘନତ୍ୱ[୯] | % | ୬୧% | ୯୦% | >୧୦୦% | >୧୨୦% |
| | ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ଉପଭୋକ୍ତା[୮] | % | ୩୯.୫ | ୫୦% | ୧୦୦% | ୧୦୦% |
| | ଗ୍ରାମାଞ୍ଚଳରେ ହାରାହାରି ମୁଣ୍ଡପିଛା ପାନୀୟ ଜଳ ଉପଲବ୍ଧ | ଦୈନିକ ଲିଟର୍ | ୭୦ | ୮୦ | ୧୦୦ | >୧୨୦ |
| | ପ୍ରତି ପରିବାର ପାଇଁ ହାରାହାରି ପାନୀୟ ଜଳ ଟ୍ୟାପର ସଂଖ୍ୟା | # | ୧ | >୧ | ୨ | ୩ |
| | ନଳ ଯୋଗେ ପାଣି ପାଉଥିବା ଗ୍ରାମୀଣ ପରିବାର | % | ୭୬% | ୧୦୦% | ୧୦୦% | ୧୦୦% |

[୧] ପଞ୍ଜାବ (୯୬%); [୨] ପଞ୍ଜାବ (୯୮%); [୩] ରାଜସ୍ଥାନ (୯୨%); [୪] ତେଲଙ୍ଗାନା (୯୬%), କର୍ଣ୍ଣାଟକ (୮୭%); [୫] କେରଳ (୯୯%), ତେଲଙ୍ଗାନା (୭୩%)
[୬] କେରଳ (୦.୩%), ତାମିଲନାଡୁ (୦.୧%); [୭] ପଞ୍ଜାବ (୨୬%); [୮] କେରଳ (୫୮%), ପଞ୍ଜାବ (୪୯%); [୯] ଓଡ଼ିଶା ସହରାଞ୍ଚଳ (୧୩୯%), ଭାରତର ମୋଟ (୮୫%), ଭାରତର ସହରାଞ୍ଚଳ (୧୩୪%)



VISION DOCUMENT
2036 | 2047

# ସମସ୍ତଙ୍କର ସମୃଦ୍ଧି

ଏହି ସ୍ତମ୍ଭ ଓଡ଼ିଶାର ଅର୍ଥନୈତିକ ଲକ୍ଷ୍ୟ - ୨୦୪୭ ସୁଦ୍ଧା ୧.୫ ଲକ୍ଷ କୋଟି ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥାରେ ପରିଣତ ହେବା ଉପରେ ଆଲୋକପାତ କରିଥାଏ । ଏହା ନିଯୁକ୍ତି ସୃଷ୍ଟି, ମୂଲ୍ୟ ବୃଦ୍ଧି, ସହରାଞ୍ଚଳ ସମ୍ପ୍ରସାରଣ ଏବଂ ସମାବେଶୀ ଶିଳ୍ପ ଅଭିବୃଦ୍ଧି ଉପରେ କେନ୍ଦ୍ରିତ ଭିତ୍ତିଭୂମି ଆଧୁନିକୀକରଣ ଏବଂ ଲକ୍ଷ୍ୟଭିତ୍ତିକ ସଂସ୍କାର ମାଧ୍ୟମରେ, ଏହା ପ୍ରତ୍ୟେକ ପରିବାର ପାଇଁ ଦୀର୍ଘକାଳୀନ ସମୃଦ୍ଧିକୁ ଉନ୍ମୁକ୍ତ କରିବା ଲକ୍ଷ୍ୟ ରଖିଛି ।

ଏହି ସ୍ତମ୍ଭ ଅଧୀନରେ ଥିବା ଅଧ୍ୟାୟଗୁଡ଼ିକରେ ଅନ୍ତର୍ଭୁକ୍ତ ରହିଛି:

- **ଶିଳ୍ପାନୁଷ୍ଠାନ:** ଆର୍ଥିକ ସମ୍ପ୍ରସାରଣ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହନ
- **ଖଣିଜ ସମ୍ପଦର ଉପଯୋଗ:** ଦୀର୍ଘସ୍ଥାୟୀ ଖଣି ଖନନ ଓ ଧାତବ କ୍ଷେତ୍ରରେ ଅଗ୍ରଣୀ ହେବା
- **ଆବଶ୍ୟକ ଆନୁଷଙ୍ଗିକ ସାମଗ୍ରୀ, ଭିତ୍ତିଭୂମି ଏବଂ ଯୋଗାଯୋଗ:** ବାଧାମୁକ୍ତ, କ୍ଷେତ୍ରୀୟ ସଂଯୋଜନକୁ ସକ୍ଷମ କରିବା
- ସହରୀକରଣ ହେଉଛି ବିକାଶର ଏକ ଇଞ୍ଜିନ୍
- **ଶକ୍ତି ଓ ଦୀର୍ଘସ୍ଥାୟିତ୍ୱ:** ଭାରତର ଶକ୍ତି ଭବିଷ୍ୟତକୁ ସଶକ୍ତ କରିବା
- **ସେବା କ୍ଷେତ୍ରର ସମ୍ପ୍ରସାରଣ:** ନିଯୁକ୍ତି ଅଭିବୃଦ୍ଧିକୁ ଆଗେଇ ନେବା
- **ଷ୍ଟାର୍ଟଅପ୍ ଓଡ଼ିଶା:** ନୂତନ ଚିନ୍ତାଧାରାର ପ୍ରୟୋଗଶାଳା



# ଶିଳ୍ପାନୁଷ୍ଠାନ

ଆର୍ଥିକ ସମ୍ପ୍ରସାରଣ ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତାର ପରିକଳ୍ପନା କରିଛି

- ୨୦୪୭ ସୁଦ୍ଧା ଅତି କମରେ ଦୁଇଟି ପ୍ରମୁଖ ସବୁଜ ଶିଳ୍ପକେନ୍ଦ୍ର ସହିତ ଜିଏସଡିଏ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ପାଞ୍ଚଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା
- ୨୦୪୭ ମସିହା ସୁଦ୍ଧା ଏମଏସଏମଇଗୁଡ଼ିକର ଯୋଗଦାନ ସମେତ ଭାରତର ରପ୍ତାନୀରେ ୭.୫ ପ୍ରତିଶତ ଅଂଶଧନ ହାସଲ କରିବା, ୨୦୩୬ ମସିହା ସୁଦ୍ଧା ୫ ପ୍ରତିଶତ (ସମ୍ପ୍ରତି ୩ ପ୍ରତିଶତ) ର ଅନ୍ତରୀଣ ଲକ୍ଷ୍ୟ ହାସଲ କରିବା
- ଆଗାମୀ ୧୫ ରୁ ୨୦ ବର୍ଷ ମଧ୍ୟରେ ୩୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ଆକର୍ଷିତ କରିବା, ଶ୍ରମିକ କଲ୍ୟାଣ ମାନଦଣ୍ଡର ଠିକ୍‌ଭାବେ ଅନୁପାଳନ ସୁନିଶ୍ଚିତ କରିବା ସହିତ ଉତ୍ପାଦନ କ୍ଷେତ୍ରରେ ନିଯୁକ୍ତି ଦ୍ୱିଗୁଣିତ କରିବା
- ୨୦୩୬ ସୁଦ୍ଧା ବ୍ୟବସାୟ ପାଇଁ ଅନୁକୂଳ ରାଜ୍ୟ ଭାବରେ ବର୍ତ୍ତମାନର ଷଷ୍ଠ ସ୍ଥାନରୁ ଉନ୍ନିତ ହୋଇ ଶୀର୍ଷ ତିନୋଟି ରାଜ୍ୟ ମଧ୍ୟରେ ସ୍ଥାନିତ ହେବା
- ପ୍ରତି ବର୍ଷ ରାଜ୍ୟ ଭିତରେ ୨ରୁ ୨.୫ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ରଖି ବୟନ ଏବଂ ପୋଷାକ ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଏମଏସଏମଇ ଭଳି ଅଧିକ ନିଯୁକ୍ତି-ଆବଶ୍ୟକ ହେଉଥିବା କ୍ଷେତ୍ରକୁ ଆକର୍ଷିତ କରିବା ଉପରେ ଧ୍ୟାନ ଦେବା

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

### ଏକ 'ଉତ୍ପାଦନ ମିଶନ' ସ୍ଥାପନ

ଓଡ଼ିଶାର ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଦିଆଯାଉଥିବା କ୍ଷେତ୍ର ଭିତ୍ତିରେ ୧,୦୦୦ରୁ ୩୦୦୦ ହେକ୍ଟର ପର୍ଯ୍ୟନ୍ତ ସ୍ଥାନରେ ଶିଳ୍ପ ମେଗା ପାର୍କର ବିକାଶ। ଏସବୁ ପାର୍କରେ ଅନ୍ତର୍ଭୁକ୍ତ ହେବ:

- ଦ୍ରୁତ ଶିଳ୍ପ ସ୍ଥାପନ ନିମନ୍ତେ କାର୍ଯ୍ୟ ପାଇଁ ପ୍ରସ୍ତୁତ ଭିତ୍ତିଭୂମି
- ପରିଚାଳନା ଦକ୍ଷତାରେ ଉନ୍ନତି ଆଣିବା ପାଇଁ ସହଭାଗୀ ବ୍ୟାବସାୟିକ ବିକାଶ ସେବା
- ଏକ ସମୃଦ୍ଧ କାର୍ଯ୍ୟବଳକୁ ସହାୟତା କରିବା ପାଇଁ ଶ୍ରମିକ ଆବାସ, ଉପକରଣ କୋଠରୀ ଏବଂ ଅନ୍ୟାନ୍ୟ ସୁବିଧା
- ବ୍ୟାପକ ଶିଳ୍ପ ବିକାଶରେ ସହାୟତା ପାଇଁ ଅବାଧରେ ଜମି ଅଧିଗ୍ରହଣ ପାଇଁ ସହାୟତା

### ଏମଏସଏମଇ ଇକୋସିଷ୍ଟମକୁ ସୁଦୃଢ଼ କରିବା

ଓଡ଼ିଶା ଏକ ସୁଦୃଢ଼ ଏମଏସଏମଇ ଆଧାର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି ଯାହା ବୃହତ ଶିଳ୍ପ ଏବଂ ରପ୍ତାନୀକୁ ସମର୍ଥନ କରିବ। ଏଥିପାଇଁ ରାଜ୍ୟ:

- ସ୍ଥାନୀୟ ଯୋଗାଣ ଶୃଙ୍ଖଳକୁ ପ୍ରୋତ୍ସାହିତ କରିବା ଲାଗି ବୃହତ ଶିଳ୍ପଗୁଡ଼ିକ ଦ୍ୱାରା ରାଜ୍ୟ ଭିତରେ କ୍ରୟ ପାଇଁ ପାରିତୋଷିକ ପ୍ରଦାନ କରିବ
- ଏମଏସଏମଇଗୁଡ଼ିକର କାର୍ଯ୍ୟ କରିବା ପାଇଁ ପୁଞ୍ଜିର ଆବଶ୍ୟକତାକୁ ପୂରଣ କରିବା ପାଇଁ ଯୋଗାଣ ଶୃଙ୍ଖଳ ଆର୍ଥିକ ସହାୟତା ଯୋଜନାର ସମ୍ପ୍ରସାରଣ କରିବ
- ଏମଏସଏମଇଗୁଡ଼ିକର ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାରେ ଉନ୍ନତି ଆଣିବା ପାଇଁ ରପ୍ତାନୀ ସହାୟତା କାର୍ଯ୍ୟକ୍ରମ ଆରମ୍ଭ କରିବ
- ଶିଳ୍ପ ପୁଞ୍ଜଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରାସଙ୍ଗିକ କ୍ଷେତ୍ରଗୁଡ଼ିକ ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏମଏସଏମଇ ପୁଞ୍ଜମାନ ପ୍ରତିଷ୍ଠା କରିବା, ରପ୍ତାନୀ ଅଭିମୁଖ୍ୟ ପାଇଁ ବିଶ୍ୱ ଯୋଗାଣ ଶୃଙ୍ଖଳ ସହିତ ସଂଯୋଗରେ ସହାୟତା
- ବିଶ୍ୱସ୍ତରୀୟ ମାନ ସୁନିଶ୍ଚିତ କରିବା ପାଇଁ ଏମଏସଏମଇ ଉତ୍ପାଦଗୁଡ଼ିକର ଗୁଣବତ୍ତା ଉନ୍ନତିକରଣ ଏବଂ ପ୍ରମାଣୀକରଣ ଲାଗି ସରକାରୀ ସୁବିଧା ପ୍ରଦାନ କରିବ

■ "ବ୍ୟବସାୟ ପାଇଁ ଅନୁକୂଳ'କୁ (ଇଓଡିବି) ବଢ଼ାଇବା

ମାନନୀୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ମନ୍ତ୍ରୀ ଗୋଷ୍ଠୀ (ଜିଓଏମ) ଗଠନ କରିବା ଜରିଆରେ ବ୍ୟବସାୟ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଲାଗି ଓଡ଼ିଶା ଅଙ୍ଗୀକାରବଦ୍ଧ । ଏହା ନିମ୍ନୋକ୍ତ ସୁବିଧା ପ୍ରଦାନ କରିବ:

- ତ୍ୱରିତ ଅନୁମୋଦନ ପାଇଁ ନିୟାମକ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା
- ବ୍ୟବସାୟଗୁଡ଼ିକ ଉପରେ ପ୍ରାଶାସନିକ ବୋଝ ହ୍ରାସ କରିବା ପାଇଁ ଅନୁପାଳନ ଆବଶ୍ୟକତାକୁ ସରଳ କରିବା
- ବ୍ୟବସାୟ ପାଇଁ ଅନୁକୂଳ (ଇଓଡିବି) ମାନ୍ୟତାରେ ନିରନ୍ତର ଉନ୍ନତି ସୁନିଶ୍ଚିତ କରିବା

■ ଶ୍ରମଶକ୍ତିର କୌଶଳକୁ ଉନ୍ନତ କରିବା ଏବଂ ଶ୍ରମିକ କଲ୍ୟାଣକୁ ପ୍ରାଥମିକତା ଦେବା

ରାଜ୍ୟ ୩୦ ଲକ୍ଷରୁ ଅଧିକ ଶ୍ରମିକଙ୍କ ସହାୟତା ଲାଗି ଲକ୍ଷ୍ୟବଦ୍ଧ ପ୍ରୟାସମାନ କାର୍ଯ୍ୟକାରୀ କରିବ:

- ଅତ୍ୟାଧୁନିକ ଉତ୍ପାଦନ ଜ୍ଞାନକୌଶଳ ଏବଂ ପ୍ରାଥମିକତା ଓ ଗୁରୁତ୍ୱ ଦିଆଯାଉଥିବା କ୍ଷେତ୍ରଗୁଡ଼ିକରେ ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ଷମ ପ୍ରଦାନ କରିବା
- ଶ୍ରମିକ କଲ୍ୟାଣ ଯୋଜନାର ଦୃଢ଼ୀକରଣ ଯେପରିକି କାର୍ଯ୍ୟସ୍ଥଳୀରେ ନିରାପତ୍ତା, ଯଥାର୍ଥ/ବୈଧାନିକ ପାରିଶ୍ରମିକ, ସାମାଜିକ ସୁରକ୍ଷା ଏବଂ କାର୍ଯ୍ୟକ୍ଷେତ୍ରରେ ସନ୍ତୋଷ ସୁନିଶ୍ଚିତ କରିବା ।

■ ସୁଦୃଢ଼ ପ୍ରାଶାସନିକ ବ୍ୟବସ୍ଥା ସୃଷ୍ଟି କରିବା

ଶିଳ୍ପ ବିକାଶ ଉପରେ ନଜର ରଖିବା ପାଇଁ ଓଡ଼ିଶା ପ୍ରଭାବଶାଳୀ ପ୍ରାଶାସନିକ ଢାଞ୍ଚା ପ୍ରସ୍ତୁତ କରିବ । ଏଥିରେ ରହିବ:


- ଶିଳ୍ପ ପ୍ରକଳ୍ପ ଉପରେ ନଜର ରଖିବା ଏବଂ ସମୟୋଚିତ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଏକ ସମ୍ପୂର୍ଣ୍ଣ ନିୟୋଜିତ ପ୍ରକଳ୍ପ ପରିଚାଳନା କାର୍ଯ୍ୟାଳୟ ବ୍ୟବସ୍ଥା ସୃଷ୍ଟି କରିବା
- ଘରୋଇ ଏବଂ ଅନ୍ତର୍ଜାତୀୟ ନିବେଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ପ୍ରସ୍ତୁତ କରିବା



## ଭିଜନ ଓ ସଫଳତା

**ଭିଜନ ୨୦୪୭**

ଭାରତର ଅଗ୍ରଣୀ ସ୍ୱୟଂ ସମ୍ପୂର୍ଣ୍ଣ ଉତ୍ପାଦନ କେନ୍ଦ୍ର ହେବା ସହିତ, ରପ୍ତାନୀ ବୃଦ୍ଧି କରିବା



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ଏଇ ବର୍ଷ ସୁଦ୍ଧା | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ଭାରତର ରପ୍ତାନିରେ ଓଡ଼ିଶାର ଅଂଶ | % | ୨.୫% | ୩.୫% | ୫% | ୭.୫% |
| ରାଜ୍ୟ ଜିଏସଡିଏରେ ଯୋଗଦାନ (ନାମମାତ୍ର ଭାବେ) | % | ୨୩% | ୨୫% | ୨୬% | ୨୭% |
| ଗ୍ଲୋବାଲ ଫର୍ଚ୍ୟୁନ ୫୦୦ ତାଲିକାରେ ଓଡ଼ିଶା ଶିଳ୍ପ କମ୍ପାନୀଗୁଡ଼ିକର ମୁଖ୍ୟାଳୟ [୧] | ସଂଖ୍ୟା | – | ୧ | ୩ | ୫ |
| ମୁଣ୍ଡପିଛା ଆୟ (ନାମମାତ୍ର ଆଧାରରେ) | ଲକ୍ଷ ଟଙ୍କାରେ | ଯ୨ | ୩ | ୯ | ୩୨ |
| ଭାରତରେ ବ୍ୟବସାୟ ପାଇଁ ଅନୁକୂଳ ସୂଚକାଙ୍କ ସ୍ଥିତି | ମାନ୍ୟତା | ୬ଷ୍ଠ | ଶ୍ରେଷ୍ଠ ୫ | ଶ୍ରେଷ୍ଠ ୩ | ଶ୍ରେଷ୍ଠ ୩ |
| ବ୍ୟବସାୟ ଆରମ୍ଭ କରିବା ଲାଗି ଆବଶ୍ୟକ ସମୟ[୨] | ଦିନର ସଂଖ୍ୟା | – | <୧୫ | <୧୦ | <୫ |
| ଜିଏସଡିଏ ଉତ୍ପାଦନରେ ୫ ପ୍ରତିଶତରୁ ଅଧିକ ଯୋଗଦାନ କରୁଥିବା ପ୍ରମୁଖ ଶିଳ୍ପ | ସଂଖ୍ୟା | ୨ | ୩ | ୪ | >୫ |
| ଉତ୍ପାଦନ ପାଇଁ ଆଉଟପୁଟ/ଇନପୁଟ୍ ଅନୁପାତ | ଏକାଧିକ | ୧.୩ | ୧.୫ | ୧.୭ | >୨ |
| ସବୁଜ ଉତ୍ସରୁ ଶିଳ୍ପ ପାଇଁ ଶକ୍ତି ବ୍ୟବହାର[୩] | % | <୧୦% | ୧୫% | ୨୫% | >୩୩% |
| ଜିଏସଡିଏ[୪] ପିଛା ଶିଳ୍ପ ନିର୍ଗମନ | ଏମଟି ସିଓଟୁ ଇ ବିଲିୟନ | – | <୫ | <୩ | <୨ |
| ଆନୁଷ୍ଠାନିକ ଋଣ ସହାୟତାରେ ଏମଏସଏମଇର ଅଂଶଧନ | % | – | >୩୩% | >୬୦% | ଯ୧୦୦% |




[୧] ମୁମ୍ବାଇ (୩), ଭାରତ (୬), ଜାପାନ (୨୨); [୨] ଜାତୀୟ ଲକ୍ଷ୍ୟ ଅନୁରୂପ; ନ୍ୟୁଜିଲାଣ୍ଡ (ଯ୧), ଆମେରିକା ଯ୪), ବ୍ରିଟେନ (ଯ ୫)
[୩] ନରୱେ (୭୨ %), ବ୍ରାଜିଲ (୪୬ %), କାନାଡା (୩୦ %); [୪] ଜାତୀୟ ଲକ୍ଷ୍ୟ ଅନୁରୂପ

# ଖଣିଜ ସମ୍ପତ୍ତିର ଉପଯୋଗ

ଦୀର୍ଘସ୍ଥାୟୀ ଖଣି ଖନନ ଓ ଧାତବ କ୍ଷେତ୍ରରେ ନେତୃତ୍ୱ ନେବା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- **ଖଣିଜ ଉତ୍ପାଦନରେ ନେତୃତ୍ୱ:** ୪. ୮ ଲକ୍ଷ କୋଟି ଟଙ୍କାର ଜିଏସଡିଏ ଖଣି ଖନନ ଲକ୍ଷ୍ୟ ସହିତ ଓଡ଼ିଶା ଖଣିଜ ଉତ୍ପାଦନ କ୍ଷେତ୍ରରେ ଭାରତର ଶୀର୍ଷ ରାଜ୍ୟ ଭାବେ ନିଜର ସ୍ଥାନ ବଜାୟ ରଖିବ ୩୨୦ ଏମଏମଟିପିଏ ଲୁହାପଥର ଉତ୍ପାଦନ ବୃଦ୍ଧି ଏବଂ ୩୨ ଏମଏମଟିପିଏ ବକ୍ସାଇଟ୍ ଉତ୍ପାଦନ ସହିତ କୋଇଲା ଉତ୍ପାଦନ ଦେଶର ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ କରିବ
- **ଧାତବ ଉତ୍ପାଦନରେ ଆଧିପତ୍ୟ:** ଇସ୍ପାତ ଉତ୍ପାଦନ ୧୬୫ ଏମଏମଟିପିଏ ଏବଂ ଆଲୁମିନିୟମ ଉତ୍ପାଦନ ୩୨ ଏମଏମଟିପିଏକୁ ବୃଦ୍ଧି ସହିତ ମୌଳିକ ଧାତୁ ଉତ୍ପାଦନରେ ଅଗ୍ରଣୀ ହୋଇ ଓଡ଼ିଶା ନିଜର ବିଶ୍ୱସ୍ତରୀୟ ସ୍ଥିତିକୁ ସୁଦୃଢ଼ କରିବ
- **ଆନୁଷଙ୍ଗିକ ପରିସଂସ୍ଥାନକୁ ସକ୍ରିୟ କରିବା:** ବୃହତ୍ ଧାତୁ ପାର୍କ ପ୍ରତିଷ୍ଠା ଏବଂ ଆନୁଷଙ୍ଗିକ ଧାତୁ ପ୍ରକ୍ରିୟାକରଣ ଶିଳ୍ପକୁ ସକ୍ରିୟ କରିବା ପାଇଁ ରାଜ୍ୟ ୨ ଲକ୍ଷ କୋଟି ଟଙ୍କାର ବର୍ଦ୍ଧିତ ପୁଞ୍ଜି ନିବେଶ ଆକୃଷ୍ଟ କରିବ
- **ଦୀର୍ଘସ୍ଥାୟୀ ବିକାଶ ଏବଂ କାର୍ବନ ହ୍ରାସ କରିବା:** ଦୀର୍ଘସ୍ଥାୟୀ ଖଣି ଖନନ ପ୍ରକ୍ରିୟାରେ ଓଡ଼ିଶା ଦକ୍ଷତା ହାସଲ କରିବ ଏବଂ ଭାରତର ଜାତୀୟ କାର୍ବନ ହ୍ରାସ ଲକ୍ଷ୍ୟ ସାଧନ ପାଇଁ ନେଟ୍-ଜିରୋ ବା ଶୂନ୍ୟ ବିକିରଣ ହାସଲ ଦିଗରେ କାର୍ଯ୍ୟ କରିବ

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

### ଖଣିଜ ପଦାର୍ଥ ଅନୁସନ୍ଧାନକୁ ତ୍ୱରାନ୍ୱିତ କରିବା

ଖଣିଜ ସାମର୍ଥ୍ୟ କ୍ଷେତ୍ରରେ ସମସ୍ତ ସମ୍ଭାବନାର ସଦୁପଯୋଗ ପାଇଁ ଓଡ଼ିଶା ଏକ ରୋଡ୍ ମ୍ୟାପ୍ ବିକଶିତ କରିବ, ଏଥିମଧ୍ୟରେ ରହିଛି:

- ଉନ୍ନତ ଭୂତାତ୍ତ୍ୱିକ ସର୍ବେକ୍ଷଣ ଏବଂ ତଥ୍ୟ ବିଶ୍ଳେଷଣ ମାଧ୍ୟମରେ ଉଚ୍ଚ ସମ୍ଭାବନା ରହିଥିବା ଖଣିଜ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ଏବଂ ପ୍ରାଥମିକତା ଦେବା
- ଅନ୍ତର୍ଜାତୀୟ ବିଶେଷଜ୍ଞ ଏବଂ ଜ୍ଞାନକୌଶଳ ପ୍ରଦାନକାରୀଙ୍କ ସହିତ ସହବନ୍ଧନ କ୍ରମେ ଅତ୍ୟାଧୁନିକ ଅନୁସନ୍ଧାନ କୌଶଳ ଏବଂ ବିଶ୍ୱର ଶ୍ରେଷ୍ଠ କାର୍ଯ୍ୟବିଧି ଗ୍ରହଣ କରିବା
- ଖଣିଜ ପଦାର୍ଥ ଅନୁସନ୍ଧାନ କ୍ଷେତ୍ରରେ ଦେଶ ମଧ୍ୟରେ ଏବଂ ବିଦେଶୀ ନିବେଶକୁ ପ୍ରୋତ୍ସାହିତ କରିବା ଲାଗି ସୁବ୍ୟବସ୍ଥିତ ନିୟାମକ ଢାଞ୍ଚା ପ୍ରତିଷ୍ଠା କରିବା ଏବଂ ଆକର୍ଷଣୀୟ ପାରିତୋଷିକ ପ୍ରଦାନ କରିବା

### ଖଣି କାର୍ଯ୍ୟ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା

ରାଜ୍ୟର ଲକ୍ଷ୍ୟ ହେଉଛି ୨୦୩୬ ମସିହା ସୁଦ୍ଧା ଖଣି ପରିଚାଳନା ପ୍ରକ୍ରିୟା ପାଇଁ ହାରାହାରି ସମୟକୁ ୪.୫ ବର୍ଷରୁ ୩ ବର୍ଷକୁ ହ୍ରାସ କରିବା, ଏଥିପାଇଁ:

- ଶୀଘ୍ର ମଞ୍ଜୁରୀ ପାଇବାକୁ ଏକକ-ୱିଣ୍ଡୋ ପ୍ଲାଟଫର୍ମ ଏବଂ ଡିଜିଟାଇଜେସନ୍ ମାଧ୍ୟମରେ ଅନୁମୋଦନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା
- ଦ୍ରୁତ ପ୍ରକଳ୍ପ ବିକାଶ ପାଇଁ ସ୍ୱତନ୍ତ୍ର ଦକ୍ଷତା ଏବଂ ସମ୍ବଳର ସଦୁପଯୋଗ କରିବା ପାଇଁ ସରକାରୀ-ଘରୋଇ ସହଭାଗିତାକୁ (ପିପିପି) ଉତ୍ସାହିତ କରିବା
- ଠିକ୍ ସମୟରେ କାର୍ଯ୍ୟକାରୀ କରିବା ସୁନିଶ୍ଚିତ କରିବା ଏବଂ ପ୍ରତିବନ୍ଧକଗୁଡ଼ିକର ଦକ୍ଷତାର ସହିତ ସମାଧାନ କରିବା ପାଇଁ ସୁଦୃଢ଼ ପ୍ରକଳ୍ପ ପରିଚାଳନା ଓ ତତ୍ତ୍ୱାବଧାନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା

**ବହୁମୁଖୀ ଖଣିଜ ନିଷ୍କାସନ ଭିତ୍ତିଭୂମିର ସମ୍ପ୍ରସାରଣ**

ଓଡିଶା ଏହା ମାଧ୍ୟମରେ ପରିବହନ ବ୍ୟବସ୍ଥାର ଆଧୁନିକୀକରଣ କରି ଉପାଦେୟ ଖଣିଜ ନିଷ୍କାସନ ସୁନିଶ୍ଚିତ ହେବ:

- ରେଳବାଇ, ସ୍ଲରି ବା ଅର୍ଦ୍ଧତରଳ ପଦାର୍ଥ ପାଇଁ ଥିବା ପାଇପଲାଇନ୍, ବନ୍ଦର ଏବଂ ଭୂମି ସହିତ ଜଳପଥର ସଂଯୋଗକୁ ପରିବହନ ମିଶ୍ରଣର ୮୦ ପ୍ରତିଶତକୁ ବୃଦ୍ଧି କରିବା
- ପ୍ରମୁଖ ଖଣି ପୁଞ୍ଜଗୁଡ଼ିକର ଉତ୍ପାଦନ ବୃଦ୍ଧି କରିବା ପାଇଁ ସହାୟତା ନିମନ୍ତେ ଏକ ସମନ୍ୱିତ ବହୁମୁଖୀ ନେଟୱାର୍କ ବିକଶିତ କରିବା

**ଆନୁଷଙ୍ଗିକ ଧାତୁ ପ୍ରକ୍ରିୟାକରଣକୁ ପ୍ରୋତ୍ସାହିତ କରିବା**

ଏକ ସକ୍ରିୟ ଆନୁଷଙ୍ଗିକ ପରିସଂସ୍ଥାନ ନିର୍ମାଣ କରିବା ଲାଗି ଓଡ଼ିଶା ନିମ୍ନୋକ୍ତ ପଦକ୍ଷେପ ଗ୍ରହଣ କରିବ:

- ମୂଲ୍ୟଯୁକ୍ତ ଧାତୁ ପ୍ରକ୍ରିୟାକରଣକୁ ସମର୍ଥନ କରିବା ପାଇଁ ଅତ୍ୟାଧୁନିକ ମେଗା ଧାତୁ ପାର୍କ ପ୍ରତିଷ୍ଠା
- ଏମଏସଏମଇଗୁଡ଼ିକର ଆବଶ୍ୟକତା ଅନୁଯାୟୀ ଆର୍ଥିକ ପ୍ରୋତ୍ସାହନ, ବୈଷୟିକ ସହାୟତା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପ୍ରଦାନ କରିବା
- ଉତ୍ସର୍ଗୀକୃତ ଗବେଷଣା ଏବଂ ବିକାଶ କେନ୍ଦ୍ର ତଥା ଶିକ୍ଷା ବ୍ୟବସ୍ଥା ଓ ଶିଳ୍ପ ମଧ୍ୟରେ ସହବନ୍ଧନ ମାଧ୍ୟମରେ ଅଭିନବତା ଓ ଜ୍ଞାନକୌଶଳର ବ୍ୟବହାରକୁ ପ୍ରୋତ୍ସାହିତ କରିବା

**ଓଡ଼ିଶା ତିନୋଟି ମୁଖ୍ୟ କାରକ ଉପରେ ଧ୍ୟାନ ଦେବ**

- **ଭବିଷ୍ୟତ ପାଇଁ ପ୍ରସ୍ତୁତ ଶ୍ରମଶକ୍ତି ପ୍ରସ୍ତୁତ କରିବା:** ଓଡ଼ିଶାର ନାଗରିକମାନଙ୍କୁ ନୂତନ ଜ୍ଞାନକୌଶଳ-ପରିଚାଳିତ କ୍ଷେତ୍ରଗୁଡ଼ିକରେ ଭୂମିକା ନିର୍ବାହ ପାଇଁ ସକ୍ଷମ କରିବାକୁ ଓଡ଼ିଶା ସ୍ୱତନ୍ତ୍ର ଦକ୍ଷତା କେନ୍ଦ୍ର, ଶିକ୍ଷାନୁଷ୍ଠାନ ଏବଂ ଗବେଷଣା କେନ୍ଦ୍ର ଜରିଆରେ ଏକ ବିଶ୍ୱସ୍ତରୀୟ ଶ୍ରମଶକ୍ତି ସୃଷ୍ଟି କରିବା
- **ପରିବେଶ, ସାମାଜିକ ଏବଂ ଶାସନ (ଇଏସଜି) ବ୍ୟବସ୍ଥାକୁ ପ୍ରାଥମିକତା ଦେବା**
  - ଦୀର୍ଘସ୍ଥାୟୀ ଭୂମି ବ୍ୟବହାର ଏବଂ ସଂରକ୍ଷଣ ବିଧିକୁ ପ୍ରୋତ୍ସାହିତ କରିବା
  - ୫୫-୬୦% ଲୁହାପଥର ଗ୍ରେଡ୍ ପେଲେଟକୁ ଉଚ୍ଚତର ରୂପାନ୍ତରଣ ହାର ହାସଲ କରିବା ପାଇଁ ସମ୍ବଳର ଉପାଦେୟତା ବୃଦ୍ଧି କରି ଅପଚୟ ହ୍ରାସ କରିବା
  - ଲକ୍ଷବଦ୍ଧ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀଗତ ଭାଗିଦାରୀ ଜରିଆରେ ଶ୍ରମିକଙ୍କ ନିରାପତ୍ତା ଓ ସୁସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା
- **କାର୍ବନ ହ୍ରାସ କରିବା ଲକ୍ଷ୍ୟ ହାସଲ ଦିଗରେ ଉନ୍ନତି କରିବା:** ୨୦୭୦ ମସିହା ସୁଦ୍ଧା ଭାରତର ନେଟ୍-ଜିରୋ ବା ଶୂନ୍ୟ ନିର୍ଗମନ ଲକ୍ଷ୍ୟ ସାଧନ ପାଇଁ ଓଡ଼ିଶା ଖଣି ଖନନ ଓ ଧାତବ କ୍ଷେତ୍ରରେ କାର୍ବନ ହ୍ରାସ ପ୍ରୟାସରେ ଅଗ୍ରଣୀ ରହିବ






## ଭିଜନ ଓ ସଫଳତା

**ଭିଜନ ୨୦୪୭**

ଖଣି ଏବଂ ଧାତୁ ପାଇଁ ଏସିଆର ପ୍ରମୁଖ କେନ୍ଦ୍ର ପାଲଟିବା, ଦୀର୍ଘସ୍ଥାୟୀ ଉତ୍ପାଦନ କାର୍ଯ୍ୟପ୍ରକ୍ରିୟା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶ୍ରମଶକ୍ତି ମାଧ୍ୟମରେ ଭାରତରେ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରହିବା

- ଖଣିଜ ଉତ୍ପାଦନ କ୍ଷେତ୍ରରେ ଭାରତର ଶୀର୍ଷ ରାଜ୍ୟ ଭାବେ ସ୍ଥାନ ବଜାୟ ରଖିବା
- ମୌଳିକ ଧାତୁ ଉତ୍ପାଦନରେ ପ୍ରଭାବ ବିସ୍ତାର କରିବା
- ଭାରତରେ ଆନୁଷଙ୍ଗିକ ଧାତୁ ପରିସଂସ୍ଥାନ ନିର୍ମାଣ କରିବା



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ଏଇ ବର୍ଷ ସୁଦ୍ଧା | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ଖଣି ଖନନ ଜିଏସଭିଏ | ଭାରତୀୟ ମୁଦ୍ରାରେ ହଜାର କୋଟିରେ | ୬୮ | ୧୦୧ | ୨୫୦ | ୪୮୦ |
| ମୌଳିକ ଧାତୁ ଜିଏସଭିଏ | ଭାରତୀୟ ମୁଦ୍ରାରେ ହଜାର କୋଟିରେ | ୩୦୯ | ୫୩୭ | ୯୩୩ | ୨୨୨୦ |
| ଧାତବ ଏମଏସଏମଇରେ ପୁନଃପୌନିକ ନିବେଶ | ଭାରତୀୟ ମୁଦ୍ରାରେ ହଜାର କୋଟିରେ | - | ୩୦ | ୧୦୦ | ୨୦୦ |
| ଖଣି କ୍ଷେତ୍ରରେ ନିଯୁକ୍ତି[୧] | "୦୦୦ ସଂଖ୍ୟକ | ୨୦୦ | ୨୦୦+ | ୩୦୦+ | ୬୦୦+ |
| ପ୍ରାଥମିକ ଧାତୁ କ୍ଷେତ୍ରରେ ନିଯୁକ୍ତି | "୦୦୦ ସଂଖ୍ୟକ | ୨୦୦ | ୭୦୦+ | ୧,୩୦୦+ | ୨,୧୦୦+ |
| ଧାତବ ଏମଏସଏମଇରେ ନିଯୁକ୍ତି[୧] | "୦୦୦ ସଂଖ୍ୟକ | ୪ | ୩୦ | ୭୫ | ୧୨୫ |
| ଲୁହାପଥର ଉତ୍ପାଦନ | ଏମଏମଟିପିଏ | ୧୫୫ | ୨୨୦ | ୨୫୦ | ୩୨୦ |
| ଇସ୍ପାତ ଉତ୍ପାଦନ[୨] | ଏମଏମଟିପିଏ | ୨୩ | ୬୦ | ୧୩୦ | ୧୬୫ |
| ବକ୍ସାଇଟ୍ ଉତ୍ପାଦନ | ଏମଏମଟିପିଏ | ୧୮ | ୨୨ | ୨୫ | ୩୨ |
| ଆଲୁମିନିୟମ୍ ଉତ୍ପାଦନ[୨] | ଏମଏମଟିପିଏ | ୩ | ୪ | ୪ | ୫ |
| କ୍ରୋମାଇଟ୍ ପଥର ଉତ୍ପାଦନ | ଏମଏମଟିପିଏ | ୩ | ୪ | ୫ | ୭ |




[୧] କେବଳ ପ୍ରତ୍ୟକ୍ଷ କର୍ମଚାରୀଙ୍କ ଆକଳନ କରାଯାଇଛି; [୨] ସ୍କ୍ରାପ୍ ଧାତୁରୁ ଯୋଗାଣ ଅନ୍ତର୍ଭୁକ୍ତ

ସୌଜନ୍ୟ: ଭାରତୀୟ ଖଣି ବ୍ୟୁରୋ, ଇସ୍ପାତ ଏବଂ ଖଣି ବିଭାଗ

# ଲଜିଷ୍ଟିକ୍ସ ବା ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା, ଭିତ୍ତିଭୂମି ଏବଂ ଯୋଗାଯୋଗ

ବାଧାମୁକ୍ତ, କ୍ଷେତ୍ରୀୟ ସମନ୍ୱୟନକୁ ସକ୍ଷମ କରିବା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ହାସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- ଭାରତର ମୋଟ ବନ୍ଦର ମାଲ ପରିବହନର ୩୩ ପ୍ରତିଶତ ପରିଚାଳନା କରିବା (ବର୍ତ୍ତମାନର ୧୩ ପ୍ରତିଶତରୁ)
- ରାଜ୍ୟ ଭିତରେ ଏବଂ ଆନ୍ତଃରାଜ୍ୟ ମାଲ ପରିବହନରେ ରେଳ, ବିମାନ ଚଳାଚଳ, ବନ୍ଦର ଏବଂ ଜଳପଥର ଅଧିକ ବ୍ୟବହାର ସହିତ ରାଜ୍ୟ ଭିତରେ ଏବଂ ଆନ୍ତଃରାଜ୍ୟ ମାଲ ପରିବହନକୁ ୫୫ ପ୍ରତିଶତକୁ ବୃଦ୍ଧି କରିବା (ବର୍ତ୍ତମାନ ଯାହା ୧୦ ପ୍ରତିଶତରୁ କମ୍ ରହିଛି)
- ସଡ଼କ ପରିବହନ କ୍ଷେତ୍ରରେ ୮୦ ପ୍ରତିଶତ ବିଦ୍ୟୁତ୍ ଚାଳିତ ଯାନ (ଇ.ଭି.)/ବିକଳ୍ପ ଇନ୍ଧନ ଚାଳିତ ଯାନ (ବର୍ତ୍ତମାନ ନୂତନ ବିକ୍ରିର ପ୍ରାୟ ୭ ପ୍ରତିଶତ) ବିକ୍ରୟ ଲକ୍ଷ୍ୟ ହାସଲ କରିବା

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

**ଉଚ୍ଚମାନର ସେବା ଏବଂ ସୁରକ୍ଷା ମାନକ ସହିତ ୧୦୦% ସାର୍ବଜନୀନ ପରିବହନ ସଂଯୋଗ ସୁନିଶ୍ଚିତ କରିବା**

- ୩୦,୦୦୦ କିଲୋମିଟରରୁ ଅଧିକ ଗ୍ରାମୀଣ ସଡ଼କ ସମେତ ୨୦୩୦ ସୁଦ୍ଧା ପ୍ରାୟ ୭୫,୦୦୦ କିଲୋମିଟର ସଡ଼କ ନେଟୱାର୍କର ଆଧୁନିକୀକରଣ କରିବା ଲକ୍ଷ୍ୟ
- ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଚତୁଃସହର ପରି ସହର ସମୂହରେ ଆଞ୍ଚଳିକ ମେଟ୍ରୋ ଯୋଗାଯୋଗ ଯେପରିକି କ୍ଷେତ୍ରୀୟ ଦ୍ରୁତ ପରିବହନ ବ୍ୟବସ୍ଥା (ଆରଆରଟିଏସ) ବିକଶିତ କରିବା ପାଇଁ ଯୋଜନା କରିବା ଓ ଏହାକୁ କାର୍ଯ୍ୟକାରୀ କରିବା

**ଉନ୍ନତ ଯାତ୍ରୀ ପରିବହନ ସୁବିଧା ପ୍ରଦାନ କରିବା ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ୨୦୪୭ ସୁଦ୍ଧା ୫୦୦ ଏମଏମଟିପିଏ କାର୍ଗୋ ପରିଚାଳନା ଲାଗି ଆଠଟି ନୂତନ ଅଣ-ପ୍ରମୁଖ ବନ୍ଦର/ଜେଟି ଏବଂ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ**

- କାର୍ଗୋ ପରିଚାଳନା ଭିତ୍ତିଭୂମିର ବିକାଶ ଏବଂ ସଦୁପଯୋଗ ନିମନ୍ତେ ଆଠଟି ନୂତନ ବନ୍ଦର ପାଇଁ ସ୍ଥାନ ଚିହ୍ନଟ କରିବା
- ସ୍ୱୟଂ ସମ୍ପୂର୍ଣ୍ଣ ବନ୍ଦର ଭିତ୍ତିଭୂମିରେ ନିବେଶ କରିବା ଏବଂ ଜ୍ଞାନକୌଶଳର ସଦୁପଯୋଗ କରି ତଥ୍ୟ-ଭିତ୍ତିକ କାର୍ଯ୍ୟାନ୍ୱୟନକୁ ସକ୍ଷମ କରିବା, ବୈଷୟିକ ସହଯୋଗକୁ ପ୍ରୋତ୍ସାହିତ କରିବା, ବାଧାମୁକ୍ତ ତଥ୍ୟ ବିନିମୟ ଓ ବିଶ୍ଳେଷଣରେ ସହାୟତା ତଥା ସାମଗ୍ରିକ ଭାବରେ କାର୍ଯ୍ୟ ପରିଚାଳନାରେ ଉପାଦେୟତା ବୃଦ୍ଧି କରିବା

**ଆଭ୍ୟନ୍ତରୀଣ ଜଳ ପରିବହନକୁ ପ୍ରୋତ୍ସାହନ ଦେବା ପାଇଁ ଛଅଟି ଜାତୀୟ ଜଳପଥର (ଏନଡବ୍ଲ୍ୟୁ) ବିକାଶ**

- ଡେଭଲପର, ପରିବହନକାରୀ ଏବଂ ଶେଷ-ବ୍ୟବହାରକାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରି ଏନଡବ୍ଲ୍ୟୁ-୫ ଏବଂ ଏନଡବ୍ଲ୍ୟୁ-୬୪ର ବିକାଶ କରିବା
- ନିରାପଦ ଏବଂ ଦକ୍ଷ ପରିବହନ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ସକ୍ଷମ ଆଭ୍ୟନ୍ତରୀଣ ଜଳପଥର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ଲାଗି ରଣନୀତିକ ପଦକ୍ଷେପ ନେବା

୨୦୪୭ ସୁଦ୍ଧା ଭାରତର ଏକ ତୃତୀୟାଂଶ ମାଲ୍ ପରିବହନ କରିବାର ଲକ୍ଷ୍ୟ ନେଇ ଉପକୂଳବର୍ତ୍ତୀ ଆର୍ଥିକ କ୍ଷେତ୍ର (ସିଇଜେଡ୍) ପାଇଁ ନୌବାଣିଜ୍ୟ ଉପକୂଳ ଆଞ୍ଚଳିକ ଯୋଜନା (ଏମସିଆରପି) ମାଧ୍ୟମରେ ବନ୍ଦର ଆଧାରିତ ବିକାଶକୁ ସକ୍ଷମ କରିବା

ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ୫ ଲକ୍ଷରୁ ଅଧିକ ଯାତ୍ରୀଙ୍କ ବାର୍ଷିକ ପରିବହନ ପାଇଁ ବିମାନବନ୍ଦର କ୍ଷମତା ଏବଂ ବିମାନ ଉଡ଼ାଣର ବାରମ୍ବାରତା ବୃଦ୍ଧି କରିବା

- ୨୦୩୬ ମସିହା ସୁଦ୍ଧା "ଉଡ଼େ ଦେଶ କା ଆମ୍ ନାଗରିକ (ଉଡ଼ାନ)' ଯୋଜନା ଅଧୀନରେ ଅତିକମରେ ପାଞ୍ଚଟି ନୂଆ ବିମାନବନ୍ଦରର ବିକାଶ କରିବା, ଯେଉଁଥିରେ ସମ୍ଭବତଃ ପୁରୀର ଗୋଟିଏ ଅନ୍ତର୍ଜାତୀୟ ବିମାନବନ୍ଦର ସାମିଲ ରହିବ
- ଯାତ୍ରୀଙ୍କ ଅଭିଜ୍ଞତା ଏବଂ ପରିଚାଳନା ଦକ୍ଷତାରେ ଉନ୍ନତି ଆଣିବା ପାଇଁ ଟର୍ମିନାଲ୍ ସୁବିଧା ବୃଦ୍ଧି, ରନୱେ ସମ୍ପ୍ରସାରଣ ଏବଂ ଉନ୍ନତ ଜ୍ଞାନକୌଶଳ ଉପଯୋଗ କରି ବର୍ତ୍ତମାନ ବିମାନବନ୍ଦରଗୁଡ଼ିକର ଆଧୁନିକୀକରଣ କରିବା

**ବହୁମୁଖୀ ଯୋଗାଯୋଗ ବଢ଼ାଇବା ଏବଂ ଆଠଟି ମଲ୍ଟି-ମୋଡାଲ୍ ଲଜିଷ୍ଟିକ୍ସ ପାର୍କ (ଏମଏମଏଲପି) ପ୍ରତିଷ୍ଠା କରିବା**

**ଆନୁଷଙ୍ଗିକ ଶିଳ୍ପର ବିକାଶ କରିବା ଯାହା ପରିବହନ ଭିତ୍ତିଭୂମିର ଲାଭ ଉଠାଇବ ଏବଂ ଏଥିରେ ସୁଧାର ଆଣିବ**

- ୨୦୪୭ ସୁଦ୍ଧା ୫ ଲକ୍ଷ କୋଟି ଟଙ୍କାର ଜାହାଜ ନିର୍ମାଣ ଓ ମରାମତି ଶିଳ୍ପ ସୃଷ୍ଟି କରିବା
- ପୁରୀ ଏରୋଟ୍ରୋପୋଲିସ୍, ଭୁବନେଶ୍ୱର ଏବଂ ରାଜ୍ୟର ଅନ୍ୟାନ୍ୟ ପ୍ରମୁଖ ବିମାନବନ୍ଦର ସମେତ ସମ୍ଭାବ୍ୟ ସ୍ଥାନ ସହିତ ୨୦୩୬ ସୁଦ୍ଧା ଓଡ଼ିଶାରେ ବିମାନ ଚଳାଚଳ କ୍ଷେତ୍ର ପାଇଁ ଅତିକମରେ ଗୋଟିଏ ବିଶ୍ୱସ୍ତରୀୟ ରକ୍ଷଣାବେକ୍ଷଣ, ମରାମତି ଏବଂ ଓଭରହଲ୍ (ଏମଆରଓ) ସୁବିଧା ପ୍ରତିଷ୍ଠା କରିବା

**ନିମ୍ନ ପଦକ୍ଷେପ ଜରିଆରେ ସମନ୍ୱିତ ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି ସୁବିଧାର ବିକାଶକୁ ପ୍ରୋତ୍ସାହିତ କରିବା:**

- ସମ୍ବେଦନଶୀଳ ଉପକୂଳବର୍ତ୍ତୀ ଏବଂ ସ୍ଥଳ ଭାଗର ଆଭ୍ୟନ୍ତରୀଣ ସ୍ଥାନଗୁଡ଼ିକୁ ଚିହ୍ନଟ ଏବଂ ନିର୍ଦ୍ଦିଷ୍ଟ କରିବା
- ଶିଳ୍ପ ନୀତି ପ୍ରସ୍ତାବ (ଆଇପିଆର) ଜରିଆରେ ଉଦ୍ଦିଷ୍ଟ ପ୍ରୋତ୍ସାହନ ଏବଂ ନୀତିଗତ ସହାୟତା ସମ୍ପ୍ରସାରିତ କରିବା

**ଆଞ୍ଚଳିକ ବିମାନ ସଂଯୋଗ ଏବଂ ନବସୃଜନକୁ ସୁଦୃଢ଼ କରିବା ପାଇଁ ବିମାନ ଚଳାଚଳ ସହାୟକ ପ୍ରକଳ୍ପଗୁଡ଼ିକର ଅଭିବୃଦ୍ଧିକୁ ସକ୍ଷମ କରିବା:**

- ସିପ୍ଲେନ ସେବାକୁ କାର୍ଯ୍ୟକ୍ଷମ କରିବା ଏବଂ ଏହାର ପ୍ରସାରକୁ ପ୍ରୋତ୍ସାହିତ କରିବା
- ସମ୍ବେଦନଶୀଳ ସହରାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ହେଲିପୋର୍ଟଗୁଡ଼ିକର ବିକାଶ ପାଇଁ ସୁବିଧା ପ୍ରଦାନ କରିବା
- ଡ୍ରୋନ୍ ପ୍ରଶିକ୍ଷଣ ଏବଂ ପରୀକ୍ଷଣ ଭିତ୍ତିଭୂମି ସହିତ ଏରୋ-ସ୍ପୋର୍ଟସ୍ ପ୍ରତିଷ୍ଠା କରିବାରେ ସହାୟତା କରିବା

**ଧୀରେ ଧୀରେ ସମସ୍ତ ପରିବହନ ପ୍ରଣାଳୀରେ କାର୍ବନ ହ୍ରାସ ସୁବିଧା ପ୍ରଦାନ କରି ପ୍ରାୟ ୧୦୦% ସ୍ୱଚ୍ଛ ବା ନିମ୍ନ କାର୍ବନ ସଡ଼କ ପରିବହନ ଲକ୍ଷ୍ୟ ରଖିବା**

- ପ୍ରୋତ୍ସାହନ ଏବଂ ଭିତ୍ତିଭୂମି ବିକାଶ ମାଧ୍ୟମରେ ବୈଦ୍ୟୁତିକ ଏବଂ ବିକଳ୍ପ ଇନ୍ଧନ ଯାନର ବ୍ୟବହାରକୁ ପ୍ରୋତ୍ସାହିତ କରିବା, ୨୦୪୭ ସୁଦ୍ଧା ପଞ୍ଜୀକରଣକୁ ୮୦ ପ୍ରତିଶତରେ ପହଞ୍ଚାଇବା
- ନିର୍ଗମନ ହ୍ରାସ କରିବା ଏବଂ ଦୀର୍ଘସ୍ଥାୟୀ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ନୀତି କାର୍ଯ୍ୟକାରୀ କରିବା

**୨୦୩୬ ମସିହା ସୁଦ୍ଧା ୫୦ ପ୍ରତିଶତ ଅଂଶଧନ ହାସଲ କରିବା ଉଦ୍ଦେଶ୍ୟରେ ସଡ଼କ, ବିମାନ ଚଳାଚଳ ଏବଂ ବନ୍ଦର ଭିତ୍ତିଭୂମି ଆର୍ଥିକ ସହାୟତା କ୍ଷେତ୍ରରେ ଘରୋଇ କ୍ଷେତ୍ରର ଅଂଶ ବୃଦ୍ଧି କରିବା**

**ଏହି କ୍ଷେତ୍ରର ଅଭିବୃଦ୍ଧି ପାଇଁ ଦକ୍ଷତା ଏବଂ ସାମର୍ଥ୍ୟ ନିର୍ମାଣରେ ନିବେଶ କରିବା**

- ସାମୁଦ୍ରିକ ଏବଂ ବିମାନ ଚଳାଚଳ କ୍ଷେତ୍ରରେ ଓଡ଼ିଶାର ସାମର୍ଥ୍ୟକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟର କୌଣସି ଏକ ବିଶ୍ୱବିଦ୍ୟାଳୟରେ ଏକ ଉତ୍ସର୍ଗୀକୃତ ସାମୁଦ୍ରିକ ଅଧ୍ୟୟନ ବିଭାଗ ପ୍ରତିଷ୍ଠା କରିବା ଏବଂ ୨୦୩୦ ମସିହା ସୁଦ୍ଧା ଢେଙ୍କାନାଳରେ ବିମାନ ଚଳାଚଳ କେନ୍ଦ୍ର କାର୍ଯ୍ୟକ୍ଷମ କରିବା
- ପରିବହନ କ୍ଷେତ୍ରରେ ଗବେଷଣା ଏବଂ ନବସୃଜନକୁ ପ୍ରୋତ୍ସାହନ ଦେବା ଲାଗି ଶିକ୍ଷାନୁଷ୍ଠାନଗୁଡ଼ିକ ସହିତ ସହଭାଗିତା ସ୍ଥାପନ କରିବା


**ରାଜ୍ୟର ବହୁମୁଖୀ ପରିବହନ ରଣନୀତିର ରୂପରେଖ ପ୍ରସ୍ତୁତ କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବା ଲାଗି ସଚିବମାନଙ୍କ ଏକ କ୍ଷମତାସମ୍ପନ୍ନ ଗୋଷ୍ଠୀ (ଇଜିଓଏସ୍) ଗଠନ କରିବା**



## ଭିଜନ ଓ ସଫଳତା

### ଭିଜନ ୨୦୪୭

ଓଡ଼ିଶା ଏକ ବହୁମୁଖୀ, ନାଗରିକ କୈନ୍ଦ୍ରିକ ଏବଂ ସବୁଜ ପରିବହନ ଭିତ୍ତିଭୂମି ନିର୍ମାଣ କରିବାର ପରିକଳ୍ପନା କରିଛି ଯାହା ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥାକୁ ସହାୟତା କରିବ ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବ




[1] ମେଟ୍ରୋ ଏବଂ ଆଞ୍ଚଳିକ ଦ୍ରୁତ ପରିବହନ ବ୍ୟବସ୍ଥା (ଆରଆରଟିଏସ) ସହିତ; [2] ପରିଚାଳନା କ୍ଷମତା
[3] ଏଥିରେ ଉଭୟ ପ୍ରମୁଖ ଏବଂ ଅଣ-ପ୍ରମୁଖ ବନ୍ଦର ଦ୍ୱାରା ପରିଚାଳିତ କାର୍ଗୋ ଅନ୍ତର୍ଭୁକ୍ତ; [4] ବର୍ତ୍ତମାନ ୧୦%ରୁ କମ୍; [5] ଟ୍ରକ୍ ପାଇଁ, ଏଥିରେ ହାଇଡ୍ରୋଜେନ୍ ଏବଂ ଏଲଏନଜି ଟ୍ରକ୍ ଅନ୍ତର୍ଭୁକ୍ତ

## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ଏଇ ବର୍ଷ ସୁଦ୍ଧା | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ବନ୍ଦର, ଜଳମାର୍ଗ ଏବଂ ବିମାନବନ୍ଦର | | | | | |
| ଅଣ-ପ୍ରମୁଖ ବନ୍ଦରର ପରିଚାଳନା କ୍ଷମତା | ଏମଏମଟିପିଏ | ୮୦ | ୧୦୦ | ୨୦୦ | ୫୦୦ |
| ଅଣ-ପ୍ରମୁଖ ବନ୍ଦର ଦ୍ୱାରା ଭାରତର କାର୍ଗୋ ପରିଚାଳନାରେ ଭାଗ | % | ୭ | ୧୫ | ୨୫ | ୩୩ |
| କାର୍ଯ୍ୟକ୍ଷମ ଜାତୀୟ ଜଳମାର୍ଗ | ସଂଖ୍ୟା | - | ୨ | ୪ | ୬ |
| ସବୁଜ ହାଇଡ୍ରୋଜେନ୍ କିମ୍ବା ଆମୋନିଆ କେନ୍ଦ୍ର ସହିତ ଅଣ-ପ୍ରମୁଖ ବନ୍ଦର | ସଂଖ୍ୟା | - | ୧ | ୨ | ୪ |
| ସବୁଜ ଏବଂ କମ୍ କାର୍ବନ ଇନ୍ଧନରେ ପରିଚାଳିତ ହେଉଥିବା ନଦୀ ପୋତ | % | - | ୪୦ | ୭୫ | ୧୦୦ |
| କ୍ରୁଜ୍ ପର୍ଯ୍ୟଟନ (ନଦୀ କ୍ରୁଜଗୁଡ଼ିକର ସଂଖ୍ୟା) | ସଂଖ୍ୟା | ୦ | ୫ | ୧୦ | ୨୦ |
| କ୍ରୁଜ୍ ପର୍ଯ୍ୟଟନ (କ୍ରୁଜ୍ ଟର୍ମିନାଲଗୁଡ଼ିକର ସଂଖ୍ୟା) | ସଂଖ୍ୟା | ୦ | ୧ | ୨ | ୪ |
| ବେସାମରିକ ବିମାନବନ୍ଦର | ସଂଖ୍ୟା | ୫ | ୬ | ୯ | ୧୫+ |
| ଆନୁଷଙ୍ଗିକ ଆବଶ୍ୟକତା | | | | | |
| ରେଳ ଓ ଜଳ ପାଇଁ ମୋଟ୍ ମୋଡାଲ୍ ଫ୍ରିଟ୍ ଭାଗ | % | ୧୦ | ୧୮ | ୩୦ | ୫୫ |
| ମାଲ ପରିବହନ ଟ୍ରକ୍ ହାରାହାରି ଗତି | ଘଣ୍ଟା ପ୍ରତି କିମି | ୩୩ | ୪୦ | ୬୦ | ୮୦ |
| କର୍ପୋରେଟ୍ କ୍ଷେତ୍ରଠାରୁ ଭିତ୍ତିଭୂମି ପାଣ୍ଠି ଯୋଗାଣର ଭାଗ | % | - | ୩୦ | ୫୦ | ୭୦ |
| ବହୁମୁଖୀ ଲଜିଷ୍ଟିକ୍ସ ପାର୍କ | ସଂଖ୍ୟା | - | ୨ | ୪ | ୮ |
| ସଡ଼କ ପଥରେ ମାଲ ପରିବହନ ମୂଲ୍ୟ (ବାସ୍ତବ ସମୟ) | ପ୍ରତି ଟନ୍-କିମି ଟଙ୍କାରେ | ୪ | ୩ | ୨ | ୧.୫ |
| ମହିଳାଙ୍କ ଅଂଶଗ୍ରହଣ ଏବଂ ନିରାପତ୍ତା | | | | | |
| ବୈଦ୍ୟୁତିକ ବାହନ (ଇଭି) ଏବଂ ବିକଳ୍ପ ଇନ୍ଧନ ବାହନ ପଞ୍ଜୀକରଣ | % | ୭ | ୫୦ | ୭୦ | ୮୦ |
| ଇ-ବସ୍ ବୃଦ୍ଧି | % | ୩୦ | ୪୦ | ୫୦ | ୧୦୦ |
| ଓଏସଆରଟିସି[୬] ବସରେ ମହିଳା ଶ୍ରମଶକ୍ତି | % | ୨୧ | ୩୦ | ୩୬ | ୫୦ |
| ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ | ବର୍ତ୍ତମାନ ସ୍ତରଠାରୁ ହ୍ରାସ % | - | ୫୦% | ୬୦% | ୮୦% |

[୬] ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ

# ବିକାଶର ଏକ ଇଞ୍ଜିନ୍: ସହରୀକରଣ

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ହାସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- ୨୦୪୭ ମସିହା ସୁଦ୍ଧା ୬୦ ପ୍ରତିଶତ ଏବଂ ୨୦୩୬ ମସିହା ସୁଦ୍ଧା ସାରା ରାଜ୍ୟରେ ୪୦ ପ୍ରତିଶତ ସହରୀକରଣ ଲକ୍ଷ୍ୟ ହାସଲ କରିବା
- ୨୦୪୭ ମସିହା ସୁଦ୍ଧା ରାଜ୍ୟର ଜିଏସଡିପିରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରର (ବିସିପିପିଇଆର) ପ୍ରାୟ ୩୩ ପ୍ରତିଶତ ଯୋଗଦାନ ସହିତ ପ୍ରମୁଖ ସମୁଦାୟରୁ ୬୦ ପ୍ରତିଶତରୁ ଅଧିକ ଜିଏସଡିପି (ବର୍ତ୍ତମାନ ୨୦ ପ୍ରତିଶତ)
- ୨୦୪୭ ସୁଦ୍ଧା ଅତିକମରେ ଦୁଇଟି ସହର "ଟପ୍ ୧୦୦ ଗ୍ଲୋବାଲ୍ ଲାଇଭାବିଲିଟି ଇଣ୍ଡେକ୍ସ'ରେ ତାଲିକାଭୁକ୍ତ ହେବା, ୨୦୩୬ ସୁଦ୍ଧା ଅତି କମରେ ଗୋଟିଏ ସହର ତାଲିକାଭୁକ୍ତ ହେବା
- ୨୦୩୬ ସୁଦ୍ଧା ସମସ୍ତ ସହର ଏବଂ ସହରାଞ୍ଚଳଗୁଡ଼ିକରେ ମୌଳିକ ସୁବିଧା ଏବଂ ସାର୍ବଜନୀନ ବ୍ୟବହାର ପାଇଁ ସ୍ଥାନଗୁଡ଼ିକ ୧୦୦% ଉପଲବ୍ଧ ହେବା
- ସମସ୍ତ ଯୋଗ୍ୟ ଅଞ୍ଚଳ ବ୍ୟାପୀ ସୁଲଭ ବାସଗୃହ ନିର୍ମାଣ ଏବଂ ନଳ ଯୋଗେ ପାନୀୟ ଜଳ ଯୋଗାଣ

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ସମନ୍ୱିତ ଆର୍ଥିକ ଯୋଜନା ଜରିଆରେ ଛଅଟି ପ୍ରମୁଖ ଦିଗକୁ ନେଇ - ନବୋନ୍ମେଷ ଓ ଜ୍ଞାନକେନ୍ଦ୍ର, ପର୍ଯ୍ୟଟନସ୍ଥଳୀ, ଆନୁଷଙ୍ଗିକ ବ୍ୟବସ୍ଥା ଓ ହାଇଟେକ୍ ଉତ୍ପାଦନ, ଉଚ୍ଚତର ଶିକ୍ଷା, ଚିକିତ୍ସା ପର୍ଯ୍ୟଟକ ଓ ଯୋଜନାବଦ୍ଧ ସହରୀକରଣ, ଦୀର୍ଘସ୍ଥାୟୀ, ବହୁମୁଖୀ ଯୋଗାଯୋଗ ଏବଂ ବନ୍ଦର ଆଧାରିତ ବିକାଶକୁ ସାମିଲ କରି ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ କ୍ଷେତ୍ରକୁ (ବିସିପିପିଇଆର)କୁ ୫୦,୦୦୦ କୋଟି ଆମେରିକୀୟ ଡଲାରର ଆର୍ଥିକ କେନ୍ଦ୍ର ରୂପେ ପ୍ରତିଷ୍ଠା କରିବା

---

ବିସିପିପିଇଆରକୁ ଏକ ଆଦର୍ଶ ଭାବେ ଗ୍ରହଣ କରି ଆହୁରି ତିନୋଟି ଏପରି ସହର ସମଷ୍ଟି ସୃଷ୍ଟି କରିବା ଯଥା: ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡ଼ା

---

ଶିଳ୍ପ ପୁଞ୍ଜର ଚାରିପାଖରେ ଥିବା ଆଠଟି ସହରର ରୂପାନ୍ତରଣ: ଦୃଢ଼ ଆର୍ଥିକ ସଂଯୋଗ, ବିଶ୍ୱସ୍ତରୀୟ ଟାଉନସିପ୍, ମିଶ୍ରିତ ବ୍ୟବହାର ସ୍ଥାନ, ମୌଳିକ ଏବଂ ଅତ୍ୟାଧୁନିକ ସୁବିଧା ୧୦୦% ଉପଲବ୍ଧ କରାଇବା, ଏବଂ ବହୁମୁଖୀ ଯୋଗାଯୋଗ ସହିତ ଏକ ଆଦର୍ଶ ସହର ରୂପରେ ଅନୁଗୁଳ, ବଲାଙ୍ଗିର, ଭଦ୍ରକ, କଳିଙ୍ଗନଗର (ବ୍ୟାସନଗର), କେନ୍ଦୁଝର, ବାରିପଦା, ରାୟଗଡ଼ା ଏବଂ ରାଉରକେଲାର ବିକାଶ

---

୨୫,୦୦୦ରୁ ଅଧିକ ଜନସଂଖ୍ୟା[୧] ବିଶିଷ୍ଟ ପାଖାପାଖି ୪୫ଟି ସହରରେ ସର୍ବନିମ୍ନ ଜୀବନଧାରଣ ମାନ ସୁନିଶ୍ଚିତ କରିବା ଲାଗି ଏକ ବାସୋପଯୋଗୀ ସହର ଅଭିଯାନର ଶୁଭାରମ୍ଭ କରିବା

---

ସମସ୍ତ ସହରାଞ୍ଚଳ ସ୍ଥାନୀୟ ପ୍ରତିଷ୍ଠାନ (ୟୁଏଲବି) ପାଇଁ ପେସାଦାର ଟାଉନ ପ୍ଲାନିଂ କ୍ଷମତାର ୧୦୦% ସଦୁପଯୋଗ ସୁନିଶ୍ଚିତ କରି, ବିକାଶ, ସୁଦୃଢ଼ କ୍ଷମତା ନିର୍ମାଣ ଏବଂ ମହିଳା ସଶକ୍ତିକରଣ ଉପରେ ଧ୍ୟାନ ଦେଇ ଏକ ସୁ-ସଂଗଠିତ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବା

---

ପ୍ରାରମ୍ଭିକ ପର୍ଯ୍ୟାୟରେ ବୃହତ୍ତର ସରକାରୀ ନିବେଶ ସହିତ ପରବର୍ତ୍ତୀ ଚକ୍ରରେ କର୍ପୋରେଟ ନିବେଶକୁ ସକ୍ଷମ କରି ଆଞ୍ଚଳିକ ବିକାଶ ପ୍ରାଧିକରଣ (ଆରଡିଏ) ଅଧୀନରେ ଏକ ଟାସ୍କ ଫୋର୍ସ କମିଟି ଟିମ୍ ଗଠନ କରିବା

---


"ସହର ଯୋଜନା ନିର୍ଦ୍ଦେଶାଳୟ'କୁ ସଶକ୍ତ କରିବା ଏବଂ ପ୍ରତି ପାଞ୍ଚ ବର୍ଷରେ ଆର୍ଥିକ ଯୋଜନାର ସଂଶୋଧନ ସୁନିଶ୍ଚିତ କରି କେନ୍ଦ୍ରୀକୃତ ସହର ଯୋଜନାକୁ ସୁଦୃଢ଼ କରିବା ଭଳି ନୀତିଗତ ସଂସ୍କାର ପାଇଁ ପଦକ୍ଷେପ ନେବା

[୧] ଅନ୍ୟାନ୍ୟ ଯୋଜନାରେ ସାମିଲ ହୋଇଥିବା ସହରଗୁଡ଼ିକ ସମେତ ୨୦୧୧ ଜନଗଣନାକୁ ଆଧାର କରି

## ଭିଜନ ଓ ସଫଳତା

**ଭିଜନ ୨୦୪୭**

ସାମାଜିକ-ଆର୍ଥିକ କେନ୍ଦ୍ର ଭାବେ ସମାବେଶୀ ସହରଗୁଡ଼ିକର ସମାହାର ଯାହା ଭବିଷ୍ୟତ ପାଇଁ ପ୍ରସ୍ତୁତ ଭିତ୍ତିଭୂମି ସହିତ ସ୍ଥାୟୀ ବିକାଶର ନେତୃତ୍ୱ ନେବ ଏବଂ ଜୀବନର ଗୁଣାତ୍ମକ ମାନରେ ଉନ୍ନତି ଆଣିବ




[1] ବର୍ତ୍ତମାନ ୨୦%

## ଭିଜନ ଓ ସଫଳତା

| ବର୍ଗ | ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|---|
| | ସହରୀକରଣର ସ୍ତର | କଭରେଜ୍ % | ୧୭%[୧] | ୩୦% | ୪୦% | ୬୦% |
| ଯୋଜନା କରିବା | ୧୫ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହରଗୁଡ଼ିକ | ସଂଖ୍ୟା | ଶୂନ୍ୟ[୧] | ୧ | ୩ | ୫ |
| | ମାଷ୍ଟର ଅର୍ଥନୈତିକ ଯୋଜନା ଥିବା ସହରଗୁଡ଼ିକ | କଭରେଜ୍ % | - | ୮୦% | ୧୦୦% | ୧୦୦% |
| | ପାଇପ୍ ଜଳ ସଂଯୋଗ ଥିବା ପରିବାର | କଭରେଜ୍ % | ୯୮% | ୧୦୦% | ୧୦୦% | ୧୦୦% |
| | ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ | କଭରେଜ୍ % | ୪୦% | ୧୦୦% | ୧୦୦% | ୧୦୦% |
| ଉପଯୋଗିତା ଭିତ୍ତିଭୂମି | କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ[୨] | ଉପ୍ତି % | ୯୭.୭% | ୧୦୦% | ୧୦୦% | ୧୦୦% |
| | ବର୍ଜ୍ୟଜଳ ପରିଚାଳନା | ଉପ୍ତି % | ୨୫% | ୫୦% | ୭୦% | ୧୦୦% |
| | ବିଦ୍ୟୁତ୍ ଯୋଗାଣର ହାରାହାରି ଅବଧି | ଦୈନିକ ଘଣ୍ଟା ସଂଖ୍ୟା | ୨୩.୭ | ୨୩.୮ | ୨୩.୯ | ୨୪ |
| | ସାର୍ବଜନୀନ ପରିବହନ ସୁବିଧା ଥିବା ସହର | ସମସ୍ତର % | ୧୦% | ୨୫% | ୬୦% | ୯୦% |
| ସହରୀ ପରିବହନ/ ଯୋଗାଯୋଗ | ସାର୍ବଜନୀନ ପରିବହନ ବ୍ୟବହାର ୩ | ସାର୍ବଜନୀନ ପରିବହନ ଥିବା ସହରଗୁଡ଼ିକରେ ଦୈନିକ ଯାତ୍ରୀ % | ୫-୭% | ୨୫% | ୩୫% | >୫୦% |
| | ଅଣ-ମୋଟର ପରିବହନ (ଏନଏମଟି)[୪] | ମୋଟ୍ ସଡ଼କ ନେଟୱର୍କ ଦୈର୍ଘ୍ୟର % | - | ୫% | ୧୦% | ୨୦% |
| ଗୃହ ନିର୍ମାଣ | ପକ୍କା ଘରେ ରହୁଥିବା ଲୋକ[୫] | % | ୫୯% | ୯୦% | ୧୦୦% | ୧୦୦% |
| ଦୀର୍ଘସ୍ଥାୟୀ ଏବଂ ସମାବେଶୀ | ବୈଦ୍ୟୁତିକ ବାହନ ଏବଂ ବିକଳ୍ପ ଇନ୍ଧନ ବାହନ ପଞ୍ଜୀକରଣ | ସମୁଦାୟର % | ୧୦% | ୩୫% | ୭୦% | ୮୦% |
| | ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ)[୬] | ଏକ୍ୟୁଆଇ | ୬୫ | ୫୦ | ୪୦ | <୪୦ |
| ଘରୋଇ ନିବେଶ | ଭିତ୍ତିଭୂମି ବିକାଶରେ କର୍ପୋରେଟ୍ ନିବେଶର ଭାଗ[୭] | %[୮] | - | ୧୦% | ୧୫% | ୨୫% |
| ପ୍ରାଶାସନିକ ସଂସ୍ଥାଗୁଡ଼ିକର ସାମର୍ଥ୍ୟ ଓ ଦକ୍ଷତା ବିକାଶ | ସହରୀ ସ୍ଥାନୀୟ ସଂସ୍ଥାଗୁଡ଼ିକରେ (ୟୁଏଲବି) ଖାଲି ପଦବୀ ହାର | % | - | <୩୩% | <୨୦% | <୧୦% |
| | ବାର୍ଷିକ ତାଲିମ ସହିତ ୟୁଏଲବି | % | ୫୦% | ୮୦% | ୯୦% | ୧୦୦% |

[୧] ୨୦୧୧ ଜନଗଣନା ଅନୁସାରେ; [୨] ସ୍ୱଚ୍ଛତମ ପୋର୍ଟାଲ, ଭାରତ ସରକାର

[୩] ସାର୍ବଜନୀନ ପରିବହନର ବ୍ୟବହାର: ଓଡ଼ିଶାର ୩ଟି ବଡ଼ ସହରରେ ଦୈନିକ ୩ ଲକ୍ଷ ୩୦ ହଜାର ଲୋକ ଯାତାୟାତ କରିଥାନ୍ତି
ଦିଲ୍ଲୀ (୬୦%, ଦୈନିକ ୩୦ ଲକ୍ଷ+ ମେଟ୍ରୋ ବ୍ୟବହାରକାରୀ), ହଂକଂ (୯୦%)

[୪] ଭାରତ (ଲକ୍ଷ୍ୟ ୧୦-୧୫%), ଆମଷ୍ଟରଡାମ୍ (ଲକ୍ଷ୍ୟ ୩୦-୩୫% ସାଇକେଲ ଚାଳନା); [୫] ଆନ୍ଧ୍ର ପ୍ରଦେଶ (୯୪ ପ୍ରତିଶତ); [୬] ଚିକାଗୋ (୧୩), ପର୍ଥ (୧୪), ସାନ୍ ଫ୍ରାନ୍ସିସ୍କୋ (୨୨)

[୭] ଭାରତ (୨୦୪୭ ସୁଦ୍ଧା ୧୮ ପ୍ରତିଶତରୁ ଅଧିକ ଲକ୍ଷ୍ୟ), ମୁମ୍ବାଇ ମେଟ୍ରୋ (୬୭ ପ୍ରତିଶତ), ଲଣ୍ଡନର କ୍ରସ୍-ରେଲ୍ ପ୍ରକଳ୍ପ (୭୫ ପ୍ରତିଶତ)

[୮] ଦିଲ୍ଲୀ ବିକାଶ ପ୍ରାଧିକରଣ (୩୦ ପ୍ରତିଶତ), ହଂକଂ (୨୦ ପ୍ରତିଶତରୁ ଅଧିକ)

# ଶକ୍ତି ଏବଂ ଦୀର୍ଘସ୍ଥାୟୀ

ଭାରତର ଶକ୍ତି ଭବିଷ୍ୟତର ସଶକ୍ତିକରଣ

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ହାସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି

- ଦକ୍ଷିଣ, ପୂର୍ବ ଭାରତ ଏବଂ ତା'ବାହାରେ ବିଦ୍ୟୁତ ଯୋଗାଣ କରୁଥିବା ଶ୍ରେଷ୍ଠ ପାଞ୍ଚଟି ଶକ୍ତି ରପ୍ତାନିକାରୀ ରାଜ୍ୟ ମଧ୍ୟରେ ଅନ୍ୟତମ ହେବା
- ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ପାଇଁ ପ୍ରତିଦ୍ୱନ୍ଦ୍ୱିତାମୂଳକ ଶୁଳ୍କ ବଜାୟ ରଖି ଶିଳ୍ପ କ୍ଷେତ୍ରରେ ଅତିକମରେ ୩୩ ପ୍ରତିଶତ ସବୁଜ ଶକ୍ତି ବ୍ୟବହାର ଲକ୍ଷ୍ୟ ହାସଲ କରିବା
- ୩-୫ ଏମଏମଟିପିଏ ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ କ୍ଷମତା ଜରିଆରେ ସବୁଜ ଇସ୍ପାତ ଏବଂ ଆଲୁମିନିୟମ ଉତ୍ପାଦନ ସମେତ ସବୁଜ ଶିଳ୍ପଗୁଡ଼ିକୁ ସକ୍ଷମ କରିବା
- ପାଖାପାଖି ୧୦୦% ଡିଜିଟାଇଜେସନ୍, ବିପର୍ଯ୍ୟୟ-ପ୍ରତିରୋଧୀ ଭିତ୍ତିଭୂମି ଏବଂ ହାଇ-ଭୋଲଟେଜ୍ ଡାଇରେକ୍ଟ କରେଣ୍ଟ (ଏଚଭିଡିସି) ସିଷ୍ଟମ୍ ପରି ଉନ୍ନତ ଜ୍ଞାନକୌଶଳ ସହିତ ଏକ ଶକ୍ତି ଅନୁକୂଳ ପରିସଂସ୍ଥାନର ବିକାଶ କରିବା
- ପିଏମ କୁସୁମ ଏବଂ ପିଏମ ସୂର୍ଯ୍ୟଘର[୧] ଭଳି ରାଜ୍ୟ-ନିର୍ଦ୍ଦିଷ୍ଟ ଉତ୍ସର୍ଗୀକୃତ ପଦକ୍ଷେପ ମାଧ୍ୟମରେ କୃଷି ଏବଂ ଆବାସିକ କ୍ଷେତ୍ରରେ ୫୦%ରୁ ଅଧିକ ସବୁଜ ବିଦ୍ୟୁତକରଣ ଅଭିଯାନକୁ ଆଗେଇ ନେବା
- ଅଙ୍ଗାରକାମ୍ଳ ନିର୍ଗମନକୁ ଅତିକମରେ ୧୦ ପ୍ରତିଶତ ହ୍ରାସ କରିବା, ଉତ୍ପାଦନ, ପରିବହନ ଏବଂ କୃଷି କ୍ଷେତ୍ରରେ ଶକ୍ତି ଦକ୍ଷତାରେ ଉନ୍ନତି ଆଣିବା

ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ଆଗାମୀ ୧୨-୧୫ ବର୍ଷରେ ଉତ୍ପାଦନ, ପ୍ରସାରଣ ଏବଂ ବିତରଣ କ୍ଷେତ୍ରରେ ୨.୫-୩ ଲକ୍ଷ କୋଟି ଟଙ୍କାର ନିବେଶର ଆବଶ୍ୟକତା ପଡ଼ିବ । ଏହି କ୍ଷେତ୍ରରେ ନିଯୁକ୍ତି ତିନି ଗୁଣ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ପ୍ରମୁଖ ଚାହିଦା ହଟସ୍ପଟ୍ (ଉଦାହରଣ ସ୍ୱରୂପ, ଭୁବନେଶ୍ୱର) ପାଇଁ ପାଞ୍ଚ ବର୍ଷର ତଥ୍ୟ ଆଧାରରେ ଚାହିଦା ଯୋଜନାକୁ ଆନୁଷ୍ଠାନିକ କରିବା ସହିତ ୪ ଲକ୍ଷ ଏମୟୁ ସମୁଦାୟ ଏବଂ ୮୦-୯୦ ଜିଡବ୍ଲ୍ୟୁ ଶୀର୍ଷ ଚାହିଦା ପୂରଣ କରିବା ଲାଗି ପର୍ଯ୍ୟାପ୍ତ ସମ୍ବଳ, ପ୍ରକଳ୍ପକରଣ ଏବଂ କାର୍ଯ୍ୟକାରିତାକୁ ସକ୍ଷମ କରିବା

ଟାରିଫ୍-ଆଧାରିତ ପ୍ରତିଦ୍ୱନ୍ଦ୍ୱିତାମୂଳକ ନିଲାମୀ (ଟିବିସିବି) ମାର୍ଗର ଲାଭ ଉଠାଇ ଆନ୍ତଃରାଜ୍ୟ ଏବଂ ରାଜ୍ୟ ମଧ୍ୟରେ ଗ୍ରୀଡ୍ ସମ୍ପ୍ରସାରଣ ପାଇଁ ଯୋଜନା ସହିତ ୮୦ ହଜାରରୁ ୧ ଲକ୍ଷ କୋଟି ଟଙ୍କା ଭିତ୍ତିଭୂମି ନିବେଶ ଦିଗରେ ପରିବହନ ସମ୍ପ୍ରସାରଣ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକାରୀ କରିବା

ମୁଖ୍ୟତଃ ସବୁଜ ଶକ୍ତି ଆବଶ୍ୟକ କରୁଥିବା ଶିଳ୍ପଗୁଡ଼ିକ ପାଇଁ ଅତିକମରେ ତିନୋଟି ସବୁଜ ଶକ୍ତି ଜୋନ୍ ବିକଶିତ କରିବା

ଉତ୍ପାଦନ, ପରିବହନ ଏବଂ କୃଷି ପରି କ୍ଷେତ୍ରରେ ଶକ୍ତି ସଞ୍ଚୟ ଏବଂ ଦକ୍ଷତା ମାଧ୍ୟମରେ ଅତି କମରେ ୧୦ ପ୍ରତିଶତ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ହ୍ରାସ ହାସଲ କରିବା

୧.୮ରୁ ୨ ଲକ୍ଷ କୋଟି କର୍ପୋରେଟ୍ ପୁଞ୍ଜି ବିନିଯୋଗକୁ ରୂପାୟନ ପାଇଁ ଅନୁକୂଳ ପ୍ରୋତ୍ସାହନ ନୀତି ପ୍ରଣୟନ ଦ୍ୱାରା ଫ୍ଲୋଟିଙ୍ଗ ସୌରଶକ୍ତି ଉତ୍ପାଦନ, କ୍ଷୁଦ୍ର ମଡ୍ୟୁଲାର ରିଆକ୍ଟର ଦ୍ୱାରା ଆଣବିକ ଶକ୍ତି ଭଳି ନୂତନ ପ୍ରଯୁକ୍ତି ଆଧାରିତ ଇନ୍ଧନ ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ପ୍ରୋତ୍ସାହନ ପ୍ରଦାନ ଏବଂ ରୋଡ୍ ସୋ'ର ଆୟୋଜନ

[୧] ପିଏମ୍ କୁସୁମ: ପ୍ରଧାନମନ୍ତ୍ରୀ କିଷାନ ଉର୍ଜା ସୁରକ୍ଷା ତଥା ଉତ୍ଥାନ ମହାଭିଯାନ । ପିଏମ୍ ସୂର୍ଯ୍ୟଘର: ପ୍ରଧାନମନ୍ତ୍ରୀ-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା


ସୌର ଛାତର ସ୍ଥାପନ, ସବୁଜ ଶକ୍ତି ଉପକରଣର ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ଇତ୍ୟାଦି ଶକ୍ତି ପରିବର୍ତ୍ତନ ପାଇଁ ଶ୍ରମଶକ୍ତି ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ନିମନ୍ତେ ଲକ୍ଷ୍ୟବଦ୍ଧ ଦକ୍ଷତା ପାଠ୍ୟକ୍ରମ ଆରମ୍ଭ କରିବା

ରାଜ୍ୟ ଲକ୍ଷ୍ୟ ହାସଲ ନିମନ୍ତେ ଶକ୍ତି ବିସ୍ତାର ଏବଂ ସବୁଜ ପରିବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନସଚିବଙ୍କ ଅଧୀନରେ ଏକ ଆନ୍ତଃବିଭାଗୀୟ ୱାର୍ ରୁମ୍ ଗଠନ କରିବା

## ଭିଜନ ଓ ସଫଳତା

**ଭିଜନ ୨୦୪୭**

ଭାରତର ଶକ୍ତି ଚାହିଦାରେ ଏକ ପ୍ରମୁଖ ଶକ୍ତି ହେବା, ଏକ ଆତ୍ମନିର୍ଭରଶୀଳ ଶକ୍ତି କେନ୍ଦ୍ର ଏବଂ ଏକ ପ୍ରମୁଖ ରପ୍ତାନିକାରୀ ହେବା, ସନ୍ତୁଳିତ ଓ ଦୀର୍ଘସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନର ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ମୁଣ୍ଡ ପିଛା ଘରୋଇ ବିଦ୍ୟୁତ ବ୍ୟବହାର | କେଡବ୍ଲୁଏଚ୍/ବ୍ୟକ୍ତି | ୨୨୩ | ୨୪୮ | ୩୬୦ | ୪୩୦ |
| ସଂସ୍ଥାପିତ ଅକ୍ଷୟ ଶକ୍ତି କ୍ଷମତା[୨] | ସର୍ବମୋଟ ସ୍ଥାପିତ କ୍ଷମତାର % | ୧୮ | ୩୬ | ୬୦ | ୭୦ |
| ଅକ୍ଷୟଶକ୍ତି ଉତ୍ପାଦନ | ମୋଟ ଉତ୍ପାଦନର % | ୧୦ | ୨୦ | ୪୫ | ୫୫ |
| ତାପଜ ବିଦ୍ୟୁତ ପ୍ଲାଣ୍ଟରୁ ନିର୍ଗମନ ହ୍ରାସ (୨୦୨୪ ସ୍ତର ତୁଳନାରେ) | % | ୦ | ୧୦ | ୨୫ | ୪୦ |
| ସାମଗ୍ରିକ ବୈଷୟିକ ଏବଂ ବାଣିଜ୍ୟିକ (ଏଟି ଆଣ୍ଡ ସି) କ୍ଷତି[୪] | % | ୨୨ | ୧୫ | ୧୦ | ୭ |
| ସ୍ଥାପିତ ପମ୍ପ ଗଚ୍ଛିତ (ପିଏସପି) କ୍ଷମତା | ଭାରତର ପିଏସପି କ୍ଷମତାର % | ୦ | ୫ | ୧୫ | ୩୦ |
| ସଂସ୍ଥାପିତ ସବୁଜ ହାଇଡ୍ରୋଜେନ୍ କ୍ଷମତା | ଏମଏମଟିପିଏ | ୦ | ୧ | ୩ | ୫ |
| ସଞ୍ଚାରଣଠାରୁ ଉତ୍ପାଦନ କ୍ଷମତା ଅନୁପାତ | ଏମଭିଏ/ଏମଡବ୍ଲୁ | ୩.୨ | ୪ | ୫ | ୬ |



ସୌଜନ୍ୟ: ଓଡ଼ିଶା ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ୨୦୨୩-୨୪, ପିଏଫସି ରିପୋର୍ଟ, ସିଇଇଡବ୍ଲୁ, ଆଇଇଏ

# ସେବା କ୍ଷେତ୍ରର ବିସ୍ତାର

ନିଯୁକ୍ତି ଅଭିବୃଦ୍ଧିକୁ ଆଗେଇ ନେବା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛି

- ୨୦୪୭ ମସିହା ସୁଦ୍ଧା ରାଜ୍ୟର ଜିଏସଡିପିରେ ସେବା କ୍ଷେତ୍ରର ଯୋଗଦାନକୁ ୪୯ ପ୍ରତିଶତରୁ ଅଧିକ (ଆର୍ଥିକ ଦୃଷ୍ଟିରୁ, ବର୍ତ୍ତମାନର ୩୬ ପ୍ରତିଶତରୁ) ବୃଦ୍ଧି କରିବା, ୨୦୩୬ ମସିହା ସୁଦ୍ଧା ପ୍ରାୟ ୪୨ ପ୍ରତିଶତରେ ପହଞ୍ଚାଇବା
- ୨୦୪୭ ସୁଦ୍ଧା ଭାରତର ସେବା ଜିଭିଏରେ ୧୦ ପ୍ରତିଶତରୁ ଅଧିକ ଏବଂ ୨୦୩୬ ସୁଦ୍ଧା ୭ ପ୍ରତିଶତରେ (ବର୍ତ୍ତମାନ ୨ ପ୍ରତିଶତ) ପହଞ୍ଚାଇବା
- ପ୍ରତିଦ୍ୱନ୍ଦ୍ୱିତାମୂଳକ ଶୁଳ୍କ ବଜାୟ ରଖି ୨୦୩୬ ସୁଦ୍ଧା ଅତିକମରେ ୩୩ ପ୍ରତିଶତ ସବୁଜ ବାଣିଜ୍ୟିକ ଶକ୍ତି ବ୍ୟବହାର, ୨୦୪୭ ସୁଦ୍ଧା ୫୦ ପ୍ରତିଶତରେ ପହଞ୍ଚାଇବାରେ ସଫଳତା
- ଏହି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପ୍ରାୟ ଅଢ଼େଇ ଗୁଣ ଏବଂ ମୁଣ୍ଡ ପିଛା ଆୟ ସାତ ଗୁଣ ବୃଦ୍ଧି କରିବା

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଏହି ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ପାଇଁ ରାଜ୍ୟ ୩୦ରୁ ଅଧିକ ରଣନୀତିକ ସୁଯୋଗ ଚିହ୍ନଟ କରିଛି, ଯାହାକୁ ନିମ୍ନମତେ ବର୍ଗୀକୃତ କରାଯାଇଛି:

- ଉଚ୍ଚ କୁଶଳୀ, ଆଧୁନିକ ସୁଯୋଗ ଯଥା ବାୟୋଟେକ୍ନୋଲୋଜି, ଏରୋସ୍ପେସ୍ ଏବଂ ଖଣିଜ ଗବେଷଣା ଇତ୍ୟାଦି ଏଥିରେ କୃଷି ଓ ଖଣି ଖନନ ପାଇଁ ଡ୍ରୋନ୍ ପରିଚାଳନା ଏବଂ ପରିବର୍ତ୍ତିତ ଜନସଂଖ୍ୟାଗତ ଆବଶ୍ୟକତାକୁ ପୂରଣ କରିବା ପାଇଁ ବୟସ୍କଙ୍କ ସେବାଯତ୍ନ ଭଳି ସ୍ୱତନ୍ତ୍ର ସେବାକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ
- ଇ-କମର୍ସ ବିତରଣ ଏବଂ ବ୍ୟକ୍ତିଗତ ସେବାଯତ୍ନ ସମେତ ବ୍ୟାଙ୍କିଙ୍ଗ, ନର୍ସିଂ ଏବଂ ଗିଗ୍-ଇକୋନୋମି ଭୂମିକା ଭଳି ସ୍ୱଳ୍ପ-ଦକ୍ଷତା, ଉଚ୍ଚ-ଚାହିଦା ସୁଯୋଗର ବ୍ୟାପକ ଉପଲବ୍ଧତା ଏବଂ ଅଂଶଗ୍ରହଣ ସୁନିଶ୍ଚିତ କରିବା

ଏଗୁଡ଼ିକ ମଧ୍ୟରୁ ଓଡ଼ିଶା ନିମ୍ନଲିଖିତ ଛଅଟି ସୁଯୋଗରୁ ୬୦ ପ୍ରତିଶତରୁ ଅଧିକ ମୂଲ୍ୟ ହାସଲ କରିବ ବୋଲି ଆଶା କରାଯାଉଛି:

- ଭୁବନେଶ୍ୱରରେ ଓଡ଼ିଶାର "ଫାଇନାନ୍ସିଆଲ୍ ଟେକ୍ନୋଲୋଜି ଆଣ୍ଡ ନଲେଜ' (ଫିନଟେକ୍) ସହର ଅନ୍ତର୍ଜାତୀୟ ବ୍ୟାଙ୍କିଙ୍ଗ୍, ବୀମା ଏବଂ ଫିନଟେକ୍ ସେବା ପାଇଁ ଏକ କେନ୍ଦ୍ରସ୍ଥଳୀ ଭାବରେ କାର୍ଯ୍ୟ କରିବ
- ଆଇଟି, ଫାଇନାନ୍ସ ଏବଂ ଗ୍ରାହକ ସେବା ଆଉଟସୋର୍ସିଂର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଏବଂ ବରଗଡ-ଝାରସୁଗୁଡ଼ା-ସମ୍ବଲପୁର ଅର୍ଥନୈତିକ କ୍ଷେତ୍ରରୁ ଆରମ୍ଭ କରି ପାଞ୍ଚଟି ଅତ୍ୟାଧୁନିକ ଗ୍ଲୋବାଲ୍ କ୍ୟାପେବିଲିଟି ସେଣ୍ଟର (ଜିସିସି) ହବ୍
- ଘରୋଇ ଏବଂ ଅନ୍ତର୍ଜାତୀୟ ବଜାର ଆବଶ୍ୟକତାକୁ ପୂରଣ କରିବା ଲାଗି ସମ୍ବଲପୁର ଏବଂ ଭୁବନେଶ୍ୱରରେ ଦୁଇଟି ଶିକ୍ଷା-ସହର ଏବଂ କଟକରେ ଗୋଟିଏ ଚିକିତ୍ସା-ସହର
- ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରରେ (ବିସିପିପିଇଆର) ଅନ୍ତର୍ଜାତୀୟ ଡାଟା ସେଣ୍ଟରଗୁଡ଼ିକର ନେଟୱର୍କ, ପୁରୀସ୍ଥିତ ସମୁଦ୍ର ତଳ ଅବତରଣ ଷ୍ଟେସନ ସହିତ ରାଉରକେଲା ଏବଂ ବରଗଡ-ଝାରସୁଗୁଡ଼ା-ସମ୍ବଲପୁର ତ୍ରି-ସହରରେ ଟାୟର-୪ ଡାଟା ସେଣ୍ଟରଗୁଡ଼ିକର ନେଟୱର୍କ ଆଇଟି/ଆଇଟିଇଏସ ଶିଳ୍ପ ପାଇଁ ଉଚ୍ଚ-ବୈଷୟିକ ଭିତ୍ତିଭୂମି ପ୍ରଦାନ କରିବ
- ବିମାନ ସେବା ପାଇଁ ଆଞ୍ଚଳିକ କେନ୍ଦ୍ର, ଲଜିଷ୍ଟିକ୍ସ, ତାଲିମ ଏବଂ ନବସୃଜନକୁ ସମର୍ଥନ କରିବା
- ସବୁଜ ଇସ୍ପାତ ଏବଂ ସ୍ଥାୟୀ ଖଣିଜ ସମ୍ପଦର ବ୍ୟବହାରିକ ବିଶ୍ୱସ୍ତରୀୟ ଜ୍ଞାନ କେନ୍ଦ୍ର

## ଭିଜନ ଓ ସଫଳତା

**ଭିଜନ ୨୦୪୭**

ମୁଣ୍ଡ ପିଛା ଆୟ ବୃଦ୍ଧି ଏବଂ ଭବିଷ୍ୟତର ଚାହିଦା ପୂରଣ ପାଇଁ ପରବର୍ତ୍ତୀ ପିଢ଼ିର ଜ୍ଞାନକୌଶଳର ଲାଭ ଉଠାଇ ଉଚ୍ଚମାନର, ମୂଲ୍ୟଯୁକ୍ତ ସେବା ରପ୍ତାନିରେ ବିଶ୍ୱସ୍ତରୀୟ ନେତୃତ୍ୱ ନେବା

**୪୯%**
ରାଜ୍ୟର ସେବା କ୍ଷେତ୍ରରେ ମୋଟ ଜିଏସଡିପିକୁ ୪୯ ପ୍ରତିଶତ ଅବଦାନ (ବର୍ତ୍ତମାନ ୩୬%)

**୧୦%**
ଭାରତର ସେବା ଜିଏସଡିପିକୁ ୧୦ ପ୍ରତିଶତ ଅବଦାନ (ବର୍ତ୍ତମାନ ୨%)

**୫୦%**
ପ୍ରତିଯୋଗିତାମୂଳକ ଟାରିଫ୍ ଅନୁସରଣ କରି ସବୁଜ ବ୍ୟବସାୟିକ ଶକ୍ତି ବ୍ୟବହାର

**୨.୫X**
ଦକ୍ଷତା ନିୟୋଜନରେ ବୃଦ୍ଧି



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସୁଦ୍ଧା | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ଭାରତର ଜିଡିଏରେ ସେବା ଯୋଗଦାନ[୧] | % | ୨% | ୪% | ୭% | ୧୦% |
| ଭାରତର ରପ୍ତାନିରେ ସେବା ଯୋଗଦାନ[୨] | % | <୧% | ୨% | ୪% | >୫% |
| ଓଡ଼ିଶାର ଜିଏସଡିଏରେ ୩ ଯୋଗଦାନ (ନାମମାତ୍ର) | % | ୩୬% | ୩୮% | ୪୨% | ୪୯% |
| ମୁଣ୍ଡପିଛା ଆୟ (ନାମମାତ୍ର)[୪] | ଲକ୍ଷ ଟଙ୍କାରେ | ୧.୮ | ୩.୨ | ୯.୦ | ୩୨.୩ |
| ଓଡ଼ିଶାରେ ପ୍ରମୁଖ ସେବା ପାର୍କ | ସଂଖ୍ୟା | ୧ | ୩ | ୫ | ୭ |
| ସବୁଜ ଉତ୍ସରୁ ବାଣିଜ୍ୟିକ ଶକ୍ତି ବ୍ୟବହାର | % | <୭% | ୧୦% | ୩୩% | ୫୦% |





# ଷ୍ଟାର୍ଟଅପ୍ ଓଡ଼ିଶା

ଅଭିନବ ଉପାୟ ପାଇଁ ସୁଯୋଗ

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛି

- ଭାରତର ଶ୍ରେଷ୍ଠ ପାଞ୍ଚଟି ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ଏହାକୁ ପ୍ରତିଷ୍ଠିତ କରିବା, "ପୂର୍ବ ଭାରତର ଉଦ୍ୟୋଗ ବିକାଶ କେନ୍ଦ୍ର ହେବା ପାଇଁ"
- ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିବା ୫ରୁ ୮ଟି ୟୁନିକର୍ଣ୍ଣକୁ ପ୍ରୋତ୍ସାହନ
- ୨୦୩୬ ସୁଦ୍ଧା ମୋଟ ନିଯୁକ୍ତି ସୃଷ୍ଟିର ୧୦ ପ୍ରତିଶତ ଲକ୍ଷ୍ୟ ଷ୍ଟାର୍ଟଅପ୍ ଜରିଆରେ ହାସଲ କରିବା
- ୨୦୩୬ ସୁଦ୍ଧା ୩୩ ପ୍ରତିଶତ ମାଇଲଖୁଣ୍ଟ ସହିତ ୨୦୪୭ ସୁଦ୍ଧା ମହିଳାଙ୍କ ମାଲିକାନା ଏବଂ ନେତୃତ୍ୱରେ ୫୦ ପ୍ରତିଶତ ଷ୍ଟାର୍ଟଅପ୍ ସୁନିଶ୍ଚିତ କରିବା

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଫଳାଫଳ - ଏହା ଷ୍ଟାର୍ଟଅପଗୁଡ଼ିକୁ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବ ଏବଂ ବିପଣନ ଲାଗି ଏକ ସୁଯୋଗ ମଧ୍ୟ ପ୍ରଦାନ କରିବ

ବିଶ୍ୱ ନବସୃଜନ ଏବଂ ଷ୍ଟାର୍ଟଅପ୍ ସିଟି ପଦକ୍ଷେପ: ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରକୁ (ବିସିପିପିଇଆର) ଏକ ପ୍ରମୁଖ "ପୂର୍ବାଞ୍ଚଳର ଷ୍ଟାର୍ଟଅପ୍ କେନ୍ଦ୍ର" ଭାବେ ବିକଶିତ କରିବା, ଯାହାକି ଅତ୍ୟାଧୁନିକ ଭିତ୍ତିଭୂମି, ନବସୃଜନ କ୍ଲଷ୍ଟର ଏବଂ ଏକ ସକ୍ଷମ ନୀତି ଆଧାରରେ କରାଯିବ

ରାଜ୍ୟ ନେତୃତ୍ୱାଧୀନ କର୍ପୋରେଟ ଭେଞ୍ଚର ଫଣ୍ଡ ଏବଂ ନୂତନତା ମେଣ୍ଟ: ପ୍ରମୁଖ କର୍ପୋରେଟ ଭେଞ୍ଚର କ୍ୟାପିଟାଲ ଫାର୍ମ ଏବଂ ବିଶ୍ୱସ୍ତରୀୟ ନିବେଶକଙ୍କ ସହ ଭାଗିଦାରୀ ସ୍ଥାପନ କରି ପ୍ରମୁଖ କ୍ଷେତ୍ରରେ ଆଶାଜନକ ଷ୍ଟାର୍ଟଅପ୍‌ରେ ନିବେଶକୁ ପ୍ରସାରିତ କରିବା

ଷ୍ଟାର୍ଟଅପ୍ ପାଇଁ ପାଣ୍ଠିଗୁଡ଼ିକର ପାଣ୍ଠି: ଏସଆଇଡିବିଆଇ ପରିଚାଳିତ ୧୦୦ କୋଟି ଟଙ୍କାର ପାଣ୍ଠିଗୁଡ଼ିକର ପାଣ୍ଠି ବା ଫଣ୍ଡ୍ ଅଫ୍ ଫଣ୍ଡସ୍ (ଏଫଓଏଫ), ଯାହାକି ଅଭିବୃଦ୍ଧିର ବିଭିନ୍ନ ପର୍ଯ୍ୟାୟରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ସହାୟତା କରିବା ଏବଂ ବ୍ୟାପକ ଆର୍ଥିକ ସହାୟତା ସୁନିଶ୍ଚିତ କରିବା ପାଇଁ ଚାରୋଟି ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ) ସୃଷ୍ଟି । ଓଡ଼ିଶା ଷ୍ଟାର୍ଟଅପ୍ ଅଭିବୃଦ୍ଧି ପାଣ୍ଠି ଅଧୀନରେ ପାଣ୍ଠି ଯୋଗାଣ ଢାଞ୍ଚାକୁ ୫୦୦ କୋଟି ଟଙ୍କାକୁ ବୃଦ୍ଧି କରାଯିବ, ଯାହା ଷ୍ଟାର୍ଟଅପଗୁଡ଼ିକୁ ପାଣ୍ଠିର ପ୍ରତିବନ୍ଧକକୁ ଦୂର କରିବାରେ ସକ୍ଷମ କରିବ

ମାର୍କି ପ୍ରତିଭା ଆକର୍ଷଣ ଏବଂ ଧାରଣ କାର୍ଯ୍ୟକ୍ରମ: ବିଶ୍ୱସ୍ତରୀୟ ପ୍ରତିଭାକୁ ଆକର୍ଷିତ କରିବା ଏବଂ ରାଜ୍ୟ ମଧ୍ୟରେ ଉଦ୍ୟୋଗୀ ଆକାଂକ୍ଷାକୁ ବଜାୟ ରଖିବା ଏବଂ ପୋଷଣ କରୁଥିବା ଏକ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମ ପ୍ରଚଳନ କରିବା


ନବସୃଜନ ଜିଲ୍ଲା ଏବଂ ପୁଞ୍ଜ: ନବସୃଜନ ସମ୍ବଳର ସମାନ ଉପଲବ୍ଧତା ସୁନିଶ୍ଚିତ କରିବା, ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ବିବିଧ ଉଦ୍ୟୋଗୀ ଇକୋସିଷ୍ଟମ ଆଧାରରେ ରାଜ୍ୟର ୧୫ଟି ଜିଲ୍ଲାରେ ୧୦ରୁ ୧୫ଟି ମାର୍କି ଇନକ୍ୟୁବେଟର ପାର୍କ ସ୍ଥାପନ କରିବା

ଇକୋସିଷ୍ଟମ ଲିଙ୍କେଜ୍‌କୁ ସୁଦୃଢ଼ କରିବା: ଓଡ଼ିଆ ଷ୍ଟାର୍ଟଅପ୍‌ଗୁଡ଼ିକର ବଜାର ପହଞ୍ଚକୁ ବୃଦ୍ଧି କରିବା ଏବଂ ଏକ ସମୃଦ୍ଧ ଉଦ୍ୟୋଗ ପୁଞ୍ଜି ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା, ଏହାଦ୍ୱାରା ଦୀର୍ଘକାଳୀନ ଅଭିବୃଦ୍ଧି ପାଇଁ ଏକ ଭିତ୍ତିଭୂମି ନିର୍ମାଣ କରିବା

## ଭିଜନ ଓ ସଫଳତା

**ଭିଜନ ୨୦୪୭**

**ସଶକ୍ତ ନିବେଶକ ଗୋଷ୍ଠୀ, ବୃହତ ପରାମର୍ଶଦାତା ମଞ୍ଚ ଏବଂ ଉଦ୍ୟୋଗୀ ମନୋଭାବ ଦ୍ୱାରା ଓଡ଼ିଶାକୁ ଏକ ସର୍ବୋତ୍ତମ ଷ୍ଟାର୍ଟଅପ୍ ଲକ୍ଷ୍ୟସ୍ଥଳ ଭାବରେ ପ୍ରତିଷ୍ଠା କରିବା**




## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ଅବସ୍ଥା | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ମୋଟ ଷ୍ଟାର୍ଟଅପ୍ ସଂଖ୍ୟା | "୦୦୦ ସଂଖ୍ୟକ | ~୨.୫ | ୭ | ୧୫ | ୪୦ |
| ଷ୍ଟାର୍ଟଅପ୍ ଇକୋସିଷ୍ଟମ ଦ୍ୱାରା ସୃଷ୍ଟି ହୋଇଥିବା ନିଯୁକ୍ତି | "୦୦୦ ସଂଖ୍ୟକ | – | ୧୦୦ | ୫୦୦ | ୧,୨୦୦ |
| ଓଡ଼ିଶାର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ (ଏଚଇଆଇ) ଷ୍ଟାର୍ଟଅପ୍ | "୦୦୦ ସଂଖ୍ୟକ | ~୧ | ୨ | ୪ | ୬ |
| ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ୍ | ସମୁଦାୟର % | ୮% | ୧୫% | ୩୩% | ୫୦% |







VIKSIT BHARAT

VISION DOCUMENT
2036 | 2047

# ଆମ ପରମ୍ପରା - ଆମ ଗୌରବ

ସମୃଦ୍ଧ ଐତିହ୍ୟ, ଭାଷା, ସାଂସ୍କୃତିକ ସମ୍ପଦ ହେଉଛି ଓଡ଼ିଶାର ପରିଚୟ ଏବଂ ବିଶ୍ୱସ୍ତରୀୟ ଆକର୍ଷଣର ଶକ୍ତିଶାଳୀ ଉତ୍ସ ।ଆମର ପରମ୍ପରା ଆମ ଅଭିବୃଦ୍ଧିରେ ସହାୟକ ହେବ, କାରଣ ଆମ ବର୍ତ୍ତମାନର ପର୍ଯ୍ୟଟନ ଏବଂ ସୃଜନଶୀଳ ଅର୍ଥ ବ୍ୟବସ୍ଥାକୁ ଇନ୍ଧନ ଯୋଗାଇବା ସହିତ ଓଡ଼ିଆ ଅସ୍ମିତାକୁ ମଜଭୁତ କରିବ ।

ଆମ ପରମ୍ପରା ଅଧୀନରେ ଥିବା ଅଧ୍ୟାୟଗୁଡ଼ିକ ହେଲା:

- ବିବିଧତାରେ ପରିପୂର୍ଣ୍ଣ ସଂସ୍କୃତି, ଭାଷା ଏବଂ ଐତିହ୍ୟ ଦ୍ୱାରା "ଓଡ଼ିଆ ଅସ୍ମିତା'କୁ ଆଗକୁ ନେବା
- ପ୍ରମୁଖ ପର୍ଯ୍ୟଟନସ୍ଥଳୀ: ଭାରତ ମଧ୍ୟରେ ଓଡ଼ିଶାକୁ ବିଶ୍ୱର ପ୍ରମୁଖ ସ୍ଥାନରେ ପରିଣତ କରିବାକୁ ବିଚାର କରିବା





# ବିବିଧତାରେ ପରିପୂର୍ଣ୍ଣ ସଂସ୍କୃତି, ଭାଷା ଏବଂ ଐତିହ୍ୟ

"ଓଡ଼ିଆ ଅସ୍ମିତା'ର ଉତ୍ତମତା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛି

- ଦେଶ ଭିତରେ ତଥା ସାରା ବିଶ୍ୱରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରୋତ୍ସାହନ
- ଅଧିକ ନିଯୁକ୍ତି ସୃଷ୍ଟି କରିବା ପାଇଁ ଏକ ସ୍ଥାୟୀ ଆର୍ଥିକ ଚିନ୍ତାଧାରା ସହିତ ଚିହ୍ନଟ ହୋଇଥିବା ଐତିହ୍ୟ ସ୍ଥଳଗୁଡ଼ିକର ସଂରକ୍ଷଣ ଏବଂ ବିକାଶ
- ଯୁବବର୍ଗ ଏବଂ ମହିଳାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଆଦର୍ଶ କଳା, ହସ୍ତଶିଳ୍ପ ଏବଂ ହସ୍ତତନ୍ତ ଗ୍ରାମ ପ୍ରତିଷ୍ଠା କରି ସଂସ୍କୃତି-ଭିତ୍ତିକ ଅର୍ଥବ୍ୟବସ୍ଥାକୁ ବିସ୍ତାର କରିବା, ବାର୍ଷିକ ୭୦୦ କୋଟି ଟଙ୍କା ରାଜସ୍ୱ ଉପାର୍ଜନ ଲକ୍ଷ୍ୟ ରଖି କାରିଗର ତାଲିମ ଏବଂ ନିଯୁକ୍ତି ବ୍ୟାଙ୍କ ନିର୍ମାଣକୁ ସମର୍ଥନ କରିବା; ଜି୨ଜି-ସମର୍ଥିତ ସାଂସ୍କୃତିକ ଆଦାନପ୍ରଦାନ ମାଧ୍ୟମରେ ଓଡ଼ିଶାକୁ "କାରିଗରଙ୍କ ପାଇଁ ବିଶ୍ୱସ୍ତରୀୟ କେନ୍ଦ୍ର' ଭାବରେ ସ୍ଥାନିତ କରିବା, ପଟ୍ଟଚିତ୍ର ଏବଂ ଡୋକ୍ରା କାଷ୍ଟିଂ ଭଳି ବିଭିନ୍ନ ହସ୍ତଶିଳ୍ପ ପାଇଁ ଉତ୍କର୍ଷ କେନ୍ଦ୍ର (ସିଓଇ) ବିକାଶ କରିବା, ଏବଂ ସମସ୍ତ ଜିଲ୍ଲାରେ ଅସ୍ମିତା ଭବନ/ସଂସ୍କୃତି ଭବନ ଇତ୍ୟାଦି ସ୍ଥାପନ କରିବା

୨୦ରୁ ଅଧିକ ଐତିହ୍ୟ ସ୍ଥଳ ପାଇଁ ବିଶ୍ୱସ୍ତରୀୟ ମାନ୍ୟତା ହାସଲ କରିବା ଏବଂ ଜ୍ଞାନକୌଶଳ ସମନ୍ୱୟନ ସହିତ ପାଞ୍ଚଟି "ଆଦର୍ଶ ସଂଗ୍ରହାଳୟ'ର ବିକାଶ କରିବା, ଅନ୍ୟପକ୍ଷରେ ସବୁ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ରାଜ୍ୟ ପର୍ଯ୍ୟଟନ ବିକାଶରେ ସାମିଲ କରିବା ସୁନିଶ୍ଚିତ କରିବା । ସଂଗ୍ରହାଳୟ, ସର୍ବସାଧାରଣ ମନ୍ଦିର ପରିସର ଏବଂ ମହାପୁରୁଷଙ୍କ ସ୍ମୃତି କ୍ଷେତ୍ରରେ ଆଭାସୀ ପର୍ଯ୍ୟଟନ କିମ୍ବା ୱାକ୍ ଥ୍ରୁ (ଭିଡିଓ ବା ଫଟୋ ଓ ଲେଖା ମାଧ୍ୟମରେ ବିଶେଷତ୍ୱ ପ୍ରଦର୍ଶନ) ନିର୍ମାଣ କରିବା

- "ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ ଏବଂ ବ୍ୟାଖ୍ୟାନ କେନ୍ଦ୍ର' ପ୍ରତିଷ୍ଠା, ଯେଉଁଠାରେ ସମସ୍ତ ରୀତିନୀତି, ଅବତାର, ପରମ୍ପରା ଏବଂ ସ୍କନ୍ଧ ପୁରାଣର କାହାଣୀକୁ ଚିତ୍ରିତ କରୁଥିବା ଚଳଚ୍ଚିତ୍ର ପ୍ରଦର୍ଶିତ ହେବ
- ପର୍ଯ୍ୟଟନସ୍ଥଳୀ ରୂପେ ବିକଶିତ କରିବା ସହିତ ଓଡ଼ିଶାର ବରପୁତ୍ର, କଳା ଓ ହସ୍ତଶିଳ୍ପ ଏବଂ ସ୍ୱାଧୀନତା ସଂଗ୍ରାମୀ ଗ୍ରାମଗୁଡ଼ିକୁ "ଐତିହ୍ୟ ଗ୍ରାମ' ଭାବେ ମାନ୍ୟତା ପ୍ରଦାନ କରାଯିବ

ଭର୍ଚୁଆଲ୍ ହେରିଟେଜ୍ ଟୁର, ମନ୍ଦିର ପରିଚାଳନା ବ୍ୟବସ୍ଥା ଏବଂ ଇ-କମର୍ସ ମାର୍କେଟସ୍ଥଳ ସମେତ ଏହାର ୱାନ୍-ଷ୍ଟପ୍-ସପ୍ ଡିଜିଟାଲ୍ ପ୍ଲାଟଫର୍ମରେ ସର୍ବନିମ୍ନ ପାଞ୍ଚ ଲକ୍ଷ ବାର୍ଷିକ ପରିଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ଓଡ଼ିଶାର ସାଂସ୍କୃତିକ ସମ୍ପତ୍ତିକୁ ଡିଜିଟାଇଜେସନ୍ କରିବା (ଅନଲାଇନରେ ଉପଲବ୍ଧ କରାଇବା), ସରକାରୀ-ବେସରକାରୀ ଭାଗିଦାରୀ (ପିପିପି) ମାଧ୍ୟମରେ ସ୍ଥାନୀୟ କଳା, ହସ୍ତଶିଳ୍ପ ଏବଂ ହସ୍ତତନ୍ତ ପାଇଁ ଏକ ସମନ୍ୱିତ ବଜାର ସୃଷ୍ଟି କରିବା

ପଟ୍ଟଚିତ୍ର, ଡୋକରା କାଷ୍ଟିଂ, କଂସା ଏବଂ ପିତ୍ତଳ ଓ ବିଭିନ୍ନ ହସ୍ତତନ୍ତ ଉତ୍ପାଦନ ଭଳି ଶିଳ୍ପ କ୍ଷେତ୍ରରେ ଉତ୍କର୍ଷ କେନ୍ଦ୍ରର ବିକାଶ

ବର୍ଷସାରା ଉତ୍ସବ ଏବଂ କାର୍ଯ୍ୟକ୍ରମର ଏକ କ୍ୟାଲେଣ୍ଡର ତିଆରି କରିବା, ଯାହା ଦ୍ୱାରା ରାଜ୍ୟ ପର୍ଯ୍ୟଟକଙ୍କ ଯୋଗଦାନ ଅତି କମରେ ୧୦ ପ୍ରତିଶତ ରହିବ । ଏଥିରେ ରଥ ଯାତ୍ରା, ବାଲିଯାତ୍ରା, ଧନୁଯାତ୍ରା ଏବଂ ଖଣ୍ଡଗିରି ମେଳା ଆଦି ଐତିହାସିକ ଆନ୍ତର୍ଜାତୀୟ ଉତ୍ସବ ଏବଂ ପ୍ରବାସୀ ଓଡ଼ିଆ ଦିବସକୁ ଏକ ଦ୍ୱିବାର୍ଷିକ ଆନ୍ତର୍ଜାତୀୟ ମେଗା ଇଭେଣ୍ଟ ଭାବରେ ଉନ୍ନୀତ କରାଯିବ

ନୀତି, ଆର୍ଥିକ ସହାୟତା ଏବଂ ଗବେଷଣା ତଥା କଳାକୃତି ସଂଗ୍ରହ ପାଇଁ ଏକ ରୋଡମ୍ୟାପ୍ ମାଧ୍ୟମରେ ଭବିଷ୍ୟତ ପିଢ଼ି ନିମନ୍ତେ ଓଡ଼ିଆ ଭାଷା, ସଂସ୍କୃତି ଏବଂ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବ । ଏ ସମସ୍ତକୁ ସୂଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ଗୋଟିଏ ବିଶେଷଜ୍ଞ ପରାମର୍ଶ ବୋର୍ଡ ଏବଂ ନିରନ୍ତର ଆର୍ଥିକ ସହାୟତା ପାଇଁ ଏକ ଉପବିଭାଗ ସମ୍ବଳିତ ଏବଂ ଦକ୍ଷ ପ୍ରାଶାସନିକ ବ୍ୟବସ୍ଥାର ଆବଶ୍ୟକତା ରହିଛି

## ଭିଜନ ଓ ସଫଳତା

**ଭିଜନ ୨୦୪୭**

ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ପ୍ରୋତ୍ସାହନ ଏବଂ ଉନ୍ନତିକରଣ, ଦୀର୍ଘସ୍ଥାୟୀ ବିକାଶ ସୁନିଶ୍ଚିତ କରିବା ଓ ତାହାକୁ ଆଧୁନିକ ଜ୍ଞାନକୌଶଳ ସହିତ ସଂଯୋଗ ଏବଂ ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର

**~୧୦୦%**

ଚିହ୍ନଟ ହୋଇଥିବା ଐତିହ୍ୟ ସ୍ଥଳଗୁଡ଼ିକର ସଂରକ୍ଷଣ ଏବଂ ଅଭିବୃଦ୍ଧି

**ଅଗ୍ରଣୀ**

ରାଜ୍ୟମାନଙ୍କ ମଧ୍ୟରେ ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ଅଭିବୃଦ୍ଧି ପାଇଁ ଏକ ସୁପରିକଳ୍ପିତ ଯୋଜନାର ରୂପାୟନ

**ଶ୍ରେଷ୍ଠ ୩**

ୟୁନେସ୍କୋ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଶ୍ୱସ୍ତରୀୟ ସ୍ଥାୟୀ ଏବଂ ଅସ୍ଥାୟୀ ଐତିହ୍ୟସ୍ଥଳଗୁଡ଼ିକ ମଧ୍ୟରେ ପ୍ରଥମ ୩ଟି ମଧ୍ୟରେ ସ୍ଥାନିତ ହେବା ଲକ୍ଷ୍ୟ



[୧] ଜିଏସଭିଏ କ୍ଷେତ୍ରର ଯୋଗଦାନ ପର୍ଯ୍ୟଟନର ୨୫% ଏବଂ ବୟନଶିଳ୍ପର ୧୫-୨୦% ଆକଳନ କରିବା

## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ସଂସ୍କୃତି ଏବଂ ଐତିହ୍ୟ ସମ୍ବନ୍ଧୀୟ ଉତ୍ପାଦ ଏବଂ ଉପଲବ୍ଧ ସେବାରୁ ରାଜସ୍ୱ [୨] | ବର୍ତ୍ତମାନ ଆଧାରରେ ଗୁଣିତକ ମାନ | ୧X | ୨X | ୫X | ୧୦X |
| ଜାତିସଂଘ ମାନ୍ୟତାପ୍ରାପ୍ତ ବିଶ୍ୱସ୍ତରୀୟ ସ୍ଥାୟୀ ଐତିହ୍ୟସ୍ଥଳୀ [୩] | ସଂଖ୍ୟା | ୧ | ୫ | ୮ | ୧୫ |
| ଜାତିସଂଘ ମାନ୍ୟତାପ୍ରାପ୍ତ ବିଶ୍ୱସ୍ତରୀୟ ଅସ୍ଥାୟୀ ଐତିହ୍ୟସ୍ଥଳୀ [୪] | ସଂଖ୍ୟା | ୦ | ୨ | ୫ | ୭ |
| ବିଶ୍ୱ ଏବଂ ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ କଳାକାରଗଣ | ବର୍ଦ୍ଧିତ ସଂଖ୍ୟା | – | ୧୦+ | ୫୦+ | ୧୦୦+ |









[୧] ପର୍ଯ୍ୟଟନର ୨୫ ପ୍ରତିଶତ ଏବଂ ବୟନଶିଳ୍ପ ଜିଏସଭିଏର ୧୫-୨୦%; ବିଶ୍ୱ ହାରାହାରି (୩.୧ ପ୍ରତିଶତ), ଯୁକ୍ତରାଷ୍ଟ୍ର ଆମେରିକା (୪.୪ ପ୍ରତିଶତ), ଭାରତ ୨୦୨୧ (୦.୫ ପ୍ରତିଶତ), ୨୦୪୭ ଲକ୍ଷ୍ୟ (୫ ପ୍ରତିଶତ)

[୨] କଳା, ହସ୍ତତନ୍ତ, ହସ୍ତଶିଳ୍ପ, ଏବଂ ସୂଚନା ଏବଂ ପ୍ରସାରଣ (ଉଦାହରଣ ସ୍ୱରୂପ, ଐତିହ୍ୟ ପଦଯାତ୍ରା, ଚଳଚ୍ଚିତ୍ର ସୁଟିଂ) ସମେତ

[୩] ଭାରତ (ମୋଟ) - ୪୨, ଚୀନ୍ - ୫୬, ଇଟାଲୀ - ୫୨; [୪] ଭାରତ (ମୋଟ) - ୧୫, ଚୀନ୍ - ୪୨, ସ୍ପେନ - ୨୫

ଉତ୍ସ: ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୩-୨୪, ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକା ପରିସଂଖ୍ୟାନ, ୨୦୨୩; ଆର୍ଥିକ ବିଶ୍ଳେଷଣ ବ୍ୟୁରୋର ୟୁ.ଏସ. ୨୦୨୧; ୟୁନେସ୍କୋ କ୍ରିଏଟିଭ୍ ସିଟି ନେଟୱାର୍କ, ୨୦୨୩

# ପ୍ରମୁଖ ପର୍ଯ୍ୟଟନସ୍ଥଳ

ଭାରତ ମଧ୍ୟରେ ଓଡ଼ିଶାକୁ ବିଶ୍ୱର ପ୍ରମୁଖ ସ୍ଥାନରେ ପରିଣତ କରିବାକୁ ବିଚାର କରିବା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛି

- ବିଶ୍ୱସ୍ତରୀୟ ପରିବେଶ - ଅନୁକୂଳ ସାଂସ୍କୃତିକ ପର୍ଯ୍ୟଟନ କେନ୍ଦ୍ର: ଓଡ଼ିଶାର ଅନନ୍ୟ ସାଂସ୍କୃତିକ ଏବଂ ପରିବେଶଗତ ସମ୍ପଦକୁ ପ୍ରଦର୍ଶିତ କରୁଥିବା ୧୫ଟି ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳଗୁଡ଼ିକର ବିକାଶ କରି ଏସିଆର ଶ୍ରେଷ୍ଠ ପାଞ୍ଚଟି ପରିବେଶ ଅନୁକୂଳ ସାଂସ୍କୃତିକ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସ୍ଥାନିତ କରିବା
- ପର୍ଯ୍ୟଟକ ସଂଖ୍ୟା: ବାର୍ଷିକ ପାଞ୍ଚ କୋଟି ଘରୋଇ ପର୍ଯ୍ୟଟକଙ୍କ ଆଗମନ (ଡିଟିଏ) ଏବଂ ସାତ ଲକ୍ଷ ବିଦେଶୀ ପର୍ଯ୍ୟଟକ ଆଗମନ (ଏଫଟିଏ) ଲକ୍ଷ୍ୟ ହାସଲ
- ଆତିଥ୍ୟ ଭିତ୍ତିଭୂମି: ୨୦୩୬ ମସିହା ସୁଦ୍ଧା ୧୫,୦୦୦ର ମଧ୍ୟବର୍ତ୍ତୀକାଳୀନ ଲକ୍ଷ୍ୟ ସହିତ ତାରକା-ବର୍ଗ ହୋଟେଲ୍ ରୁମ୍ ସୂଚୀକୁ ୨୫,୦୦୦ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବା
- ନିଯୁକ୍ତି ସୃଷ୍ଟି: ୨୦୪୭ ମସିହା ସୁଦ୍ଧା ୨୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିବା ଏବଂ ସରକାରୀ-ଘରୋଇ ଭାଗିଦାରୀ (ପିପିପି) ଦ୍ୱାରା ଏବଂ ପ୍ରମୁଖ ଗନ୍ତବ୍ୟସ୍ଥଳରେ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ମାଧ୍ୟମରେ ଏକ ଉଚ୍ଚ କୁଶଳୀ ପର୍ଯ୍ୟଟନ ଶ୍ରମଶକ୍ତିକୁ ପ୍ରୋତ୍ସାହିତ କରିବା
- ଦୀର୍ଘସ୍ଥାୟୀ ପର୍ଯ୍ୟଟନ: ଓଡ଼ିଶାର ପ୍ରାକୃତିକ ଏବଂ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ପରିବେଶ ଅନୁକୂଳ କାର୍ଯ୍ୟବିଧି, ସମାବେଶୀ ବିକାଶ ଏବଂ ଗୋଷ୍ଠୀ ପରିଚାଳିତ ପର୍ଯ୍ୟଟନ ପଦକ୍ଷେପକୁ ପ୍ରୋତ୍ସାହିତ କରିବା

## ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଏହି ଫଳାଫଳ ହାସଲ କରିବା ପାଇଁ, ଓଡ଼ିଶା ପ୍ରାରମ୍ଭିକ ଭାବରେ ପ୍ରାକୃତିକ ସମ୍ପଦ, ପୂର୍ବରୁ ରହିଥିବା ଭିତ୍ତିଭୂମି ଏବଂ ଅଭିବୃଦ୍ଧିର ସମ୍ଭାବନାକୁ ଆଧାର କରି ଚୟନ କରାଯାଇଥିବା ୧୦ଟି ଉଚ୍ଚ-ସମ୍ଭାବନାପୂର୍ଣ୍ଣ ସ୍ଥାନର ବିକାଶକୁ ପ୍ରାଥମିକତା ଦେବ। ଏହା ବ୍ୟାପକ କ୍ଷେତ୍ରୀୟ ରୂପାନ୍ତରଣ ମୂଳଦୁଆ ଭାବେ କାର୍ଯ୍ୟ କରିବ।

ଓଡ଼ିଶାର ପର୍ଯ୍ୟଟନ କାର୍ଯ୍ୟନୀତି ଚାରୋଟି ମୁଖ୍ୟ ସ୍ତମ୍ଭ ଉପରେ ଆଧାରିତ, ଯାହା ପ୍ରତ୍ୟେକ ପ୍ରାଥମିକତା ଗନ୍ତବ୍ୟସ୍ଥଳରେ କାର୍ଯ୍ୟକାରୀ ହେବ:

### ଗନ୍ତବ୍ୟସ୍ଥଳର ବିକାଶ ଏବଂ ପରିଚାଳନା

- ବ୍ୟାପକ ମାଷ୍ଟର ପ୍ଲାନ ଜରିଆରେ ପ୍ରତ୍ୟେକ ଗନ୍ତବ୍ୟସ୍ଥଳ ପାଇଁ ସ୍ୱତନ୍ତ୍ର ପରିଚୟ ବିକଶିତ କରିବା
- ପରିବହନ ସଂଯୋଗ, ପରିଦର୍ଶକ ସୁବିଧା ଏବଂ ସୁରକ୍ଷା ପଦକ୍ଷେପ ସମେତ ଭିତ୍ତିଭୂମିର ଉନ୍ନତି
- ପ୍ରତ୍ୟେକ ସ୍ଥାନର ପରିବେଶଗତ ସନ୍ତୁଳନ ଏବଂ ସାଂସ୍କୃତିକ ପ୍ରାମାଣିକତାକୁ ବଜାୟ ରଖିବା ପାଇଁ ଦୀର୍ଘସ୍ଥାୟୀ କାର୍ଯ୍ୟବିଧି ଅବଲମ୍ବନ କରିବା
- ଦୀର୍ଘକାଳୀନ କାର୍ଯ୍ୟକ୍ଷମତା ସୁନିଶ୍ଚିତ କରିବା ପାଇଁ ଦକ୍ଷ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ପ୍ରତିଷ୍ଠା କରିବା

### ବିପଣନ, ବ୍ରାଣ୍ଡିଂ, ପ୍ରୋତ୍ସାହନ ଏବଂ ଡିଜିଟାଲ ପଦକ୍ଷେପ

- ଓଡ଼ିଶାକୁ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ଅଭିଯାନ ଆରମ୍ଭ କରିବା
- ଓଡ଼ିଶାର ଅନନ୍ୟ ପର୍ଯ୍ୟଟନ ବିଭବ ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ସାଂସ୍କୃତିକ ମହୋତ୍ସବ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟନ ମେଳା ଭଳି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରିବା

- ଇ-ବୁକିଂ, ଭର୍ଚୁଆଲ୍ ଟୁର୍ ଏବଂ ଡିଜିଟାଲ୍ ପେମେଣ୍ଟ ସମେତ ପର୍ଯ୍ୟଟକଙ୍କୁ ତୃପ୍ତିକର ଅନୁଭୂତି ଦେବା ପାଇଁ ଡିଜିଟାଲ୍ ପ୍ଲାଟଫର୍ମ ଏବଂ ମୋବାଇଲ୍ ଆପ୍ଲିକେସନ୍ ବିକଶିତ କରିବା
- ଆନ୍ତର୍ଜାତୀୟସ୍ତରରେ ଓଡ଼ିଶାକୁ ଆକର୍ଷଣୀୟ ଭାବେ ପ୍ରଦର୍ଶନ କରିବା ପାଇଁ ଟ୍ରାଭେଲ୍ ଇନଫ୍ଲୁଏନ୍ସର୍, ଚଳଚ୍ଚିତ୍ର ନିର୍ମାତା ଏବଂ ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକୁ ସାମିଲ କରିବା

### ସାମର୍ଥ୍ୟ ବୃଦ୍ଧି ଏବଂ ଦକ୍ଷତା ବିକାଶ

- ସ୍ଥାନୀୟ ଲୋକଙ୍କ ଆତିଥ୍ୟ, ଖାଦ୍ୟ ଏବଂ ପାନୀୟ ସେବା, ପରିବେଷଣ, ପରିବହନ ଏବଂ ଗାଇଡେଡ୍ ଟୁର୍ ଭଳି କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ଅତ୍ୟାଧୁନିକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରିବା
- ବିଶ୍ୱ ତଥା ଜାତୀୟସ୍ତରୀୟ ଅନୁଷ୍ଠାନ ସହିତ ସହଭାଗିତାରେ ଉନ୍ନତ ତାଲିମ ଏବଂ ସାର୍ଟିଫିକେଟ୍ ପ୍ରଦାନ ପାଇଁ କାର୍ଯ୍ୟକ୍ରମ
- ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ପର୍ଯ୍ୟଟନ ସମ୍ବନ୍ଧୀୟ ଉଦ୍ୟୋଗଗୁଡ଼ିକରେ ମହିଳା ଏବଂ ଯୁବପିଢ଼ିଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା
- ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ବହୁଭାଷୀ ଗାଇଡ୍ ଏବଂ ବିଭିନ୍ନ ସେବା ପ୍ରଦାନକାରୀଙ୍କୁ ପ୍ରସ୍ତୁତ କରିବା

### ନିବେଶ ପ୍ରୋତ୍ସାହନ

- ପର୍ଯ୍ୟଟନସ୍ଥଳୀର ବିକାଶ ଲାଗି ପୁଞ୍ଜି ଆକର୍ଷିତ କରିବା ପାଇଁ ଅନ୍ତର୍ଜାତୀୟ ଏବଂ ଘରୋଇ ନିବେଶକଙ୍କ ସହ ସମ୍ପର୍କ ସ୍ଥାପନ
- ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଜମି ଆବଣ୍ଟନ, ଟିକସ ଏବଂ ପୁଞ୍ଜି ରିହାତି ସହ ସ୍ୱତନ୍ତ୍ର ନିବେଶ ପ୍ୟାକେଜ ପ୍ରଚଳନ କରିବା
- ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଏବଂ ପରିଚାଳନା ପାଇଁ ସରକାରୀ-ଘରୋଇ ଭାଗିଦାରୀ (ପିପିପି) ମଡେଲକୁ ସୁଗମ କରିବା
- କେରଳ ଏବଂ ରାଜସ୍ଥାନ ଭଳି ରାଜ୍ୟର ସଫଳ ପର୍ଯ୍ୟଟନ ମଡେଲକୁ ଅନୁକରଣ କରି ସର୍ବୋତ୍ତମ ପର୍ଯ୍ୟଟନ କାର୍ଯ୍ୟଧାରା ପ୍ରସ୍ତୁତ କରିବା



**ଭିଜନ ୨୦୪୭**

ଭାରତ ବିଷୟରେ ଚିନ୍ତା କରନ୍ତୁ, ଓଡ଼ିଶା ବିଷୟରେ ଚିନ୍ତା କରନ୍ତୁ: ଅନନ୍ୟ ସଂସ୍କୃତି, ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ଐତିହ୍ୟକୁ ଆଧାରକରି ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ସହିତ ପର୍ଯ୍ୟଟକମାନଙ୍କ ପାଇଁ ବିରଳ ଅନୁଭୂତି ଯୋଗାଇ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା


**ଶ୍ରେଷ୍ଠ ୫**
ପରିବେଶ ପର୍ଯ୍ୟଟନ ଏବଂ ସାଂସ୍କୃତିକ ପର୍ଯ୍ୟଟନରେ ଏସିଆର ଶୀର୍ଷ ୫ଟି ସ୍ଥାନରେ ରହିଥିବା ପର୍ଯ୍ୟଟନସ୍ଥଳ

**୧୫ଟି ପର୍ଯ୍ୟଟନସ୍ଥଳ**
ପରିବେଶ ପର୍ଯ୍ୟଟନ ଏବଂ ସାଂସ୍କୃତିକ ପର୍ଯ୍ୟଟନ ଭଳି ଦୁଇଟି ପ୍ରମୁଖ ବିଷୟବସ୍ତୁ ଆଧାରିତ

**୨୫,୦୦୦**
ତାରକା ବର୍ଗର ହୋଟେଲ୍ ରୁମ୍

**୧୦୦%**
ସବୁ ପର୍ଯ୍ୟଟନ ସେବା ପ୍ରଦାନକାରୀ ସଂସ୍ଥାକୁ ମାନ୍ୟତା ଏବଂ ତାଲିମ୍ ପ୍ରଦାନ

**୫ କୋଟି**
୭ ଲକ୍ଷ ବିଦେଶୀ ପର୍ଯ୍ୟଟକଙ୍କୁ ମିଶାଇ ୫ କୋଟି ପର୍ଯ୍ୟଟକଙ୍କ ଆଗମନ



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ଶ୍ରେଣୀ-୧ : ଫଳାଫଳ-ଭିତ୍ତିକ | | | | | |
| ହୋଟେଲ ଏବଂ ରେଷ୍ଟୋରାଁ ଦ୍ୱାରା ଜିଏସଡିଏ ଯୋଗଦାନ | ଭାରତୀୟ ମୁଦ୍ରା କୋଟିରେ | ~୫[୩] | ୮ | ୪୦ | ୧୦୦ |
| ପର୍ଯ୍ୟଟକଙ୍କ ମୋଟ ଆଗମନ | ଲକ୍ଷ | ୧୨୩ | ୨୫୬ | ୩୧୯ | ୫୪୭ |
| ବିଦେଶୀ ପର୍ଯ୍ୟଟକଙ୍କ ଆଗମନ | ଲକ୍ଷ | ୦.୮ | ୧.୬ | ୩.୦ | ୭.୦ |
| ରହିବାର ହାରାହାରି ଅବଧି - ବିଦେଶୀ ପର୍ଯ୍ୟଟକ | ଦିବସ | ୯[୪] | ୧୦ | ୧୧ | ୧୨ |
| ରହିବାର ହାରାହାରି ଅବଧି - ଘରୋଇ ପର୍ଯ୍ୟଟକ | ଦିବସ | ୩[୪] | ୩.୫ | ୪ | ୫ |
| ଅଧିକ ଖର୍ଚ୍ଚ କରୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା[୫] | ଲକ୍ଷ | ୭ | ୧୨ | ୩୦ | ୫୦ |
| ପ୍ରତ୍ୟକ୍ଷ ପର୍ଯ୍ୟଟନ ନିଯୁକ୍ତି | ଲକ୍ଷ | ~୧୨[୬] | ~୧୪.୫ | ~୨୦ | ~୨୫ |
| କିଛି ପ୍ରମୁଖ ପର୍ଯ୍ୟଟନସ୍ଥଳରେ ଅତ୍ୟଧିକ ଭିଡ଼[୭] | ପର୍ଯ୍ୟଟନ ଆଗମନ ଧାରଣ କ୍ଷମତା | ପ୍ରଯୁଜ୍ୟ ନୁହେଁ | <୦.୮ | <୦.୯ | <୧ |



VISION DOCUMENT
2036 | 2047



# ବୈଷୟିକ ଜ୍ଞାନ ପଥ ପ୍ରଦର୍ଶକ

ଡିଜିଟାଲ ଯୁଗରେ ସଫଳ ହେବା ପାଇଁ ଓଡ଼ିଶା ନବସୃଜନ ଏବଂ ଉଦ୍ୟୋଗୀକରଣରେ ନେତୃତ୍ୱ ନେବା ଆବଶ୍ୟକ । ଏହି ସ୍ତମ୍ଭ ଜ୍ଞାନ-ପରିଚାଳିତ ଅର୍ଥବ୍ୟବସ୍ଥା, ଷ୍ଟାର୍ଟଅପ୍ ବୃଦ୍ଧି କରିବା, ଗବେଷଣା ଇକୋସିଷ୍ଟମ ଏବଂ ବିଶ୍ୱସ୍ତରୀୟ ଅନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ମୂଳଦୁଆ ପକାଇବ ଯାହା ଭବିଷ୍ୟତର ଶିଳ୍ପଗୁଡ଼ିକୁ ଶକ୍ତି ଯୋଗାଇବ ।

ଏହି ସ୍ତମ୍ଭ ଅଧୀନରେ ଥିବା ଅଧ୍ୟାୟଗୁଡ଼ିକରେ ସାମିଲ ରହିଛି:

- **ଗବେଷଣା ଏବଂ ଜ୍ଞାନ ଆଧାରିତ ଅର୍ଥବ୍ୟବସ୍ଥା**






# ଗବେଷଣା ଏବଂ ଜ୍ଞାନ ଆଧାରିତ ଅର୍ଥବ୍ୟବସ୍ଥା

## ୨୦୪୭ ମସିହା ସୁଦ୍ଧା ଓଡ଼ିଶା ନିମ୍ନଲିଖିତ ସଫଳତାର ପରିକଳ୍ପନା କରିଛି

- ନୀତି ଆୟୋଗ ଦ୍ୱାରା ପ୍ରକାଶିତ ଜାତୀୟ ନବସୃଜନ ସୂଚକାଙ୍କରେ ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ
- ୨୦୪୭ ମସିହା ସୁଦ୍ଧା ଗବେଷଣା ଓ ବିକାଶ ବ୍ୟୟ (ସରକାରୀ ଓ ଘରୋଇ ନିବେଶ) କୁ ଓଡ଼ିଶାର ଜିଏସଡିପିର ୩.୫ ପ୍ରତିଶତକୁ ବୃଦ୍ଧି କରିବା ଓ ୨୦୩୬ ମସିହା ସୁଦ୍ଧା ୨.୫ ପ୍ରତିଶତ ମଧ୍ୟବର୍ତ୍ତୀକାଳୀନ ମାଇଲଖୁଣ୍ଟରେ ପହଞ୍ଚାଇବା
- ୨୦୩୬ ସୁଦ୍ଧା ପ୍ରତି ନିୟୁତ ଜନସଂଖ୍ୟାରେ ପ୍ରଥମ ଶ୍ରେଣୀର ଜର୍ଣ୍ଣାଲରେ ୨,୦୦୦ ରୁ ଅଧିକ ପ୍ରକାଶନ ଲକ୍ଷ୍ୟ ସହିତ ୨୦୪୭ ସୁଦ୍ଧା ୪୦୦୦ରୁ ଅଧିକ ପ୍ରକାଶନ ଲକ୍ଷ୍ୟ ହାସଲ କରିବା
- ୨୦୪୭ ମସିହା ସୁଦ୍ଧା ବାର୍ଷିକ ୫୦,୦୦୦ରୁ ଅଧିକ ସ୍ୱତ୍ୱାଧିକାର ଦାଖଲ କରିବାର ସୁବିଧା ପ୍ରଦାନ କରିବା

## ସଫଳତା ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଏକ ସୁଦୃଢ଼ ଜ୍ଞାନ ଅର୍ଥବ୍ୟବସ୍ଥାରେ ଯୋଗଦାନ କରିପାରିବା ଏବଂ ବାସ୍ତବ-ବିଶ୍ୱ ଆହ୍ୱାନର ମୁକାବିଲା କରିପାରିବା ପାଇଁ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ (ଏଚଇଆଇ) ନବସୃଜନର ସଂସ୍କୃତି ବିକଶିତ କରିବା, ସେଗୁଡ଼ିକୁ ଉତ୍କର୍ଷ କେନ୍ଦ୍ର (ସିଓଇ) ଏବଂ ଜ୍ଞାନ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା; ଦକ୍ଷ ଗବେଷକ ସୃଷ୍ଟି କରିବା ଉପରେ ଧ୍ୟାନ ଦେବା

**ଶିଳ୍ପ ପରିଚାଳିତ ଗବେଷଣା ଓ ବିକାଶକୁ ପ୍ରୋତ୍ସାହନ ଦେବା:**

- ଶିକ୍ଷା ଏବଂ ଉଦ୍ୟୋଗ ମଧ୍ୟରେ ସହଯୋଗ ବୃଦ୍ଧି କରି ନବସୃଜନକୁ ତ୍ୱରାନ୍ୱିତ କରିବା
- ବୈଷୟିକ ପ୍ରଗତି ଏବଂ ଦକ୍ଷତାକୁ ପରିଚାଳିତ କରୁଥିବା ଗବେଷଣା ଓ ବିକାଶ ପଦକ୍ଷେପକୁ ସମର୍ଥନ କରି ଶିଳ୍ପ ପ୍ରତିଦ୍ୱନ୍ଦ୍ୱିତାକୁ ବୃଦ୍ଧି କରିବା ।

**ପ୍ରମୁଖ ଗବେଷଣା ପ୍ରତିଷ୍ଠାନକୁ ଆକୃଷ୍ଟ କରିବା:**

- ପ୍ରତିଯୋଗିତାମୂଳକ ପ୍ରୋତ୍ସାହନ ପ୍ରଦାନ ଏବଂ ଏକ ଅନୁକୂଳ ଗବେଷଣା ପରିବେଶ ସୃଷ୍ଟି କରି ଅଗ୍ରଣୀ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ପାଇଁ ଓଡ଼ିଶାକୁ ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବେ ସ୍ଥାନିତ କରିବା
- ଜାତୀୟ ଏବଂ ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ ସଂଗଠନଗୁଡ଼ିକ ସହିତ ଭାଗିଦାରୀକୁ ପ୍ରୋତ୍ସାହିତ କରି ଉନ୍ନତ ନବସୃଜନ ଏବଂ ଜ୍ଞାନ ସୃଷ୍ଟିକୁ ସୁଗମ କରିବା

**ଓଡ଼ିଶା ଗବେଷଣା ଏବଂ ନବସୃଜନ ପାଣ୍ଠି (ଓଆରଆଇଏଫ୍) ର ଶୁଭାରମ୍ଭ:**

- ବିଭିନ୍ନ କ୍ଷେତ୍ରରେ ଯୁଗାନ୍ତକାରୀ ଗବେଷଣାକୁ ସହାୟତା କରିବା ପାଇଁ ଏକ ଉତ୍ସର୍ଗୀକୃତ ପାଣ୍ଠି ଭାବେ ଓଆରଆଇଏଫ୍ ପ୍ରତିଷ୍ଠା କରିବା
- ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ପାଇଁ ଅତ୍ୟାଧୁନିକ ନବସୃଜନ ପାଇଁ ଆର୍ଥିକ ଏବଂ ଭିତ୍ତିଭୂମି ସହାୟତା ପ୍ରଦାନ କରିବା


**ଏକ ସମୃଦ୍ଧ ଷ୍ଟାର୍ଟଅପ୍ ଏବଂ ନିବେଶ ଇକୋସିଷ୍ଟମ୍ ନିର୍ମାଣ ପାଇଁ ଉଦ୍ୟମ କରାଯିବ**

- ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗ ନିବେଶ ପାଇଁ ଏକ ପରିବର୍ତ୍ତନଶୀଳ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରି ଓଡ଼ିଶାର ଉଦ୍ୟୋଗୀ ପରିଦୃଶ୍ୟକୁ ସୁଦୃଢ଼ କରିବା
- ଜ୍ଞାନକୌଶଳ ପରିଚାଳିତ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ଓଡ଼ିଶାକୁ ଉଦ୍ୟୋଗୀ ନବସୃଜନର କେନ୍ଦ୍ରସ୍ଥଳୀ ଭାବେ ପ୍ରତିଷ୍ଠିତ କରିବା

## ଭିଜନ ଓ ସଫଳତା

**ଭିଜନ ୨୦୪୭**

ଓଡ଼ିଶା ନିଜକୁ ନବସୃଜନର ଏକ ଅଗ୍ରଣୀ କେନ୍ଦ୍ରସ୍ଥଳୀରେ ପରିଣତ କରିବାକୁ ଚାହୁଁଥିବାରୁ, ଦୀର୍ଘସ୍ଥାୟୀ ଆର୍ଥିକ ଅଭିବୃଦ୍ଧି, ସମାବେଶୀ ସାମାଜିକ ବିକାଶ ଏବଂ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାକୁ ମଜବୁତ ଗବେଷଣାଭିତ୍ତିକ ଇକୋସିଷ୍ଟମ ଏବଂ ଗତିଶୀଳ ଶିଳ୍ପ-ଶିକ୍ଷାନୁଷ୍ଠାନ ଭାଗିଦାରୀ ମାଧ୍ୟମରେ ପ୍ରୋତ୍ସାହିତ କରୁଛି




## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ ସ୍ଥିତି | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| ଗବେଷଣା ଓ ବିକାଶ ଖର୍ଚ୍ଚ | ଜିଏସଡିପିର % | - | ୦.୫% | ୦.୫% | ୩.୫% |
| ଗବେଷକଙ୍କ ସଂଖ୍ୟା | ପ୍ରତି "୦୦୦ ଜନସଂଖ୍ୟାରେ | - | - | ୧ | ୩ |
| ବୌଦ୍ଧିକ ସମ୍ପତ୍ତି (ଆଇପି) ଅଧିକାର | ପ୍ରତି ଦଶ ଲକ୍ଷ ଜନସଂଖ୍ୟାରେ | - | ୦.୨% | ୦.୬% | ୦.୧% |
| ଟିୟର-୧ ଜର୍ଣ୍ଣାଲରେ ପ୍ରକାଶନ | ପ୍ରତି ଦଶ ଲକ୍ଷ ଜନସଂଖ୍ୟାରେ | - | ୫୦୦ | ୨,୦୦୦ | ୪,୦୦୦ |
| ବାର୍ଷିକ ପେଟେଣ୍ଟ ଦାଖଲ | ସଂଖ୍ୟା | ୫୬୭ | ୧,୫୦୦ | ୧୫,୦୦୦ | ୫୦,୦୦୦ |
| ଭାରତ ନବସୃଜନ ସୂଚକାଙ୍କ (ନୀତି ଆୟୋଗ) | ମାନ୍ୟତା | ୧୬ତମ | ଶ୍ରେଷ୍ଠ ୧୨ | ଶ୍ରେଷ୍ଠ ୮ | ଶ୍ରେଷ୍ଠ ୫ |





VISION DOCUMENT
2036 | 2047



# ଜନକୈନ୍ଦ୍ରିକ ପ୍ରଶାସନ

ଉତ୍ତମ ପ୍ରଶାସନ ସେବା ପ୍ରଦାନର ଆଧାର ଏହି ସ୍ତମ୍ଭ ସ୍ୱଚ୍ଛତା, ଡିଜିଟାଇଜେସନ୍, ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ସଂସ୍ଥାଗତ ସଂସ୍କାରକୁ ପ୍ରୋତ୍ସାହିତ କରେ - ନାଗରିକମାନେ ସମ୍ମାନପୂର୍ବକ ତ୍ୱରିତ ଓ ଉତ୍ତରଦାୟିତ୍ୱ ସହ ସେବା ପ୍ରାପ୍ତ କରିବା ସୁନିଶ୍ଚିତ କରିଥାଏ ।

ଏହି ସ୍ତମ୍ଭ ଅଧୀନରେ ଥିବା ଅଧ୍ୟାୟଗୁଡ଼ିକରେ ସାମିଲ ରହିଛି:

- **ବାଧାମୁକ୍ତ ପ୍ରଶାସନ:** ଏକ ସ୍ୱଚ୍ଛ, ଜନ କୈନ୍ଦ୍ରିକ ଏବଂ ଡିଜିଟାଲ-ପ୍ରଥମ ଶାସନ ବ୍ୟବସ୍ଥା ସୁନିଶ୍ଚିତ କରିବା
- **ବିପର୍ଯ୍ୟୟ ପରିଚାଳନା:** ଜୀବନ ରକ୍ଷା କରିବା ଏବଂ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ କରିବା






# ବାଧାମୁକ୍ତ ପ୍ରଶାସନ

ଏକ ସ୍ୱଚ୍ଛ, ଜନ କୈନ୍ଦ୍ରିକ ଏବଂ ଡିଜିଟାଲ-ପ୍ରଥମ ଶାସନ ବ୍ୟବସ୍ଥା ସୁନିଶ୍ଚିତ କରିବା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତାର ପରିକଳ୍ପନା କରିଛି

- ପ୍ରାଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗ (ଡିଏଆରପିଜି) ଦ୍ୱାରା ପ୍ରକାଶିତ ସୁଶାସନ ସୂଚକାଙ୍କରେ ଏକ ଅଗ୍ରଣୀ ରାଜ୍ୟ ହେବା ଏବଂ ଭାରତ ପାଇଁ "ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ସୂଚକାଙ୍କରେ ଶୀର୍ଷ ତିନୋଟି ରାଜ୍ୟ ମଧ୍ୟରେ ରହିବା
- "ଓଡ଼ିଶା ୱାନ୍' ପ୍ଲାଟଫର୍ମ ଜରିଆରେ ସମସ୍ତ ବାଧ୍ୟତାମୂଳକ ଇ-ସେବା ପ୍ରଦାନ କରିବା
- ପ୍ରାୟତଃ ଶୂନ୍ୟ ଅଭିଯୋଗ ଅସମାହିତ ରହିବା ହାର ଲକ୍ଷ୍ୟ ହାସଲ କରିବା
- ପୁଲିସ ବାହିନୀରେ ମହିଳାମାନଙ୍କ ପାଇଁ ଅତିକମରେ ୫୦ ପ୍ରତିଶତ ଭାଗ ସୁନିଶ୍ଚିତ କରିବା

## ସଫଳତା ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଏକ ସାକ୍ଷାତମୁକ୍ତ, ନିରବଚ୍ଛିନ୍ନ ଏବଂ ସ୍ୱଚ୍ଛ ଭୂମି ପ୍ରଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବା

ଆଇନ ଶୃଙ୍ଖଳା ପ୍ରବର୍ତ୍ତନକୁ ଅଧିକ ସହାନୁଭୂତିଶୀଳ, ନାଗରିକ କୈନ୍ଦ୍ରିକ ଏବଂ ଉତ୍ତରଦାୟୀ କରିବା ପାଇଁ ଏକ କେନ୍ଦ୍ରୀକୃତ ଓ ପ୍ରଭାବଶାଳୀ ଅଭିଯୋଗ ପରିଚାଳନା ବ୍ୟବସ୍ଥାର ବିକାଶ କରିବା

ସାମାଜିକ ସୁରକ୍ଷା ସୁବିଧାର ନ୍ୟାୟସଙ୍ଗତ ବଣ୍ଟନ ସୁନିଶ୍ଚିତ କରିବା-କାଗଜବିହୀନ ଓଡ଼ିଶା ଦିଗରେ ରୂପାନ୍ତରଣ

ନାଗରିକଙ୍କ ସମ୍ପୃକ୍ତିରେ ନିବେଶ ଜାରି ରଖିବା ନାଗରିକ ଓ ବ୍ୟାବସାୟିକ ସେବାର ଡିଜିଟାଇଜେସନ୍ ସମ୍ପୂର୍ଣ୍ଣତା ହାସଲ କରିବା

ପ୍ରଶାସନ ପାଇଁ ସରକାରଙ୍କ କ୍ଷମତା ଏବଂ ସାମର୍ଥ୍ୟ ବୃଦ୍ଧି



## ଭିଜନ ଓ ସଫଳତା

**ଭିଜନ ୨୦୪୭**

ସୁଦୃଢ଼ ଡିଜିଟାଲ ଭିତ୍ତିଭୂମି, ଉଚ୍ଚ ଅଂଶୀଦାରଙ୍କ ଉତ୍ତରଦାୟିତ୍ୱ ଏବଂ ନାଗରିକକୈନ୍ଦ୍ରିକ ସେବା ପ୍ରଦାନ ସହିତ ଏକ ସାକ୍ଷାତମୁକ୍ତ, ନିରବଚ୍ଛିନ୍ନ ଏବଂ ନ୍ୟାୟସଙ୍ଗତ ଶାସନ ବ୍ୟବସ୍ଥା ସୃଷ୍ଟି କରିବା


**ଅଗ୍ରଣୀ**
ଡିଏଆରପିଜି ଦ୍ୱାରା ପ୍ରକାଶିତ ସୁଶାସନ ସୂଚକାଙ୍କ ରେ ଏକ ଅଗ୍ରଣୀ ରାଜ୍ୟ ହେବା

**ଶ୍ରେଷ୍ଠ ୩**
ଭାରତ ପାଇଁ "ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟରେ (ଏସଡିଜି) ଶ୍ରେଷ୍ଠ ୩ ରାଜ୍ୟ ମଧ୍ୟରେ ସାମିଲ ହେବା

**୧୦୦%**
"ଓଡ଼ିଶା ୱାନ୍' ପ୍ଲାଟଫର୍ମ ଜରିଆରେ ୧୦୦% ବାଧ୍ୟତାମୂଳକ ଇ-ସେବା ପ୍ରଦାନ କରିବା

ପ୍ରାୟତଃ ଶୂନ୍ୟ ଅଭିଯୋଗ ପଡ଼ି ରହିବା ହାର ଲକ୍ଷ୍ୟ ହାସଲ କରିବା

**୫୦%**
ପୁଲିସ ବାହିନୀରେ ମହିଳାମାନଙ୍କ ପାଇଁ ଅତିକମରେ ୫୦ ପ୍ରତିଶତ ଭାଗିଦାରୀ



## ଭିଜନ ଓ ସଫଳତା

| ପ୍ରମୁଖ ସଫଳତା | ଏକକ | ବର୍ତ୍ତମାନ | ୨୦୨୯ | ୨୦୩୬ | ୨୦୪୭ |
|---|---|---|---|---|---|
| "ଓଡ଼ିଶା ୱାନ୍' ପ୍ଲାଟଫର୍ମ ଜରିଆରେ ଯୋଗାଇ ଦିଆଯାଉଥିବା ବାଧ୍ୟତାମୂଳକ ଇ-ସେବା | % | ୬୭%[୧] | ୧୦୦% | ୧୦୦% | ୧୦୦% |
| ଅସମାହିତ ଅଭିଯୋଗ ହାର[୨,୩] | % | ୩୦% | ୨୦% | ୧୦% | ୦% |
| "ଉତ୍ତମ ପ୍ରଶାସନ ସୂଚକାଙ୍କ'ରେ ପ୍ରଦର୍ଶନ[୪] | ଭାରତରେ ମାନ୍ୟତା | ୭ମ[୫] | ଶ୍ରେଷ୍ଠ ୫ | ଶ୍ରେଷ୍ଠ ୩ | ଅଗ୍ରଣୀ ରାଜ୍ୟ |
| "ଏସଡିଜି ଭାରତ ସୂଚକାଙ୍କ' ଉପରେ ପ୍ରଦର୍ଶନ[୬] | ଜବଭଳ ସଭ ଓଭୟସବ | ୧୨ଶ | ଶ୍ରେଷ୍ଠ ୧୦ | ଶ୍ରେଷ୍ଠ ୫ | ଶ୍ରେଷ୍ଠ ୩ |
| ପୁଲିସ-ନାଗରିକ ଅନୁପାତ[୭] | ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ସଂଖ୍ୟା | ୧୪୮ | ୧୬୫ | ୨୦୦ | ୩୦୦ |
| ପୁଲିସ ବାହିନୀରେ ମହିଳାମାନଙ୍କ ପାଇଁ ଭାଗିଦାରୀ [୮,୯(%)] | % | ୯% | ୧୫% | ୩୦% | ୫୦% |



[୧] ୬୫୭ଟି ସେବା ମଧ୍ୟରୁ ୪୪୨ଟି ସଂଯୁକ୍ତ; ୨ ନିର୍ଦ୍ଦିଷ୍ଟ ବର୍ଷରେ ପ୍ରାପ୍ତ ମୋଟ ତୁଳନାରେ ବିଚାରାଧୀନ ଅଭିଯୋଗର ପ୍ରତିଶତ ଭାବରେ ଗଣନା କରାଯାଏ

[୩] ଉତ୍ତର ପ୍ରଦେଶଃ ୬.୫%; ୪ ମଧ୍ୟପ୍ରଦେଶଃ ୮ଟି ଗ୍ରୁପ୍-ବି ରାଜ୍ୟ ମଧ୍ୟରେ ପ୍ରଥମ; ୮ଟି ଗ୍ରୁପ୍-ବି ରାଜ୍ୟ ମଧ୍ୟରେ ୫ଟି; ୬ଟି କେରଳ ଏବଂ ଉତ୍ତରାଖଣ୍ଡ ଅଗ୍ରଣୀ

[୭] ଗୋଆ: ୫୧୨ ଛତିଶଗଡ଼: ୨୨୦; ୮ ତାମିଲନାଡୁ: ୧୯ ପ୍ରତିଶତ; ୯ ବେସାମରିକ, ଜିଲ୍ଲା ସଶସ୍ତ୍ର ରିଜର୍ଭ, ସଶସ୍ତ୍ର ଏବଂ ଭାରତୀୟ ରିଜର୍ଭ ବାଟାଲିଅନ ସମେତ

ସୌଜନ୍ୟ: ଡିଏଆରପିଜି; ନୀତି ଆୟୋଗ; ବ୍ୟୁରୋ ଅଫ୍ ପୁଲିସ୍ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ରିପୋର୍ଟ ୨୦୨୨, ସେଣ୍ଟର ଫର୍ ଇକୋନୋମିକ ଡାଟା ଆଣ୍ଡ ଆନାଲିସିସ୍ (ସିଇଡିଏ), ଅଶୋକା ବିଶ୍ୱବିଦ୍ୟାଳୟ; ଓଡ଼ିଶା ସରକାରଙ୍କ ଗୃହ ବିଭାଗ

# ବିପର୍ଯ୍ୟୟ ପରିଚାଳନା

ଜୀବନ ରକ୍ଷା କରିବା ଏବଂ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ କରିବା

## ୨୦୪୭ ମସିହା ସୁଦ୍ଧା ରାଜ୍ୟ ନିମ୍ନଲିଖିତ ସଫଳତାର ପରିକଳ୍ପନା କରିଛି

- ପ୍ରାକୃତିକ ବିପର୍ଯ୍ୟୟ ବେଳେ କ୍ଷୟକ୍ଷତିକୁ ଶୂନ୍ୟ କରିବା
- ଜୀବିକା ଉପରେ ବିପର୍ଯ୍ୟୟ ଶୂନ୍ୟ ପ୍ରତିକୂଳ ପ୍ରଭାବ ସୁନିଶ୍ଚିତ କରିବା, ବିଶେଷ କରି ଦୁର୍ବଳ ଜନ ସମୁଦାୟ ପାଇଁ
- ସାପ କାମୁଡ଼ିବା, ପାଣିରେ ବୁଡ଼ିମରିବା ଏବଂ ବିଜୁଳି ମାରିବା ଭଳି ଟାଳି ହେଉଥିବା ବିପଦରୁ "ଶୂନ୍ୟ ମୃତ୍ୟୁ' ଲକ୍ଷ୍ୟ

## ସଫଳତା ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ସର୍ବୋତ୍ତମ ଶ୍ରେଣୀର ଜ୍ଞାନକୌଶଳ, ଉପକରଣ ଏବଂ ମାନକ ପରିଚାଳନା ପ୍ରକ୍ରିୟା (ଏସଓପି) ଦ୍ୱାରା ବିପର୍ଯ୍ୟୟ ମୁକାବିଲା ବାହିନୀର ଅଭିବୃଦ୍ଧି ଏବଂ ଆଧୁନିକୀକରଣ କରିବା

ଏକ ବିପର୍ଯ୍ୟୟ-ପ୍ରତିରୋଧକ ଗୋଷ୍ଠୀ ଏବଂ ସାର୍ବଜନୀନ ଭିତ୍ତିଭୂମି ନିର୍ମାଣ

ପ୍ରାରମ୍ଭିକ-ଚେତାବନୀ ସଙ୍କେତଗୁଡ଼ିକ ପାଇଁ ଶେଷ-ମାଇଲ ସଂଯୋଗ ସୁନିଶ୍ଚିତ କରିବା

ବିପର୍ଯ୍ୟୟ ପ୍ରବଣ ସମ୍ପ୍ରଦାୟରେ ବିକଳ୍ପ ଜୀବିକା ସୁଯୋଗ ସୃଷ୍ଟି କରିବା

ଅଞ୍ଚଳର ଦୁର୍ବଳତା ପ୍ରୋଫାଇଲ ଅନୁଯାୟୀ ବିପର୍ଯ୍ୟୟ ପ୍ରତିରୋଧକ ସାର୍ବଜନୀନ ଭିତ୍ତିଭୂମି ନିର୍ମାଣ କରିବା

"ୟୁନିଫାଏଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସିଷ୍ଟମ୍ (ୟୁସିସିଏସ)' ବିକଶିତ କରି ବର୍ତ୍ତମାନର ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ଏସଇଓସି)'କୁ ସୁଦୃଢ଼ କରିବା

ଗବେଷଣା ଏବଂ ସର୍ବୋତ୍ତମ ଅଭ୍ୟାସର ପ୍ରସାର ପାଇଁ ଏକ ଜ୍ଞାନ କେନ୍ଦ୍ର ସୃଷ୍ଟି କରିବା


ପ୍ରଭାବୀ ବିପର୍ଯ୍ୟୟ ପରିଚାଳନା ପାଇଁ ସଂସ୍ଥାଗତ ବ୍ୟବସ୍ଥାକୁ ସୁଦୃଢ଼ କରିବା



## ଭିଜନ ଓ ସଫଳତା

**ଭିଜନ ୨୦୪୭**

ଜ୍ଞାନକୌଶଳ ଗ୍ରହଣ, ପ୍ରତିରୋଧୀ ଭିତ୍ତିଭୂମି ଏବଂ ଗୋଷ୍ଠୀ ଅଂଶଗ୍ରହଣ ଦ୍ୱାରା ଅଗ୍ରଣୀ ବିପର୍ଯ୍ୟୟ ପରିଚାଳନା ପାଇଁ ଏକ ବିଶ୍ୱସ୍ତରୀୟ ଆଲୋକବର୍ତ୍ତିକା ରୂପେ ବିବେଚିତ ହେବା ।



## ୫. ଭିତ୍ତିଭୂମିକୁ କାର୍ଯ୍ୟକ୍ଷମ କରିବା

ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ର କେନ୍ଦ୍ର ଆଧାରରେ ଛଅଟି ମୌଳିକ ସ୍ତମ୍ଭ ରହିଛି – ଆମ ସହଭାଗୀ ପ୍ରତିବଦ୍ଧତା ସହ ଏଭଳି ଏକ ଭବିଷ୍ୟତ ନିର୍ମାଣ କରିବା ଯାହା ଦ୍ୱାରା ପ୍ରତ୍ୟେକ ଓଡ଼ିଆ ସମୃଦ୍ଧ ହେବାର ସୁଯୋଗ ପାଇବେ । ଏହି ସ୍ତମ୍ଭଗୁଡ଼ିକ କେବଳ କାଗଜ କଲମରେ ପ୍ରାଥମିକତା ନୁହେଁ, ବରଂ ଓଡ଼ିଶାର ଲୋକଙ୍କ ସାମୂହିକ ଆଶାକୁ ପ୍ରତିନିଧିତ୍ୱ କରେ ।

ଏହି ଭିଜନକୁ ସାକାର କରିବା ପାଇଁ, ଏହାର ପ୍ରତ୍ୟେକ ସ୍ତମ୍ଭକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ କେନ୍ଦ୍ରିତ ଉପଅଧ୍ୟାୟ ମାଧ୍ୟମରେ ପରିବର୍ଦ୍ଧିତ କରାଯାଇଛି ଯାହାକି ୨୪ଟି ବିଷୟଭିତ୍ତିକ କ୍ଷେତ୍ରକୁ ଏକତ୍ର କରେ ।ଏହି କ୍ଷେତ୍ରଗୁଡ଼ିକ ଆମର ବିକାଶ ଲକ୍ଷ୍ୟଗୁଡ଼ିକର ବ୍ୟାପକ ପରିସରକୁ ପ୍ରତିଫଳିତ କରେ –ଯାହାକି କୌଣସି ନାଗରିକ, ଅଞ୍ଚଳ କିମ୍ବା କ୍ଷେତ୍ର ଯେପରି ପଛରେ ନ ରହିଯିବେ, ତାହା ସୁନିଶ୍ଚିତ କରିବା ପାଇଁ ଯତ୍ନ ସହକାରେ ପ୍ରସ୍ତୁତ କରାଯାଇଛି ।

**ପ୍ରତ୍ୟେକ ଉପ-ଅଧ୍ୟାୟରେ ନିମ୍ନଦିଗଗୁଡ଼ିକ ଆଲୋକପାତ କରାଯାଇଛି:**

- ୨୦୩୬ ଏବଂ ୨୦୪୭ ପାଇଁ ନୀତିଗତ ପଦକ୍ଷେପ
- ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏବଂ ଉଚ୍ଚ ପ୍ରଭାବ ସମ୍ପନ୍ନ ହସ୍ତକ୍ଷେପ
- ପ୍ରଗତି ପାଇଁ ମାଇଲଖୁଣ୍ଟ ଏବଂ ମାପଯୋଗ୍ୟ ଫଳାଫଳ
- ନାଗରିକଙ୍କ ଜୀବନ, ଜୀବିକା ଏବଂ ସମ୍ପ୍ରଦାୟ ଉପରେ ବାସ୍ତବ ପ୍ରଭାବ

ଏହି ଭିଜନ ଯେପରି ଲୋକମାନଙ୍କ ଆକାଂକ୍ଷା ଉପରେ ଆଧାରିତ ଏବଂ ସ୍ପଷ୍ଟ, ସମୟ ସୀମା ମଧ୍ୟରେ ଲକ୍ଷ୍ୟ ହାସଲ କରିହେବ ସେହି ଆଭିମୁଖ୍ୟକୁ ସୁନିଶ୍ଚିତ କରେ ।

ଏକ ଅଗ୍ରଗାମୀ ଏକ ଅଗ୍ରଣୀ ରାଜ୍ୟ ଭାବେ ଆମେ କେବଳ ଦୀର୍ଘକାଳୀନ କାର୍ଯ୍ୟ ଉପରେ ଧ୍ୟାନ ଦେଉ ନାହୁଁ । ବରଂ ୨୦୪୭ ପାଇଁ ଭିଜନର ପ୍ରମୁଖ ଫଳାଫଳ ଏବଂ ପଦକ୍ଷେପଗୁଡ଼ିକ ସହିତ ୨୦୨୯ ଏବଂ ୨୦୩୬ରେ ମଧ୍ୟବର୍ତ୍ତୀ ଲକ୍ଷ୍ୟ ନିର୍ଦ୍ଦିଷ୍ଟ କରୁଛୁ – ଯାହା ଆମକୁ ଆମର ଅଗ୍ରଗତିକୁ ମାପିବାରେ, ସମୟୋଚିତ ସଂଶୋଧନ କରିବାରେ ଏବଂ ସଠିକ ମାର୍ଗରେ ରହିବାକୁ ସକ୍ଷମ କରିବ ।

ବାସ୍ତବ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ, ଆମେ ୩୬ଟି ଉଚ୍ଚ ପ୍ରାଥମିକତା ବିଶିଷ୍ଟ ପ୍ରମୁଖ (ପ୍ରଦର୍ଶନଯୋଗ୍ୟ) କାର୍ଯ୍ୟକ୍ରମ ଚିହ୍ନଟ କରିଛୁ, ଯାହାକୁ ବ୍ୟାପକ ଦୃଷ୍ଟିକୋଣରୁ ଯତ୍ନ ସହକାରେ ଚୟନ କରାଯାଇଛି ।୨୦୩୬ ମସିହାରେ ଓଡ଼ିଶା ଏହାର ଶତବାର୍ଷିକୀ ପାଳନ କରିବା ବେଳକୁ ଦୃଶ୍ୟମାନ ଫଳାଫଳ ପ୍ରଦାନ କରିବା ପାଇଁ ଏହି ୩୬ ପାଇଁ ୩୬ ପଦକ୍ଷେପଗୁଡ଼ିକ ପରିକଳ୍ପନା କରାଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଭିତ୍ତିଭୂମି ଏବଂ ଶାସନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଆମର ପ୍ରତିଶ୍ରୁତିକୁ ତାହା ପ୍ରତିଫଳିତ କରୁଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ଏକ ଦୂରବର୍ତ୍ତୀ ପ୍ରତିଶ୍ରୁତି ନୁହେଁ । ଓଡ଼ିଶା ସରକାରଙ୍କ ପ୍ରତ୍ୟେକ ବିଭାଗ ଆଗାମୀ ୨୪ ମାସ ପାଇଁ ତୁରନ୍ତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ସ୍ପଷ୍ଟ ପ୍ରାଥମିକତା ଏବଂ ପଦକ୍ଷେପଗୁଡିକ ରେଖାଙ୍କିତ ହୋଇଛି ଯାହା ସିଧାସଳଖ ଆମ ଲୋକଙ୍କ ଜୀବନକୁ ଛୁଇଁବ । ଏହି କାର୍ଯ୍ୟକଳାପଗୁଡିକ ଏକ ରିଅଲ୍ ଟାଇମ୍ ଡ୍ୟାସବୋର୍ଡ୍ ମାଧ୍ୟମରେ ନିୟମିତ ଭାବରେ ସରକାରଙ୍କ ସର୍ବୋଚ୍ଚ ସ୍ତରରେ ସମୀକ୍ଷା କରାଯିବ ଯାହାଦ୍ୱାରା ଆମେ ଉତ୍ତରଦାୟୀ ଏବଂ ଦାୟିତ୍ୱସମ୍ପନ୍ନ ରହିବାକୁ ହେବ ।



## ୬. ଭବିଷ୍ୟତରେ ନିବେଶ: ମିଳିତ ଭାବେ ମୂଳଦୁଆ ନିର୍ମାଣ


୨୦୩୬ ରେ ଓଡ଼ିଶା ରାଜ୍ୟ ଗଠନର ୧୦୦ ତମ ବର୍ଷ ଆଡ଼କୁ ଅଗ୍ରସର ହେଉଥିବାବେଳେ ଏବଂ ୨୦୪୭ ରେ ଭାରତ ଏହାର ସ୍ୱାଧୀନତାର ଶତବାର୍ଷିକୀର ନିକଟତର ହେଉଥିବାବେଳେ, ଏହି ସମୟ ରାଜ୍ୟର ଆର୍ଥିକ ଏବଂ ସାମାଜିକ ଢାଞ୍ଚାକୁ ପୁନର୍ଗଠନ କରିବାର ଏକ ଅସାଧାରଣ ସୁଯୋଗ ପ୍ରଦାନ କରେ । ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ର ଆକାଂକ୍ଷାକୁ ହାସଲ କରିବା ନିରନ୍ତର ପୁଞ୍ଜି ବିନିଯୋଗ ଉପରେ ନିର୍ଭର କରିବ ଯାହା ପ୍ରାଥମିକତା, ସମାବେଶୀ ଏବଂ ଫଳାଫଳ ଭିତ୍ତିକ ହୋଇଥିବ । ପୁଞ୍ଜି ନିବେଶ ପ୍ରତି ରାଜ୍ୟର ଆଭିମୁଖ୍ୟ କେବଳ ଅଭିବୃଦ୍ଧି ଉପରେ ନୁହେଁ, ବରଂ ଆଞ୍ଚଳିକ ସ୍ତରରେ ସନ୍ତୁଳିତ, ଜନକୈନ୍ଦ୍ରିକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଥିବା ପ୍ରଗତିକୁ ସକ୍ଷମ କରିବା ଉପରେ ମଧ୍ୟ ଧ୍ୟାନ ଦେଇଥାଏ ।

### ନିବେଶର ବ୍ୟାପକତା ଓ ରଣନୀତି

ଏହି ଭିଜନକୁ ସାକାର କରିବା ଲାଗି ୨୦୪୭ ସୁଦ୍ଧା ଓଡ଼ିଶାରେ ସର୍ବମୋଟ୍ ୭୦-୮୦ ଲକ୍ଷ କୋଟି ଟଙ୍କାର ନିବେଶ କରାଯିବାର ଆବଶ୍ୟକତା ରହିଛି, ତେବେ ୨୦୩୬ ସୁଦ୍ଧା ୫୦ ହଜାର କୋଟି ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥା ହେବା ଲାଗି ପ୍ରଥମ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିବା ନିମନ୍ତେ ଏହାର ଭାଗ ହାସଲ କରିବା ଜରୁରୀ ।ଏହା ନିମ୍ନ ଅନୁରୂପ ହେବ:

- ବାର୍ଷିକ ହାରାହାରି ନିବେଶ-ଜିଏସଡିପି ଅନୁପାତ ୩୦-୩୫%, ଯାହା ବିଶ୍ୱ ଉଚ୍ଚ-ଅଭିବୃଦ୍ଧି କ୍ଷେତ୍ର ସହିତ ମେଳ ଖାଇଥାଏ
- ସାର୍ବଜନୀନ ପାଣ୍ଠି, ଘରୋଇ ପୁଞ୍ଜି, ଭାଗିଦାରୀ ଏବଂ ଅଭିନବ ଆର୍ଥିକ ବ୍ୟବସ୍ଥା ସହିତ ଜଡ଼ିତ ଏକ ବିବିଧ ପାଣ୍ଠି ଯୋଗାଣ ଆଭିମୁଖ୍ୟ

**ଓଡ଼ିଶାର ନାମମାତ୍ର ଜିଏସଡିପି (ବାସ୍ତବ ଅଭିବୃଦ୍ଧି ହାର)**
ଲକ୍ଷ କୋଟି ଟଙ୍କାରେ




[1] ମୁଦ୍ରାସ୍ଫୀତି ବିଚାରକୁ ନିଆଯାଇଛି-୫.୧% (୧୨ ବର୍ଷର ଐତିହାସିକ ତଥ୍ୟ); ୟୁଏସଡି-ଆଇଏନଆର ମୁଦ୍ରା ମୂଲ୍ୟ ହ୍ରାସ ୨.୬% (୨୦ ବର୍ଷର ଐତିହାସିକ ତଥ୍ୟ)
[2] ସଂଖ୍ୟା ବାସ୍ତବ ଜିଏସଡିପିସିଏ ଜିଆରକୁ ପ୍ରତିନିଧିତ୍ୱ କରେ; ବ୍ୟବସାୟ-ସ୍ୱାଭାବିକ ସିଏଜିଆର୍ ଆର୍ଥିକ ବର୍ଷ ୧୨-୨୦ (ପ୍ରାକ୍-କୋଭିଡ) ପାଇଁ ସିଏଜିଆର୍ ଭାବରେ ଗଣନା କରାଯାଇଛି ।
[3] ୨୦୨୯,୨୦୩୬ ଏବଂ ୨୦୪୭ ଆର୍ଥିକ ବର୍ଷ ୨୮, ଆର୍ଥିକ ବର୍ଷ ୩୭, ଏବଂ ଆର୍ଥିକ ବର୍ଷ ୪୮ କୁ ପ୍ରତିନିଧିତ୍ୱ କରେ; ୪ ବିଶ୍ୱ ବ୍ୟାଙ୍କ

### ଆମେ କେଉଁଠି ନିବେଶ କରିବା - କ୍ଷେତ୍ରୀୟ ପ୍ରାଥମିକତା

ଆର୍ଥିକ ଉତ୍ପାଦକତା ଏବଂ ନାଗରିକ କଲ୍ୟାଣ ଉପରେ ସିଧାସଳଖ ପ୍ରଭାବ ପକାଇବା ଭଳି କ୍ଷେତ୍ରଗୁଡ଼ିକରେ ରାଜ୍ୟର ପୁଞ୍ଜି ନିବେଶକୁ କେନ୍ଦ୍ରୀଭୂତ କରାଯିବ ।

**ମାନବ ପୁଞ୍ଜି ବିକାଶ**

**ଭିଜନର କେନ୍ଦ୍ରରେ ରହିଛି ଲୋକଙ୍କ ଉପରେ ନିବେଶ କରିବା । ଓଡ଼ିଶା ନିର୍ଦ୍ଧାରିତ ଲକ୍ଷ୍ୟ:**

- ୨୦୪୭ ମସିହା ସୁଦ୍ଧା ଉଚ୍ଚଶିକ୍ଷାରେ ଚାରିଗୁଣ ନାମଲେଖା, ୨୦୩୬ ସୁଦ୍ଧା ଦୃଢ଼ ପ୍ରୋତ୍ସାହନ
- ଶିଳ୍ପ ଆବଶ୍ୟକତା ଅନୁଯାୟୀ ଧନ୍ଦାମୂଳକ ଏବଂ ବୈଷୟିକ ଦକ୍ଷତାର ସମ୍ପ୍ରସାରଣ
- ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ପୁଷ୍ଟିସାଧନ, ପରିମଳ, ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ ସେବାଗୁଡ଼ିକର ଅନ୍ତିମ ପର୍ଯ୍ୟାୟ ଉପଲବ୍ଧିକୁ ସୁନିଶ୍ଚିତ କରିବା

**ଭିତ୍ତିଭୂମି ଏବଂ ଯୋଗାଯୋଗ**

**ଆଧୁନିକ, ସମନ୍ୱିତ ମୌଳିକ ଭିତ୍ତିଭୂମି ସମାବେଶୀ ଅଭିବୃଦ୍ଧିକୁ ସୁଦୃଢ଼ କରିବ । ପ୍ରାଥମିକତାରେ ସାମିଲ ରହିଛି:**

- ବିଭିନ୍ନ ଅଞ୍ଚଳରେ ସଡ଼କ, ବନ୍ଦର, ରେଳ ଏବଂ ବିଦ୍ୟୁତ ବ୍ୟବସ୍ଥାର ଉନ୍ନତିକରଣ
- କୃଷି ଏବଂ ଉତ୍ପାଦନକୁ ସହାୟତା କରିବା ପାଇଁ ଲଜିଷ୍ଟିକ୍ସ ହବ୍, ଶୀତଳ ଭଣ୍ଡାର ଶୃଙ୍ଖଳ ଏବଂ ଭଣ୍ଡାର ରକ୍ଷଣର ବିକାଶ
- ବ୍ରଡବ୍ୟାଣ୍ଡ ସୁବିଧା ଏବଂ ସାର୍ବଜନୀନ ଡିଜିଟାଲ୍ ଭିତ୍ତିଭୂମିର ସମ୍ପ୍ରସାରଣ

**ଉତ୍ପାଦନକ୍ଷମ କ୍ଷେତ୍ର ଏବଂ ଗ୍ରାମୀଣ ଜୀବିକା**

**ନିବେଶ ପ୍ରମୁଖ କ୍ଷେତ୍ରରେ ମୂଲ୍ୟ ଶୃଙ୍ଖଳ ସମ୍ପ୍ରସାରଣରେ ସହାୟକ ହେବ:**

- କୃଷିର ଆଧୁନିକୀକରଣ ଏବଂ ଜଳସେଚନ ଓ ଜଳ ସୁରକ୍ଷାର ଅଭିବୃଦ୍ଧି
- ବିବିଧ ଗ୍ରାମୀଣ ଆୟ ପାଇଁ ନୀଳ ଅର୍ଥବ୍ୟବସ୍ଥା ଏବଂ ପଶୁପାଳନକୁ ସହାୟତା କରିବା
- ଲକ୍ଷ୍ୟ ରଖାଯାଇଥିବା ଭିତ୍ତିଭୂମି ଜରିଆରେ ଏମଏମଏସଏମଇ, ଷ୍ଟାର୍ଟ-ଅପ୍ ଏବଂ ଶିଳ୍ପ ସମୂହକୁ ସୁଦୃଢ଼ କରିବା

**ସହରାଞ୍ଚଳ ବିକାଶ ଏବଂ ଆବାସ**

**ଭବିଷ୍ୟତରେ ଜନସଂଖ୍ୟା ବୃଦ୍ଧିକୁ ବାସସ୍ଥାନ ଯୋଗାଇବା ପାଇଁ ଓଡ଼ିଶା ନିଜର ସହର ଓ ନଗରଗୁଡ଼ିକୁ ପ୍ରସ୍ତୁତ କରିବ:**

- ସୁଲଭ ବାସଗୃହ ଏବଂ ସ୍ଥାୟୀ ସହରାଞ୍ଚଳ ଯୋଜନାକୁ ତ୍ୱରାନ୍ୱିତ କରିବା
- ସାର୍ବଜନୀନ ପରିବହନ ଏବଂ ବର୍ଜ୍ୟ ପରିଚାଳନା ବ୍ୟବସ୍ଥାର ଉନ୍ନତି
- ସ୍ମାର୍ଟ ସିଟି ବିକାଶ ଏବଂ ପ୍ରତିରୋଧୀ ପୌର ଭିତ୍ତିଭୂମିକୁ ସୁଗମ କରିବା

**ପରିବେଶ ଏବଂ ଜଳବାୟୁ ପ୍ରତିରୋଧୀତା**

**ପରିବେଶ ସୁରକ୍ଷା ଏବଂ ଜଳବାୟୁ ପ୍ରତିରୋଧୀତା ନିମ୍ନଲିଖିତ ମାଧ୍ୟମରେ ନିର୍ମାଣ କରାଯିବ:**

- ସୌର ଶକ୍ତି, ସବୁଜ ହାଇଡ୍ରୋଜେନ୍ କ୍ଷମତା ଏବଂ ପମ୍ପ ଦ୍ୱାରା ନିଷ୍କାସିତ ଜଳ କ୍ଷମତାର ସମ୍ପ୍ରସାରଣ
- ବନୀକରଣ, ଆର୍ଦ୍ରଭୂମି ସଂରକ୍ଷଣ ଏବଂ ଉପକୂଳ ସୁରକ୍ଷା କ୍ଷେତ୍ରରେ ନିବେଶ କରିବା
- ଆଗୁଆ ଚେତାବନୀ ଏବଂ ବିପର୍ଯ୍ୟୟ ନିମନ୍ତେ ପ୍ରସ୍ତୁତି ବ୍ୟବସ୍ଥାକୁ ସୁଦୃଢ଼ କରିବା

**ସୁଶାସନ ଏବଂ ଉତ୍ତମ ସେବା ପ୍ରଦାନ**

**ସୁଶାସନ ସମ୍ବଳର ପ୍ରଭାବୀ ଉପଯୋଗକୁ ଗୁରୁତ୍ୱ ଦେଇଥାଏ । ନିବେଶ ନିମ୍ନଲିଖିତ ଦିଗଗୁଡ଼ିକରେ ନିବେଶ କାର୍ଯ୍ୟକାରୀ ହେବ:**

- ନାଗରିକ ସେବା ଏବଂ ବ୍ୟାକଏଣ୍ଡ ସିଷ୍ଟମର ଡିଜିଟାଇଜେସନ୍
- ବାସ୍ତବ-ସମୟ ନିରୀକ୍ଷଣ ଏବଂ ଯୋଜନା ଉପକରଣ ପ୍ରତିଷ୍ଠା କରିବା
- ବିଭାଗ ଏବଂ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ସଂସ୍ଥାଗତ କ୍ଷମତା ବୃଦ୍ଧି କରିବା

**ଆମେ କିପରି ପୁଞ୍ଜି ସଂଗ୍ରହ କରିବା ?**

**ବିଭିନ୍ନ ଆର୍ଥିକ ଉତ୍ସକୁ ଏକତ୍ରିତ କରିବାର ଆବଶ୍ୟକତାକୁ ଓଡ଼ିଶା ସ୍ୱୀକାର କରିଛି ଓ ନିମ୍ନ ପଦକ୍ଷେପଗୁଡ଼ିକ ଗ୍ରହଣ କରିବ । ଓଡ଼ିଶା ନିମ୍ନ ପଦକ୍ଷେପ ଗ୍ରହଣ କରିବ:**

- ଶିକ୍ଷା ଏବଂ ସବୁଜ ଶିଳ୍ପ ସମେତ କ୍ଷେତ୍ର-ନିର୍ଦ୍ଦିଷ୍ଟ ନିବେଶ ପ୍ରୋତ୍ସାହନ ନୀତିକୁ କାର୍ଯ୍ୟକାରୀ କରାଯିବ
- ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ କୌଶଳ କ୍ଷେତ୍ରରେ ସରକାରୀ-ଘରୋଇ ଭାଗିଦାରୀ (ପିପିପି) କୁ ସୁଗମ କରାଯିବ
- ପ୍ରମୁଖ ଜିଲ୍ଲାଗୁଡ଼ିକରେ ସ୍ୱତନ୍ତ୍ର ନିବେଶ କ୍ଷେତ୍ର (ଏସଆଇଆର) ଏବଂ ଶିକ୍ଷା ନିବେଶ କ୍ଷେତ୍ରର ବିକାଶ କରାଯିବ
- ସିଏସଆର ଯୋଗଦାନକାରୀ, ପରୋପକାରୀ ଅନୁଷ୍ଠାନ ଏବଂ ବିକାଶ ସମ୍ବଳିତ ଆର୍ଥିକ ସଂସ୍ଥାଗୁଡ଼ିକ ସହିତ ସହଭାଗିତା କରାଯିବ ।
- ନିବେଶ ଅନୁମୋଦନ ଏବଂ ପ୍ରକଳ୍ପ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ପ୍ରକଳ୍ପ ନିରୀକ୍ଷଣ ଏବଂ ସୁବିଧା ପ୍ରଦାନକାରୀ ୟୁନିଟକୁ କାର୍ଯ୍ୟକ୍ଷମ କରାଯିବ

**୨୦୩୬: ଏକ ନିର୍ଣ୍ଣାୟକ ମାଇଲଖୁଣ୍ଟ**

**୨୦୩୬ ମସିହାରେ ଓଡ଼ିଶା ଏହାର ଶତବାର୍ଷିକୀ ପାଳନ କରିବା ଅବସରରେ ରଖିଥିବା ଲକ୍ଷ୍ୟ ସମୂହ:**

- ଏହାର ଆର୍ଥିକ ଉତ୍ପାଦନରେ ପାଞ୍ଚ ଗୁଣ ବୃଦ୍ଧି ହାସଲ
- ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକା କ୍ଷେତ୍ରରେ ମାନବ ସମ୍ବଳ ବିକାଶ ସୂଚକାଙ୍କରେ ଯଥେଷ୍ଟ ଉନ୍ନତିକରଣ
- ବଡ ଗ୍ରାମୀଣ ଏବଂ ଆଦିବାସୀ ଅଞ୍ଚଳରେ ଭିତ୍ତିଭୂମିର ସମ୍ପ୍ରସାରଣ
- କୃଷି, ସେବା ଏବଂ ଶିଳ୍ପ କ୍ଷେତ୍ରରେ ଲକ୍ଷ ଲକ୍ଷ ଔପଚାରିକ ଏବଂ ଅନୌପଚାରିକ ନିଯୁକ୍ତି ସୃଷ୍ଟି
- ୨୦୪୭ର ବ୍ୟାପକ ଲକ୍ଷ୍ୟ ହାସଲ ପାଇଁ ଏକ ସୁଦୃଢ଼ ମୂଳଦୁଆ ସ୍ଥାପନ

**ଆମର ମାର୍ଗଦର୍ଶକ ନୀତିସମୂହ:**

**ସମସ୍ତ ନିବେଶ ନିଷ୍ପତ୍ତି ନିମ୍ନୋକ୍ତ ନୀତିଗୁଡ଼ିକ ଦ୍ୱାରା ପରିଚାଳିତ ହେବ:**

- **ଲୋକଙ୍କୁ ପ୍ରାଥମିକତା:** ପ୍ରତ୍ୟେକ ନିବେଶ ଦ୍ୱାରା ଜୀବନର ଗୁଣବତ୍ତା ଏବଂ ସୁଯୋଗରେ ଉନ୍ନତି ହେବା ଆବଶ୍ୟକ
- **ସନ୍ତୁଳିତ ବିକାଶ:** ଯେଉଁ ଅଞ୍ଚଳ ଏବଂ ସମ୍ପ୍ରଦାୟଗୁଡ଼ିକ ଲକ୍ଷ୍ୟବଦ୍ଧ ସମର୍ଥନ ଆବଶ୍ୟକ କରନ୍ତି, ସେମାନଙ୍କ ଉପରେ ବିଶେଷ ଧ୍ୟାନ ଦିଆଯିବ ।
- **ଦୀର୍ଘସ୍ଥାୟିତ୍ୱ:** ଜଳବାୟୁ-ସ୍ମାର୍ଟ ଏବଂ ପରିବେଶ ପ୍ରତି ଉତ୍ତରଦାୟୀ ନିବେଶ ଅଭ୍ୟାସ
- **ଦକ୍ଷତା ଏବଂ ପାରଦର୍ଶିତା:** ଖର୍ଚ୍ଚ ହେଉଥିବା ପ୍ରତ୍ୟେକ ଟଙ୍କା ପାଇଁ ସୁଶାସନ ଏବଂ ଉତ୍ତରଦାୟିତ୍ୱ ପ୍ରଦାନ ।

ଓଡ଼ିଶାର ଭବିଷ୍ୟତରେ ନିବେଶ କରିବାର ଅର୍ଥ ପରିଶେଷରେ ଏହାର ଲୋକମାନଙ୍କ ପାଇଁ ନିବେଶ କରିବା ।
ସମାବେଶୀ ବିକାଶକୁ ଗୁରୁତ୍ୱ ଦେଇ ଏବଂ ସୁଦୃଢ଼ ଅନୁଷ୍ଠାନ ଓ ଭିତ୍ତିଭୂମି ନିର୍ମାଣକୁ ପ୍ରାଥମିକତା ଦେଇ ରାଜ୍ୟ ସହଭାଗୀ ସମୃଦ୍ଧି ପାଇଁ ଏକ ମାର୍ଗ ସୃଷ୍ଟି କରୁଛି । ରଣନୀତିକ ଯୋଜନା, ସ୍ୱଚ୍ଛ କାର୍ଯ୍ୟକାରିତା ଏବଂ ବ୍ୟାପକ ଭାଗିଦାରୀ ଜରିଆରେ ଓଡ଼ିଶା ନିଜର ଲକ୍ଷ୍ୟ ହାସଲ କରିବା ଦିଗରେ ଉତ୍ତମ ସ୍ଥିତିରେ ରହିବ ଏବଂ ଭାରତରେ ନ୍ୟାୟସଙ୍ଗତ ଅଭିବୃଦ୍ଧି ପାଇଁ ଏକ ଆଦର୍ଶ ଭାବେ ଉଭା ହେବ ।

## ୭. କାର୍ଯ୍ୟକାରିତା ରଣନୀତି: ଏକ ଜନମଙ୍ଗଳକାରୀ ସରକାର ଜରିଆରେ ଭିଜନକୁ ସାକାର କରିବା

ଓଡ଼ିଶା ସରକାର ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ କୁ ଏହାର ସମସ୍ତ ନାଗରିକଙ୍କ ପାଇଁ ଦୃଶ୍ୟମାନ,ପରିମାପଯୋଗ୍ୟ ଏବଂ ଦୀର୍ଘସ୍ଥାୟୀ ଫଳାଫଳରେ ପରିଣତ କରିବାକୁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ଏକ ପ୍ରକୃତ ଜନସାଧାରଣଙ୍କ ସରକାର ଭାବେ, ଏହି ଭିଜନ କେବଳ ଏକ ନୀତିଗତ ରୂପରେଖ ନୁହେଁ - ଏହା ପୂରଣ କରିବାର ଏକ ପ୍ରତିଶ୍ରୁତି । ଏହି କାର୍ଯ୍ୟକାରିତା ରଣନୀତି "ସମ୍ପୂର୍ଣ୍ଣ ସରକାର, ସମ୍ପୂର୍ଣ୍ଣ ସମାଜ'' ଦୃଷ୍ଟିକୋଣ ଉପରେ ଆଧାରିତ, ଯାହା ନାଗରିକମାନଙ୍କୁ ଯୋଜନା, କାର୍ଯ୍ୟକାରିତା ଏବଂ ପ୍ରଭାବର କେନ୍ଦ୍ରରେ ରଖିଥାଏ । ଏହା ସଂସ୍ଥାଗତ ଉତ୍ତରଦାୟିତ୍ୱ, ନୀତି ନବସୃଜନ ଏବଂ ନାଗରିକ ଅଂଶଗ୍ରହଣକୁ ଏକତ୍ର କରିଥାଏ ଯାହା ଦ୍ୱାରା ଭିଜନକୁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ, ସଠିକତା ଏବଂ ଭାଗିଦାରୀ ସହିତ ସାକାର କରାଯାଇପାରିବ ।

### କ "୩୬ ଫର୍ ୩୬' ଫ୍ଲାଗସିପ୍ କାର୍ଯ୍ୟକ୍ରମ ମାଧ୍ୟମରେ ମିଶନ-ମୋଡ କାର୍ଯ୍ୟକାରିତା

୨୦୩୬ ମସିହା ସୁଦ୍ଧା-ଓଡ଼ିଶା ଗଠନର ୧୦୦ ବର୍ଷ ପୂରଣ ଅବସରରେ-ପରିବର୍ତ୍ତନକାରୀ ଫଳାଫଳ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ୩୬ଟି ଉଚ୍ଚ ପ୍ରଭାବ ସମ୍ପନ୍ନ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି ।ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ଭିତ୍ତିଭୂମି, ସ୍ୱଚ୍ଛ ଶକ୍ତି, ସହରାଞ୍ଚଳ ରୂପାନ୍ତରଣ ଏବଂ ପ୍ରଶାସନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ରୁତ ବିକାଶ ପାଇଁ ଏହି କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରାଯାଇଛି

**ପତ୍ୟେକ କାର୍ଯ୍ୟକ୍ରମ ନିମ୍ନ ଦିଗ ପ୍ରତି ଗୁରୁତ୍ୱ ଦେବ:**

- ଭିଜନର ଛଅଟି ସ୍ତମ୍ଭ ଏବଂ ୨୫ଟି ବିଷୟଗତ କ୍ଷେତ୍ର ସହିତ ଯୋଡ଼ି ହୋଇଥିବା ଏକ ରଣନୀତିକ ପ୍ରାଥମିକତା ଉପରେ ଧ୍ୟାନ ପ୍ରଦାନ
- ସ୍ପଷ୍ଟ ଦାୟିତ୍ୱ, ମାଇଲଖୁଣ୍ଟ ଏବଂ ବଜେଟ୍ ସହିତ ଏକ ନୋଡାଲ ବିଭାଗ ନେତୃତ୍ୱରେ ଆଗକୁ ବଢ଼ିବାର ଲକ୍ଷ୍ୟ
- ଯୋଜନାଗୁଡ଼ିକର ସମନ୍ୱୟ, ତଥ୍ୟର ସମନ୍ୱୟନ ଏବଂ ସେବା ପ୍ରଦାନ କ୍ଷେତ୍ରରେ ନବସୃଜନକୁ ପ୍ରୋତ୍ସାହନ ଦେବା
- ସମାବେଶୀ ଏବଂ ମାପଯୋଗ୍ୟ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା

ଏହି ୩୬ଟି କାର୍ଯ୍ୟକ୍ରମ ଭିଜନର ପରିଚାଳନାଗତ ଆଧାର ଗଠନ କରିଥାଏ ଏବଂ ଏହାକୁ ମିଶନ ମୋଡରେ କାର୍ଯ୍ୟକାରୀ କରାଯିବ ।



# ୩୬ ପାଇଁ ୩୬: ବିକଶିତ ଓଡ଼ିଶା ପାଇଁ ନୀତିଗତ ପ୍ରୟାସ

୧ **ସମୃଦ୍ଧ ଚାଷୀ –**
ମୂଲ୍ୟ ଶୃଙ୍ଖଳଠାରୁ ଆୟ ସୁରକ୍ଷା ପର୍ଯ୍ୟନ୍ତ

୨ **ସମସ୍ତଙ୍କର ପାଇଁ ଜଳସେଚନ-**
ଓଡ଼ିଶାର ଉତ୍ପାଦକତା ସମ୍ଭାବନାକୁ ସାକାର କରିବା

୩ **କୃଷି ଆନୁସଙ୍ଗିକ କାର୍ଯ୍ୟକଳାପ ଉପରେ ଧ୍ୟାନ –**
ଦୁଗ୍ଧ, ଅଣ୍ଡା ଏବଂ ଉଦ୍ୟାନକୃଷି ଉତ୍ପାଦନ ବୃଦ୍ଧି

୪ **ଆରୋଗ୍ୟ ଓଡ଼ିଶା ୨୦୩୬ –**
ଶସ୍ତା, ସୁଲଭ ଏବଂ ଆକାଂକ୍ଷିତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା

୫ **ଫିଟ୍ ଓଡ଼ିଶା –**
ସକ୍ରିୟ ଶରୀର, ସ୍ଥିର ମସ୍ତିଷ୍କ

୬ **ସମସ୍ତଙ୍କର ପାଇଁ ପୋଷଣ-**
ପରିପୁଷ୍ଟ ଓ ସୁସ୍ଥ ଓଡ଼ିଶା ଗଠନ

୭ **ନିପୁଣ ଓଡ଼ିଶା –**
ଆଜୀବନ ସଫଳତା ପାଇଁ ଦୃଢ଼ ମୂଳଦୁଆ ସ୍ଥାପନ

୮ **ପୂର୍ବାଞ୍ଚଳର ଶିକ୍ଷା ହବ୍ –**
ଜ୍ଞାନରେ ଉନ୍ନତି ଆଣିବା ଓ ବିଭିନ୍ନ ପିଢ଼ିର ସଶକ୍ତିକରଣ କରିବା

୯ **କୁଶଳୀ ଓଡ଼ିଶା –**
ବିଶ୍ୱ ପାଇଁ ଦକ୍ଷତା ବିକାଶ

୧୦ **ମହିଳାଙ୍କ ନେତୃତ୍ୱାଧୀନ ବିକାଶ-**
ସୁଭଦ୍ରା ପ୍ଲସ୍ ଏବଂ ଲକ୍ଷପତି ଦିଦି

୧୧ **ଡିଜିଟାଲ ସୁଶାସନ –**
ଓଡ଼ିଶାର ନାଗରିକ ପ୍ରଥମ ଜନାଭିମୁଖୀ ସୁଶାସନ

୧୨ **ନାଗରିକ-କୈନ୍ଦ୍ରିକ ଆଇନକାନୁନ୍**
ସ୍ମାର୍ଟ, ସମ୍ବେଦନଶୀଳ ଏବଂ ବାଧାମୁକ୍ତ ପୁଲିସ ବ୍ୟବସ୍ଥା

୧୩ **ବିକଶିତ ଓଡ଼ିଶା ପାଇଁ ପରବର୍ତ୍ତୀ ପିଢ଼ିର ଭିତ୍ତିଭୂମି**

୧୪ **ଗ୍ରାମ୍ୟ ଶକ୍ତି –**
ସମ୍ମାନଜନକ ଜୀବିକା ଏବଂ ଶୂନ୍ୟ ସ୍ଥାନାନ୍ତରଣ ପାଇଁ ସହାୟକ

୧୫ **ସହରୀକରଣ**
**ଏକ ବିକାଶ ଇଞ୍ଜିନ୍**

୧୬ **ସମସ୍ତଙ୍କର ପାଇଁ ବାସଯୋଗ୍ୟ ସହର-**
ସହରୀ ଗୁଣାତ୍ମକ ମାନ ବୃଦ୍ଧି

୧୭ **ଓଡ଼ିଆ ଅସ୍ମିତା –**
ଓଡ଼ିଆ ଶାଶ୍ୱତ ଆତ୍ମାର ସମ୍ମାନ

୧୮ **ସମାବେଶୀ ଓଡ଼ିଶା ସାମାଜିକ-**
ଅର୍ଥନୈତିକ ଏବଂ ଆଞ୍ଚଳିକ ଅସମାନତାର ମୁକାବିଲା

## ୩୬ ପାଇଁ ୩୬: ବିକଶିତ ଓଡ଼ିଶା ପାଇଁ ନୀତିଗତ ପ୍ରୟାସ (ଜାରିରହିଛି)

**୧୯** **ଯୁବଶକ୍ତି ଓଡ଼ିଶା -**
ଯୁବଶକ୍ତି ସମ୍ପନ୍ନ ସମାବେଶୀ ବିକାଶ

**୨୦** **ଉଦ୍ୟୋଗ ଓଡ଼ିଶା -**
ରାଜ୍ୟର ଶିଳ୍ପ ପ୍ରଗତିକୁ ପ୍ରୋତ୍ସାହନ

**୨୧** **ନିଯୁକ୍ତି ଉପରେ ଗୁରୁତ୍ୱ -**
ଶିଳ୍ପାନୁଷ୍ଠାନ ସୃଷ୍ଟି

**୨୨** **ଆମ ଉଦ୍ୟୋଗ:**
ଓଡ଼ିଶା ପାଇଁ ୨୦ ଲକ୍ଷ ଦୃଢ଼
ଏମଏସଏମଇ ଆଧାର

**୨୩** **ପୂର୍ବାଞ୍ଚଳର ଷ୍ଟାର୍ଟଅପ୍ କେନ୍ଦ୍ର -**
ତୃଣମୂଳସ୍ତରରୁ ବିଶ୍ୱସ୍ତରୀୟ ଚାମ୍ପିଅନ୍

**୨୪** **କାରୀଗର ଶକ୍ତି -**
ଓଡ଼ିଶାର କାରିଗରଙ୍କ
ଶକ୍ତିକୁ ଉଜ୍ଜୀବିତ କରିବା

**୨୫** **ଓଡ଼ିଶା କନେକ୍ଟ -**
ବାଧାମୁକ୍ତ ବାଣିଜ୍ୟ କରିଡର ନିର୍ମାଣ

**୨୬** **ସାମୁଦ୍ରିକ ଅର୍ଥବ୍ୟବସ୍ଥା ନେତୃତ୍ୱ-**
ଓଡ଼ିଶାର ଉପକୂଳ ଶକ୍ତିକୁ ଉନ୍ମୋଚନ

**୨୭** **ବନ୍ଦର ନେତୃତ୍ୱାଧୀନ ବିକାଶ -**
ଓଡ଼ିଶାର ଭବିଷ୍ୟତକୁ ସଶକ୍ତ କରିବା

**୨୮** **ପେଟ୍ରୋ ଓଡ଼ିଶା -**
ଭାରତର ରାସାୟନିକ
ବିକାଶ ବଳୟ ନିର୍ମାଣ

**୨୯** **ଖଣି ଏବଂ ଧାତୁ-**
ନେତୃତ୍ୱ ବଜାୟ ରଖିବା,
ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା

**୩୦** **ଦୀର୍ଘସ୍ଥାୟୀ ଶକ୍ତି ଦିଗରେ ପରିବର୍ତ୍ତନ-**
ଓଡ଼ିଶାର ସବୁଜ ଭବିଷ୍ୟତକୁ ଶକ୍ତି ଯୋଗାଇବା

**୩୧** **ବିଶ୍ୱ ପର୍ଯ୍ୟଟନର ନୂତନ ସୀମା-**
ଭାରତ ଚେତନାରେ ଓଡ଼ିଶା

**୩୨** **ଡାଟା ସେଣ୍ଟର୍ ଗ୍ରିଡ୍ -**
ଭାରତର ଡିଜିଟାଲ ଆଧାର,
ଓଡ଼ିଶାରେ ନିର୍ମିତ

**୩୩** **ଜିସିସି ହବ୍-**
ଓଡ଼ିଶାକୁ ପରବର୍ତ୍ତୀ ବିତରଣ
ମହାଶକ୍ତିରେ ପରିଣତ କରିବା

**୩୪** **ଟେକ୍ ଓଡ଼ିଶା -**
ସିଲିକନରୁ ସଫ୍ଟୱେର୍ ପର୍ଯ୍ୟନ୍ତ

**୩୫** **ସବୁଜ ଓଡ଼ିଶା -**
ଜଳବାୟୁ ପ୍ରଭାବ, ଜୀବିକା ଓ ବିକାଶ
ଲକ୍ଷ୍ୟରେ ଜଙ୍ଗଲ ସୃଷ୍ଟି

**୩୬** **ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ମିଶନ -**
ଜଳବାୟୁ ମୁକାବିଲା ପ୍ରସ୍ତୁତିରେ
ଏକ ବିଶ୍ୱସ୍ତରୀୟ ମାନକ

### ଖ. ବିଭାଗୀୟ ଦାୟିତ୍ୱ ଏବଂ ଦୂରଦୃଷ୍ଟିସମ୍ପନ୍ନ ଯୋଜନା

**ପ୍ରତ୍ୟେକ ବିଭାଗ ଭିଜନକୁ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ - ରଣନୀତିକ ଉଦ୍ଦେଶ୍ୟକୁ କାର୍ଯ୍ୟକ୍ରମର ରୂପ ଦେବା ଏବଂ ଲକ୍ଷ୍ୟ ହାସଲ କରିବା ନିମନ୍ତେ ବିଭାଗଗୁଡ଼ିକ ନିମ୍ନଦତ୍ତ ପଦକ୍ଷେପ ନେବେ:**

- ଭିଜନ ୨୦୩୬ ଏବଂ ୨୦୪୭ ହାସଲ କରିବା ପାଇଁ କ୍ଷେତ୍ର-ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିବେ
- ପ୍ରଚଳିତ ଯୋଜନା ଏବଂ ନୂତନ ପଦକ୍ଷେପ ସବୁକୁ ସୁସଂହତ ରୋଡ୍‌ମ୍ୟାପ୍ ଅନୁଯାୟୀ କାର୍ଯ୍ୟକାରୀ କରିବେ
- ଉତ୍କର୍ଷତା କେନ୍ଦ୍ର ସୃଷ୍ଟି କଲା ଭଳି ସଂସ୍କାରମୂଳକ ପଦକ୍ଷେପ ନେବେ
- ସ୍ୱଚ୍ଛତା ଏବଂ କାର୍ଯ୍ୟପ୍ରଣାଳୀ ସଂଶୋଧନ ପାଇଁ ଏକ ପ୍ରଦର୍ଶନ ଡ୍ୟାସବୋର୍ଡ ମାଧ୍ୟମରେ ନିୟମିତ ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିବେ

ଏହି ମଡେଲ ଦାୟିତ୍ୱର ରୂପରେଖକୁ ସ୍ପଷ୍ଟ କରିବା ସହ ଆନ୍ତଃ-କ୍ଷେତ୍ରୀୟ ଅବସ୍ଥାକୁ ସମନ୍ୱିତ ଓ କ୍ରିୟାଶୀଳ କରିବ ।

### ଗ. ନୀତିଗତ ସାମର୍ଥ୍ୟ ଏବଂ ଆନୁଷ୍ଠାନିକ ସୁଦୃଢ଼ୀକରଣ

**ବିତରଣକୁ ଫଳପ୍ରଦ କରିବା ପାଇଁ ସମର୍ଥନ ସ୍ୱରୂପ ଓଡ଼ିଶା, ଶାସନତନ୍ତ୍ର ଓ ନିବେଶ ମଧ୍ୟରେ ଏକ ଉତ୍ତରଦାୟୀ ଇକୋସିଷ୍ଟମ ସୃଷ୍ଟି କରିବା ଏଥିରେ ଅନ୍ତର୍ଭୁକ୍ତ ରହିଛି:**

- ବିଶ୍ୱସ୍ତରୀୟ ସାମର୍ଥ୍ୟ କେନ୍ଦ୍ର (ଜିସିସି), ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଶିକ୍ଷା କ୍ଷେତ୍ରରେ ନିବେଶ ଏବଂ ଦୀର୍ଘସ୍ଥାୟିତ୍ୱ ଭଳି ଉଚ୍ଚ ଅଗ୍ରାଧିକାର କ୍ଷେତ୍ରରେ ପରବର୍ତ୍ତୀ ପିଢ଼ି ପାଇଁ ନୀତି ଉପସ୍ଥାପନ କରାଯିବ ।
- କ୍ରସ୍-କଟିଂ ପ୍ରାଥମିକତାକୁ ଗୁରୁତ୍ୱ ଦେଇ ସମନ୍ୱିତ ପଦକ୍ଷେପ ନେବାକୁ ସୁନିଶ୍ଚିତ କରିବା ନିମନ୍ତେ ଟାସ୍କ ଫୋର୍ସ ଏବଂ ଆନ୍ତଃବିଭାଗୀୟ ଦଳ ପ୍ରତିଷ୍ଠା କରାଯିବ
- ବାସ୍ତବ-ସମୟ ଆଧାରରେ ନିରୀକ୍ଷଣ କରିବା ପାଇଁ ଡାଟା ସିଷ୍ଟମ୍, ଫିଡବ୍ୟାକ୍ ଲୁପ ଏବଂ ଡିଜିଟାଲ୍ ପ୍ଲାଟଫର୍ମକୁ ସୁଦୃଢ଼ କରାଯିବ
- ମଞ୍ଜୁରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଆନ୍ତଃ-ଏଜେନ୍ସି ସମନ୍ୱୟ ବୃଦ୍ଧି କରିବା ଏବଂ କାର୍ଯ୍ୟକାରିତା ପାଇଁ ସହାୟତା ପ୍ରଦାନ କରିବା ଲାଗି ଏକ ପ୍ରକଳ୍ପ ସୁବିଧା ପ୍ରଦାନ ଓ ନିରୀକ୍ଷଣ ୟୁନିଟ୍ (ପିଏଫଏମୟୁ) ସୃଷ୍ଟି କରାଯିବ

ଏହି ଭିଜନର ଆକାର ଓ ଗମ୍ଭୀରତାକୁ ବୁଝି ଓଡ଼ିଶାର ଅନୁଷ୍ଠାନଗୁଡ଼ିକ ଯେ ପ୍ରସ୍ତୁତ ରହିଛନ୍ତି ତାହା ଏହି ବ୍ୟବସ୍ଥା ପ୍ରମାଣିତ କରେ ।

### ଘ. ସାମୂହିକ ନିର୍ମାଣ: ସମଗ୍ର ସମାଜର ଯୋଗଦାନ

ଲୋକମାନଙ୍କ ସରକାର ଭାବେ ଓଡ଼ିଶା ଜାଣେ ଯେ, ସଫଳ କାର୍ଯ୍ୟାନ୍ୱୟନ ପାଇଁ ପ୍ରାଶାସନିକ ସେବା ପ୍ରଦାନଠାରୁ ବାହାରକୁ ଯିବାକୁ ପଡ଼ିବ ଏଥିପାଇଁ ନାଗରିକ, ନାଗରିକ ସମାଜ ଏବଂ ଅନୁଷ୍ଠାନଗୁଡ଼ିକର ସକ୍ରିୟ ସହଯୋଗ ଅନ୍ତର୍ଭୁକ୍ତ ହେବା ଦରକାର ।

**ସେଥିପାଇଁ ସରକାର:**

- ଶିଳ୍ପ ସଂସ୍ଥା ଏବଂ ବ୍ୟାବସାୟିକ ନେତୃବର୍ଗଙ୍କର ସହଭାଗିତାରେ ନିବେଶ ରଣନୀତି ଏବଂ ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ମିଳିତ ଭାବେ ବିକାଶ କରିବେ
- ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ନୀତି ଗବେଷଣା, ନବସୃଜନ ପରୀକ୍ଷଣ ଏବଂ ଦକ୍ଷତା ବିକାଶ ପାଇଁ ନିୟୋଜିତ କରିବେ
- ନାଗରିକ ସମାଜ ସଂଗଠନ, ଏସଏଚଜି, ଯୁବ ସ୍ୱେଚ୍ଛାସେବୀ ଏବଂ ପଞ୍ଚାୟତଗୁଡ଼ିକ ମିଳିତ ଭାବେ ଲୋକଙ୍କ ନିକଟରେ ପହଞ୍ଚିବା, ବିଶ୍ୱାସ ସୃଷ୍ଟି କରିବା ଏବଂ ସେବା ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ କାମ କରିବେ
- ଜାତୀୟ ଏବଂ ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କଠାରୁ ଅନ୍ତର୍ଦୃଷ୍ଟି ହାସଲ କରିବା ସହ ତାହାକୁ ବିଶ୍ୱର ସର୍ବୋତ୍ତମ ପଦକ୍ଷେପ ସହ ଯୋଡ଼ି ଓଡ଼ିଶାର ବିକାଶ ମଡେଲକୁ ସମନ୍ୱିତ କରିବେ

### ଢ. ଆନୁଷ୍ଠାନିକ ସାମର୍ଥ୍ୟ ଏବଂ ବାସ୍ତବ-ସମୟ ପ୍ରଶାସନକୁ ସୁଦୃଢ଼ କରିବା

**ଭିଜନ ୨୦୩୬ ଏବଂ ୨୦୪୭ ର ଆକାର ଏବଂ ମହତ୍ୱାକାଂକ୍ଷାକୁ ପୂରଣ କରିବା ପାଇଁ, ରାଜ୍ୟ ପକ୍ଷରୁ ପରବର୍ତ୍ତୀ ପିଢ଼ିର ଆନୁଷ୍ଠାନିକ ବ୍ୟବସ୍ଥାକୁ ପ୍ରସ୍ତୁତ କରାଯିବ। ପ୍ରଶାସନକୁ ତ୍ୱରିତ, ଉତ୍ତରଦାୟୀ ଏବଂ ଉଚ୍ଚ କାର୍ଯ୍ୟଦକ୍ଷତା ସମ୍ପନ୍ନ କରିବ। ପ୍ରତ୍ୟେକ ବିଭାଗ ଯେପରି ଉଦ୍ଦେଶ୍ୟ, ସଠିକତା ଏବଂ ଗତିଶୀଳ ହେବାକୁ ପ୍ରସ୍ତୁତ ରହିବ ତାହା ସୁନିଶ୍ଚିତ କରିବା ପାଇଁ ଏହି ବ୍ୟବସ୍ଥାଗୁଡ଼ିକର ପରିକଳ୍ପନା କରାଯିବ।**

- **ବିଭାଗଗୁଡ଼ିକରେ ଜ୍ଞାନ ଭାଗିଦାରଙ୍କ ନିଯୁକ୍ତି:** ବୈଷୟିକ ସହାୟତା ପ୍ରଦାନ କରିବା, କାର୍ଯ୍ୟାନ୍ୱୟନ କ୍ଷମତାକୁ ସୁଦୃଢ଼ କରିବା ଏବଂ ଉଚ୍ଚ ପ୍ରଭାବ ସମାଧାନର ମିଳିତ-ବିକାଶ ପାଇଁ ରାଜ୍ୟ ପ୍ରମୁଖ ବିଭାଗଗୁଡ଼ିକରେ ଉତ୍ସର୍ଗୀକୃତ ଜ୍ଞାନ ଅଂଶୀଦାରମାନଙ୍କୁ ନିୟୋଜିତ କରିବ। ଏହି ଅଂଶୀଦାରମାନେ ବିଭାଗୀୟ ଦଳଗୁଡ଼ିକ ସହିତ ମିଶି ସେବା ପ୍ରଦାନ ବ୍ୟବସ୍ଥା ପ୍ରସ୍ତୁତ କରିବ, ସାମର୍ଥ୍ୟ ବ୍ୟବଧାନକୁ ଦୂର କରିବା ଏବଂ ରଣନୀତିକ ନିର୍ଦ୍ଦେଶକୁ ପରିମାଣାତ୍ମକ ଫଳାଫଳରେ ରୂପାନ୍ତରିତ କରିବା ପାଇଁ କାର୍ଯ୍ୟ କରିବେ।
- **ବାସ୍ତବ-ସମୟ ନିରୀକ୍ଷଣ ଏବଂ ନିଷ୍ପତ୍ତିଗତ ସହାୟତା ପାଇଁ କେନ୍ଦ୍ରୀଭୂତ ନିର୍ଦ୍ଦେଶ କେନ୍ଦ୍ର:** ସମ୍ପୂର୍ଣ୍ଣ ସରକାରୀ କଳ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ବାସ୍ତବ ସମୟରେ କ୍ରିୟାଶୀଳ ହେବା ପାଇଁ ମୁଖ୍ୟ ସଚିବଙ୍କ ନେତୃତ୍ୱରେ ସେଣ୍ଟ୍ରାଲାଇଜଡ୍ କମାଣ୍ଡ ସେଣ୍ଟର ପ୍ରତିଷ୍ଠା କରାଯିବ। ଏହି କେନ୍ଦ୍ରଗୁଡ଼ିକରେ ଉନ୍ନତ ଡ୍ୟାସବୋର୍ଡ ଏବଂ ବିଶ୍ଳେଷଣ ସହିତ ଷ୍ଟ୍ରାଟେଜିକ୍ ସପୋର୍ଟ ୟୁନିଟ୍ (ଏସଏସୟୁ) ରହିବ, ଯାହା ପ୍ରମୁଖ ପ୍ରଦର୍ଶନ ସୂଚକଗୁଡ଼ିକୁ ଟ୍ରାକ୍ କରିବ, କାର୍ଯ୍ୟକ୍ରମ ଫଳାଫଳର ମୂଲ୍ୟାଙ୍କନ କରିବ ଏବଂ ସମୟୋଚିତ କାର୍ଯ୍ୟପନ୍ଥା ସଂଶୋଧନକୁ ସୁଗମ କରିବ।

ମିଳିତ ଭାବେ, ଏହି ସଂସ୍ଥାଗତ ମଡେଲ ଓଡ଼ିଶାର ମିଶନ ଅଧାରିତ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବ - ଏହା ଭିଜନକୁ ଗତିଶୀଳ, ନାଗରିକ-କୈନ୍ଦ୍ରିକ ଏବଂ ପ୍ରମାଣ ଆଧାରିତ ନିଷ୍ପତ୍ତି ଉପରେ ପର୍ଯ୍ୟବସିତ ହେବାକୁ ସୁନିଶ୍ଚିତ କରିବ। ରାଜ୍ୟର ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ଖାପଖୁଆଇବା କ୍ଷମତାକୁ ସୁଦୃଢ଼ କରିବା ଦ୍ୱାରା ଓଡ଼ିଶା ଏହାର ଦୀର୍ଘକାଳୀନ ଆକାଂକ୍ଷାକୁ ଦ୍ରୁତ, ବ୍ୟାପକ ଏବଂ ବିଶ୍ୱସନୀୟତାର ସହିତ ହାସଲ କରିବା ପାଇଁ ଉନ୍ନତ ସ୍ଥିତିରେ ରହିବ।

ଏହି ସମ୍ମିଳିତ ଦୃଷ୍ଟିକୋଣ ଓଡ଼ିଶାର ବିକାଶକୁ ଏହାର ଲୋକଙ୍କ ସହିତ, ସେମାନଙ୍କ ଦ୍ୱାରା ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ବିଶ୍ୱାସକୁ ମଜବୁତ କରିବ।

ଦୃଢ଼ ସଂସ୍ଥାଗତ ଦାୟିତ୍ୱବୋଧ, ଦୂରଦୃଷ୍ଟିସମ୍ପନ୍ନ ନୀତି ଏବଂ ନାଗରିକମାନଙ୍କ ସକ୍ରିୟ ଅଂଶଗ୍ରହଣ ଜରିଆରେ ଓଡ଼ିଶା ସରକାର ନିଜର ପ୍ରତିଶ୍ରୁତି ପୂରଣ କରିବା ପାଇଁ ପ୍ରସ୍ତୁତ ରହିଛନ୍ତି। ୩୬ ପାଇଁ ୩୬ ଫ୍ଲାଗସିପ୍ କାର୍ଯ୍ୟକ୍ରମ ନିମନ୍ତେ ୩୬ଟି ରୂପାନ୍ତରଣର ଇଞ୍ଜିନ ଭାବରେ କାର୍ଯ୍ୟ କରିବ, ଯାହା ୨୦୩୬ ସୁଦ୍ଧା ପ୍ରତ୍ୟେକ ଜିଲ୍ଲା, ସମ୍ପ୍ରଦାୟ ଏବଂ ପରିବାରକୁ ପରିକଳ୍ପିତ ପ୍ରଗତିର ଅନୁଭବ ଦେବାକୁ ସୁନିଶ୍ଚିତ କରିବ। ଏହା ହେଉଛି ଉତ୍ତରଦାୟିତ୍ୱ ସହିତ ଶାସନ ପରିଚାଳନା କରିବା, ଯାହା ଜନସାଧାରଣଙ୍କ ବିଶ୍ୱାସ ଏବଂ ସାମୂହିକ ଉଦ୍ଦେଶ୍ୟ ଆଧାରରେ ନିର୍ମିତ ଏକ ପ୍ରକୃତ ଜନସାଧାରଣଙ୍କ ସରକାରର ପରିଚୟ।



## ୮. ଉପସଂହାର: ଲୋକଙ୍କ ପାଇଁ ପ୍ରତିଶ୍ରୁତି ପୂରଣ - ଏକ ସହଭାଗୀ ଯାତ୍ରା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ତ ଆଶୀର୍ବାଦ ସହିତ, ରାଜ୍ୟ ସରକାର ପ୍ରତ୍ୟେକ ନାଗରିକଙ୍କ ପାଇଁ ସମ୍ମାନଜନକ, ସମାବେଶୀ ଏବଂ ସୁଯୋଗରେ ପରିପୂର୍ଣ୍ଣ ଭବିଷ୍ୟତକୁ ରୂପ ଦେବା ପାଇଁ ନିଜର ଅତୁଟ ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରେ । ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ଏକ ଗମ୍ଭୀର ପ୍ରତିଜ୍ଞା ଭାବରେ ଛିଡ଼ା ହୋଇଛି-ଏକ ଲୋକାଭିମୁଖୀ ସରକାରଙ୍କ ତରଫରୁ ନିଜର ନାଗରିକଙ୍କୁ ଏକ ପ୍ରତିଶ୍ରୁତି ପ୍ରଦାନ କରେ ଯାହା ସେମାନଙ୍କର ଆକାଂକ୍ଷା ଉପରେ ଆଧାରିତ ଏବଂ ସେମାନଙ୍କ ସ୍ୱର ଦ୍ୱାରା ପରିଚାଳିତ ।

ଏହି ଭିଜନ କେବଳ ନୀତି ଏବଂ କାର୍ଯ୍ୟକ୍ରମର ଏକ ରୂପରେଖ ନୁହେଁ ବରଂ ଏହା ପିଢ଼ି ପରେ ପିଢ଼ି ବିଭିନ୍ନ ବର୍ଗର ନାଗରିକମାନଙ୍କ ଦ୍ୱାରା ବ୍ୟକ୍ତ କରାଯାଉଥିବା ବିଚାର, ଚିନ୍ତାଧାରା ଏବଂ ସ୍ୱପ୍ନର ଜୀବନ୍ତ ଅଭିବ୍ୟକ୍ତି । ବିଚାରବିମର୍ଶ, ବାର୍ତ୍ତାଳାପ ଏବଂ କର୍ମଶାଳା ମାଧ୍ୟମରେ ୩.୨ ଲକ୍ଷରୁ ଅଧିକ ଯୋଗଦାନ ଦ୍ୱାରା ପ୍ରସ୍ତୁତ ଏହି ଭିଜନ ଯୁବବର୍ଗ ଓ ବୟସ୍କ, ଶ୍ରମିକ ଓ ପେସାଦାର, ଗବେଷକ ଓ କୃଷକ, ଉଦ୍ୟୋଗୀ ଓ ସେବା ପ୍ରଦାନାକରୀମାନଙ୍କ ଭଳି ବ୍ୟକ୍ତିଙ୍କ ସାମୂହିକ ଜ୍ଞାନକୁ ସମାନ ଭାବରେ ପ୍ରତିଫଳିତ କରେ ।

ଆମେ ୨୦୩୬ ରେ ଆମ ରାଜ୍ୟ ଗଠନର ଶତବାର୍ଷିକୀ ଆଡ଼କୁ ଅଗ୍ରସର ହେଉଥିବା ସମୟରେ ଏବଂ ୨୦୪୭ ରେ ଭାରତର ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବାକୁ ପ୍ରସ୍ତୁତ ହେବା ବେଳେ ଏହି ମୁହୂର୍ତ୍ତ କେବଳ ମନେ ପକାଇବାଠାରୁ ଯଥେଷ୍ଟ କିଛି ଅଧିକ ଆହ୍ୱାନ କରେ । ଏହା ବିଶ୍ୱସନୀୟତାର ସହିତ କାର୍ଯ୍ୟାନୁଷ୍ଠାନ, ଉଦ୍ଦେଶ୍ୟ ସହିତ ଅଂଶଗ୍ରହଣ ଏବଂ ଉତ୍ତରଦାୟିତ୍ୱ ସହିତ ଶାସନ ଦାବି କରେ ।

୨୦୩୬ ମସିହା ସୁଦ୍ଧା ୫୦ ହଜାର କୋଟି ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥାରେ ପରିଣତ ହେବା ଏବଂ ୨୦୪୭ ମସିହା ସୁଦ୍ଧା ୧.୫ ଲକ୍ଷ କୋଟି ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥାରେ ପରିଣତ ହେବା ଲାଗି ଏହି ଭିଜନରେ ରୂପରେଖ ପ୍ରସ୍ତୁତ କରାଯାଇଛି - ପ୍ରତ୍ୟେକ ନାଗରିକ ଯେପରି ଏହି ପ୍ରଗତିରେ ସହଭାଗୀ ହେବେ ତାହା ସୁନିଶ୍ଚିତ କରାଯାଇଛି । କୋଟି କୋଟି ନୂତନ ନିଯୁକ୍ତି ସୃଷ୍ଟି କରିବା, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ବୃଦ୍ଧି, ଭିତ୍ତିଭୂମିର ଆଧୁନିକୀକରଣ, ନବସୃଜନକୁ ପ୍ରୋତ୍ସାହିତ କରିବା ଏବଂ ଆମର ପ୍ରାକୃତିକ ତଥା ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବାର ଲକ୍ଷ୍ୟ ରଖାଯାଇଛି ।

ଏହା ଏପରି ଏକ ଯାତ୍ରା ଯାହା କୌଣସି ସରକାର ଏକାକୀ କରିପାରିବେ ନାହିଁ । ଏହାକୁ ପ୍ରତ୍ୟେକ ପଦକ୍ଷେପରେ ଲୋକମାନଙ୍କ ଦ୍ୱାରା ସହଭାଗିତା ଏବଂ ସହଯୋଗରେ ରୂପ ଦେବା ଆବଶ୍ୟକ । ଏହି ଭିଜନ ସାମାଜିକ ଗୋଷ୍ଠୀ, ନାଗରିକ ସମାଜ, ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ବିକାଶ ଅଂଶୀଦାରମାନଙ୍କଠାରୁ ସକ୍ରିୟ ସହଯୋଗକୁ ଆମନ୍ତ୍ରଣ କରେ । ଏକ ଉନ୍ନତ ଭବିଷ୍ୟତର ସମ୍ଭାବନା ଉପରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ବିଚାର, ମାଲିକାନା ଏବଂ ଶକ୍ତିକୁ ଏହା ସ୍ୱାଗତ କରେ ।

ଆସନ୍ତୁ ଏହି ଭିଜନକୁ ଏକ ସମନ୍ୱିତ ଆନ୍ଦୋଳନରେ ପରିଣତ କରିବା - ଏପରି ଏକ ଆନ୍ଦୋଳନ ଯାହା ଆମର ସାମୂହିକ ପରିଚୟକୁ ପ୍ରତିଫଳିତ କରିବ, ଆମ ଏକତାକୁ ସୁଦୃଢ଼ କରିବ ଏବଂ ଏକାଠି ଏକ ଭବିଷ୍ୟତ ଗଢ଼ିବା ଲାଗି ଆମର ବିଶ୍ୱାସକୁ ପୁନଃ ଜାଗ୍ରତ କରାଏ ।

ଓଡ଼ିଶା ସରକାର ସମସ୍ତ ଯୋଗଦାନକାରୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛନ୍ତି ଏବଂ ପ୍ରତ୍ୟେକ ନାଗରିକଙ୍କୁ ଏହି ଭିଜନର ସଂରକ୍ଷକ ହେବାକୁ ଆହ୍ୱାନ କରୁଛନ୍ତି । ଆମର ଅନୁଷ୍ଠାନଗୁଡ଼ିକ ଉପରେ ବିଶ୍ୱାସ, ଆମର ଐତିହ୍ୟ ଉପରେ ଗର୍ବ, ଏବଂ ଲୋକଙ୍କ ଶକ୍ତି ଉପରେ ଆସ୍ଥା ସହିତ ଆମେ ଏହି ସ୍ୱପ୍ନକୁ ବାସ୍ତବ ରୂପ ଦେଇପାରିବ ।

ମିଳିତ ଭାବେ, ସଂକଳ୍ପ ଏବଂ ଉତ୍ତରଦାୟିତ୍ୱ ସହିତ, ଆସନ୍ତୁ ଆମେ ଏକ **ବିକଶିତ ଓଡ଼ିଶା** ଗଠନ କରିବା- ଏପରି ଏକ ରାଜ୍ୟ ଯାହା ସହାନୁଭୂତି ସହିତ ଆଗକୁ ବଢ଼ିବ, ଉତ୍କର୍ଷତା ସହିତ ଶାସନ କରିବ ଏବଂ ପ୍ରତ୍ୟେକଙ୍କ ପ୍ରାଣକୁ ସ୍ପର୍ଶ କରିବ ।

**ବନ୍ଦେ ଉତ୍କଳ ଜନନୀ**

**ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା**

# ଭିଜନ ଡକ୍ୟୁମେଣ୍ଟ

୨୦୩୬ | ୨୦୪୭

ଯୋଜନା ଓ ସଂଯୋଜନ ବିଭାଗ,
ଓଡ଼ିଶା ସରକାର